• Vol.- 46, Issue No. 8
• Wednesday, 8 April 2026
• ବୁଧବାର, ୮ ଏପ୍ରିଲ ୨୦୨୬
• Bhubaneswar
• Price: Rs. 2.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

# ଇରାନ ସଭ୍ୟତାର ହେବ ଅନ୍ତ

★ ଏଭଳି ମୁଁ ଚାହୁଁନି, ମାତ୍ର ଏଭଳି ହିଁ ହେବ: ଟ୍ରମ୍ପ
★ ଆମ ସଭ୍ୟତାକୁ କେହି ଶେଷ କରିପାରିବେ ନାହିଁ: ଇରାନ ରାଷ୍ଟ୍ରପତି



ନୂଆଦିଲ୍ଲୀ,୭।୪: ମଧ୍ୟପ୍ରାଚ୍ୟରେ ଜାରି ଯୁଦ୍ଧର ବିଭୀଷିକା ମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପ ଇରାନକୁ ଅନ୍ତିମ ଚେତାବନୀ ଦେଇଛନ୍ତି। ଖାର୍ଗ ଦ୍ୱୀପକୁ ଆକ୍ରମଣ ପରେ, ଟ୍ରମ୍ପ ନିଜ ସୋସିଆଲ ମିଡିଆରେ କରିଥିବା ପୋଷ୍ଟ ସାରା ବିଶ୍ୱକୁ ଚକିତ କରିଛି । ଏହି ପୋଷ୍ଟରେ ଟ୍ରମ୍ପ କହିଛନ୍ତି, 'ଇରାନରେ ଏକ ସଭ୍ୟତାର ଅନ୍ତ ହେବାକୁ ଯାଉଛି।' ଏହା ସହ ଏକ ଅପରିବର୍ତ୍ତନୀୟ ବିପର୍ଯ୍ୟୟ ମଧ୍ୟ ଘଟିବ। ଏପରି ଚେତାବନୀ ସହ 'ସମ୍ପୂର୍ଣ୍ଣ ଶାସନ ପରିବର୍ତ୍ତନ' ପାଇଁ ମଧ ସେ ଆହ୍ୱାନ କରିଛନ୍ତି। ସେ ଚେତାବନୀ ଦେଇ କହିଛନ୍ତି, ଯଦି ସ୍ଥିତି ନ ବଦଳଲେ ତେବେ ରାତିରେ ଏକ ସଭ୍ୟତାର ସମ୍ପୂର୍ଣ୍ଣ ଭାବରେ ଅନ୍ତ ହୋଇଯିବ, ଯାହାକି ଆଉ କେବେ ଫେରିବନି। ଏଭଳି ମୁଁ ଚାହୁଁନି, ମାତ୍ର ଏଭଳି ହିଁ ହେବ ; ଯାହା ବିଶ୍ୱର ଦୀର୍ଘ ଏବଂ ଜଟିଳ ଇତିହାସର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତଗୁଡ଼ିକ ମଧ୍ୟରୁ ହେବ ଅନ୍ୟତମ । ୪୭ ବର୍ଷର ଅର୍ଥ ଆଦାୟ, ଦୁର୍ନୀତି ଏବଂ ମୃତ୍ୟୁ ରୂପରେ ଶେଷରେ ଅନ୍ତ ହେବ। ଇରାନର ମହାନ ଲୋକଙ୍କ ଉପରେ ଇଶ୍ୱରଙ୍କ ଆଶୀର୍ବାଦ ରହୁ।' ଅପରପକ୍ଷେ ଇରାନ ରାଷ୍ଟ୍ରପତି ମସୁଦ ପେଜେସ୍କିୟାନ କହିଛନ୍ତି ଇରାନର ୧.୪ କୋଟି ଲୋକ ମରିବାକୁ ପ୍ରସ୍ତୁତ। ଆମେ ଇରାନର ସୁରକ୍ଷା ଓ ଅସ୍ମିତା ପାଇଁ ନିଜକୁ ତ୍ୟାଗ ମଧ କରିପାରୁ । ଇରାନ ପକ୍ଷରୁ ଆହୁରି କୁହାଯାଇଛି ଯେ ଆମ ସଭ୍ୟତାକୁ କେହି ଶେଷ କରିପାରିବେ ନାହିଁ। ଦେଶରୁ ସୁରକ୍ଷା ଆମ ପାଇଁ ପ୍ରାଥମିକତା।

## ଖାର୍ଗ ଦ୍ୱୀପକୁ ଆମେରିକାର ଆକ୍ରମଣ

### ରେଲୱେ ବ୍ରିଜ ଉଡ଼ାଇଲା ଇସ୍ରାଏଲ

ତେହେରାନ,୭।୪: ଇରାନୀ ଗଣମାଧ୍ୟମ ମେହର ନ୍ୟୁଜ୍ ଅନୁଯାୟୀ, ମଙ୍ଗଳବାର ଇରାନର ଗୁରୁତ୍ୱପୂର୍ଣ୍ଣ ତୈଳ କେନ୍ଦ୍ର ଖାର୍ଗ ଦ୍ୱୀପ ଉପରେ ଆକ୍ରମଣ ହୋଇଛି। ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ସଂଘର୍ଷର ଏକ ବଡ଼ ବୃଦ୍ଧିକୁ ଦର୍ଶାଉଛି। ତେହେରାନର ତୈଳ ଭିତ୍ତିଭୂମିର 'ମୁକୁଟ ମଣି' ଭାବରେ ବର୍ଣ୍ଣିତ ଏହି ଛୋଟ ଦ୍ୱୀପ ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ । ମାସକରୁ ଅଧିକ ଦିନ ଧରି ଚାଲିଥିବା ସାମରିକ ସଂଘର୍ଷର କେନ୍ଦ୍ରରେ ଏହା ରହିଥିଲା। ଇରାନର ଗୁରୁତ୍ୱପୂର୍ଣ୍ଣ ତୈଳ କେନ୍ଦ୍ର ଖାର୍ଗ ଦ୍ୱୀପ ଉପରେ ଆମେରିକା ଆକ୍ରମଣ କରିଛି। ଏକ ବଡ଼ ରେଲୱେ ବ୍ରିଜ୍‌କୁ ମଧ୍ୟ ଉଡାଇ ଦେଇଛି ଇସ୍ରାଇଲ। ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ସଂଘର୍ଷରେ ଏକ ତୀବ୍ରତା ବୃଦ୍ଧିକୁ ଏହା ସୂଚିତ କରୁଛି। ପର୍ସିଆନ୍ ଉପସାଗରରେ ଅବସ୍ଥିତ, ଖାର୍ଗ ଦ୍ୱୀପ ଇରାନର ପ୍ରାୟ ୯୦ପ୍ରତିଶତ ତୈଳ ରପ୍ତାନି ପରିଚାଳନା କରିଥାଏ। ଦ୍ୱୀପଟି ଭୌଗୋଳିକ ଏବଂ ଭିତ୍ତିଭୂମି ଦୃଷ୍ଟିରୁ ଇରାନକୁ ଲାଭଦାୟକ ହୋଇଆସୁଛି। ତେବେ ଏହି ଆକ୍ରମଣ ପରେ ଇରାନର ବାଣିଜ୍ୟ ଉପରେ ବଡ ଝଟକା କୁହାଯାଉଛି। କାରଣ ଏହା ବିଶ୍ୱରେ ବିଶ୍ୱ ଇନ୍ଧନ ମୂଲ୍ୟରେ ପରିବର୍ତ୍ତନ ଆଣିପାରେ। ଦ୍ୱୀପଟି କୁଏତ ଏବଂ ସାଉଦି ଆରବରେ ଥିବା ଆମେରିକୀୟ ସାମରିକ ଘାଟି ପାଖରେ ଅବସ୍ଥିତ।ଆମେରିକା ଯୁଦ୍ଧ ବନ୍ଦ ନେଇ ସମୟଅବଧି ସରିବା ପୂର୍ବରୁ ଇରାନ ଉପରେ ଆମେରିକାର ଏହି ଆକ୍ରମଣ। ଘଟିଛି। ଟ୍ରମ୍ପ ହର୍ମୁଜ ପ୍ରଣାଳୀ ମୁକ୍ତ କରିବାକୁ ଇରାନକୁ ସମୟସୀମା ଦେଇଥିଲେ। ଏହି ଆକ୍ରମଣ ସମୟରେ ଅନେକ ସେତୁ ଏବଂ ସାମରିକ ଘାଟିକୁ ମଧ ନିଶାଣ କରାଯାଇଥିଲା।

# ପାଞ୍ଚ କେଜି ଏଲ୍‌ପିଜି ଯୋଗାଣ ଏଣିକି ୨ ଗୁଣା

■ ପ୍ରବାସୀ ଶ୍ରମିକ ଓ ଛାତ୍ରଙ୍କୁ ଆଶ୍ୱସ୍ତି
■ ବୈଧ ପରିଚୟ ପତ୍ର ଦେଖାଇ ପାଇପାରିବେ ସିଲିଣ୍ଡର



ନୂଆଦିଲ୍ଲୀ, ୬।୪: ପଶ୍ଚିମ ଏସିଆରେ ଚାଲୁଥିବା ଯୁଦ୍ଧର ପ୍ରଭାବରେ ଦେଶରେ ରୋଷେଇ ଗ୍ୟାସ ଯୋଗାଣରେ ସମସ୍ୟା ସୃଷ୍ଟି ହେଉଥିବା ସମୟରେ କେନ୍ଦ୍ର ସରକାର ୫ କିଲୋଗ୍ରାମର ଛୋଟ ଏଲ୍‌ପିଜି ଗ୍ୟାସ ସିଲିଣ୍ଡର (ଫ୍ରି ଟ୍ରେଡ୍ ଏଲପିଜି-ଏଫଟିଏଲ)ର ସପ୍ଲାଇ କୋଟାକୁ ଦୁଇଗୁଣା କରିବାକୁ ଘୋଷଣା କରିଛନ୍ତି। ୫ କିଲୋଗ୍ରାମର ଏହି ଫ୍ରି ଟ୍ରେଡ୍ ଏଲପିଜି ସିଲିଣ୍ଡରର କୋଟାବୃଦ୍ଧିର ଲାଭ ସେମାନଙ୍କୁ ମିଳିବ, ଯେଉଁମାନେ ଗାଁରୁ ରୋଜଗାର କିମ୍ବା ପଢ଼ାପଢି ପାଇଁ ସହରକୁ ଆସନ୍ତି ଏବଂ ଖାଦ୍ୟ ରୋଷେଇ କରିବା ପାଇଁ କନେକ୍ସନ୍ ବିନା ଏହି ଛୋଟ ସିଲିଣ୍ଡର ବ୍ୟବହାର କରନ୍ତି। ପେଟ୍ରୋଲିୟମ ମନ୍ତ୍ରାଳୟ ଦ୍ୱାରା ଜାରି ନୋଟିଫିକେସନ୍ ଅନୁସାରେ, ୫ କିଲୋଗ୍ରାମର ଛୋଟଗ୍ୟାସ ସିଲିଣ୍ଡରର କୋଟାକୁ ଦୁଇଗୁଣା କରିବା ପାଇଁ ପୂର୍ବ ମାସର ୨ ଓ ୩ ତାରିଖ (୨ ଓ ୩ ମାର୍ଚ୍ଚ)ରେ ଓପେନ୍ ମାର୍କେଟରେ ସପ୍ଲାଇ ହୋଇଥିବା ସିଲିଣ୍ଡର ସଂଖ୍ୟାକୁ ଆଧାର ଭାବେ ଧରାଯିବ। ମନ୍ତ୍ରାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ୫ କିଲୋଗ୍ରାମର ଏହି ଛୋଟ ଏଫଟିଏଲ ସିଲିଣ୍ଡରଗୁଡ଼ିକୁ ରାଜ୍ୟର ଖାଦ୍ୟ ଓ ନାଗରିକ ଯୋଗାଣ ବିଭାଗମାନଙ୍କୁ ଯୋଗାଇ ଦିଆଯିବ ଏବଂ ଏହାର ସପ୍ଲାଇ କେବଳ ପ୍ରବାସୀମାନଙ୍କ ପାଇଁ ହେବ।ଏହି ଛୋଟ ସିଲିଣ୍ଡର ପାଇଁ ସ୍ଥାୟୀ ଗ୍ୟାସ କନେକ୍ସନ୍ ନେବାର ଆବଶ୍ୟକତା ନାହିଁ। ଦୂର ଗ୍ରାମ ଅଞ୍ଚଳରୁ ସହରକୁ ପଢ଼ିବା କିମ୍ବା କାମ କରିବା ପାଇଁ ଆସିଥିବା ଛାତ୍ରଛାତ୍ରୀ ଓ ପ୍ରବାସୀ ଶ୍ରମିକମାନେ ସ୍ଥାୟୀ ଠିକଣା ପ୍ରମାଣ ପତ୍ର ଦେବା ପରିବର୍ତ୍ତେ କେବଳ ବୈଧ ପରିଚୟ ପତ୍ର ଦେଖାଇ ସିଲିଣ୍ଡର ପାଇ ପାରିବେ।ଏହା ସହିତ, ସହରରେ ଅସ୍ଥାୟୀ ଭାବେ ରହୁଥିବା ଲୋକମାନେ, ଯେଉଁମାନଙ୍କ ପାଖରେ ସ୍ଥାୟୀ ଠିକଣା ନ ଥାଏ,ସେମାନେ ମଧ ବୈଧପରିଚୟ ପତ୍ର ଦେଖାଇ ଏହି ସିଲିଣ୍ଡର ନେଇପାରିବେ। ଏହି କାରଣରୁ ସହରରେ ରହୁଥିବା ପ୍ରବାସୀଶ୍ରମିକ ଓ ଛାତ୍ରଛାତ୍ରୀଙ୍କ ପାଇଁ ୫ କିଲୋଗ୍ରାମର ଏହି ଗ୍ୟାସ ସିଲିଣ୍ଡର ବହୁତ ଉପଯୋଗୀ ସାବ୍ୟସ୍ତ ହେଉଛି।

## ଆଜିଠୁ ରତ୍ନଭଣ୍ଡାରରେ ପୁଣି ଗଣତି



ଭୁବନେଶ୍ୱର,୭।୪: ବୁଧବାରଠାରୁ ପୁଣି ରତ୍ନଭଣ୍ଡାରରେ ଗଚ୍ଛିତ ଅଳଙ୍କାରର ଗଣତି ହେବ । ଏହା ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ । ପରେ ୧୩ ତାରିଖ ଓ ୧୬ରୁ ୧୮ ତାରିଖ ଯାଏଁ ଗଣତି ହେବ । ଗଣତି ଦିନରେ ଭିତର କାଠ ନିକଟରୁ ଦର୍ଶନ ବନ୍ଦ ହେବ । ବାହାର କାଠ ନିକଟରୁ ଭକ୍ତ ଶ୍ରୀଜିଉମାନଙ୍କୁ ଦର୍ଶନ କରିବେ । ପରବର୍ତ୍ତୀ ଗଣତି ଦିନଗୁଡିକ ଏହି ପର୍ଯ୍ୟାୟ ପରେ ଘୋଷଣା କରାଯିବ ।

### ଖଣି ଲିଜ୍‌ଧାରୀଙ୍କ ବୈଠକରେ ମୁଖ୍ୟମନ୍ତ୍ରୀ

## ଲୁହାପଥର ଉତ୍ପାଦନ ବୃଦ୍ଧି କରନ୍ତୁ

● ସ୍ଥାନୀୟ ବାସିନ୍ଦାଙ୍କ ମୌଳିକ ଆବଶ୍ୟକତା ପ୍ରତି ଦୃଷ୍ଟି ଦିଅନ୍ତୁ ଶିଳ୍ପପତି
● ଅଧିକୃତ ଜମି ସମ୍ପର୍କିତ ସୂଚନା ପାଇଁ ହେବ ଡାଟାବେସ୍



ଭୁବନେଶ୍ୱର, ୭।୪(ନିପ୍ର): ରାଜ୍ୟରେ ଲୁହାପଥର ଉତ୍ପାଦନ ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଖଣି ଲିଜଧାରୀ ଓ ଶିଳ୍ପପତିମାନଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ଲୋକସେବା ଭବନ ଠାରେ ଆୟୋଜିତ ବୈଠକରେ ମୁଖ୍ୟମନ୍ତ୍ରୀ, ରାଜ୍ୟରେ ଶିଳ୍ପାୟନ ଏବଂ ଦେଶରେ ଲୁହାପଥରର ଚାହିଦା ବୃଦ୍ଧିକୁ ଦୃଷ୍ଟିରେ ରଖି ଅଧିକ ପରିମାଣରେ ଲୁହାପଥର ଉତ୍ପାଦନ କରିବାକୁ ପରାମର୍ଶ ଦେଇଥିଲେ। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ରହିଛି ବୋଲି ମୁଖ୍ୟମନ୍ତ୍ରୀ, ଶିଳ୍ପପତି ଓ ଶିଳ୍ପ ପ୍ରତିନିଧିମାନଙ୍କୁ ଆଶ୍ୱାସନା ଦେଇଥିଲେ। ଉତ୍ପାଦନ ଓ ଡେସ୍ ପ୍ୟାଚ୍ ପ୍ରତି ଗୁରୁତ୍ୱ ଦେଇ ଏମଡିପିଏ ଅନୁଯାୟୀ ସର୍ବନିମ୍ନ ବାଧ୍ୟତାମୂଳକ ସୀମାକୁ ଦୃଷ୍ଟିରେ ରଖି ଆବଶ୍ୟକତା ଅନୁଯାୟୀ ଏହାକୁ ବୃଦ୍ଧି କରିବା ପାଇଁ ଆଲୋଚନା ହୋଇଥିଲା। ରାଜ୍ୟରେ ଖଣି ବହୁଳ ଜିଲ୍ଲାଗୁଡିକରେ ଶିଳ୍ପ ସଂଖ୍ୟା ବହୁତ କମ୍ ରହୁଛି। ତେଣୁ ସେସବୁ ଜିଲ୍ଲାରେ ଶିଳ୍ପାନୁଷ୍ଠାନ ଗଢିବା ପାଇଁ ମୁଖ୍ୟମନ୍ତ୍ରୀ ଶିଳ୍ପପତିମାନଙ୍କୁ ଆହ୍ୱାନ ଦେଇଥିଲେ। ଲୁହାପଥର ଉତ୍ପାଦନ ବୃଦ୍ଧି ପାଇଁ ଆବଶ୍ୟକ ସମସ୍ତ ସୁବିଧା ସୁଯୋଗ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ବୈଠକରେ କହିଥିଲେ। ଏଥି ସହିତ ଶିଳ୍ପପତିମାନେ ସ୍ଥାନୀୟ ବାସିନ୍ଦାଙ୍କର ମୌଳିକ ଆବଶ୍ୟକତା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସେ କହିଥିଲେ। ଶିଳ୍ପ ପ୍ରତିଷ୍ଠା ପାଇଁ ବାଧ୍ୟତାମୂଳକ ବନୀକରଣ କ୍ଷେତ୍ରରେ ବିଭିନ୍ନ ଜିଲ୍ଲାରେ ଅଧିକୃତ ଜମି ସମ୍ପର୍କରେ ସୂଚନା ପ୍ରଦାନ ପାଇଁ ଏକ ଡାଟାବେସ୍ ପ୍ରସ୍ତୁତ କରାଯାଉଛି, ଯାହା ଜରିଆରେ କେଉଁ ଜିଲ୍ଲାରେ କେତେ ଜମି ଉପଲବ୍ଧ ଅଛି ଖଣି ଲିଜ୍‌ଧାରୀ ଓ ଶିଳ୍ପପତିମାନେ ସେ ସମ୍ପର୍କରେ ଅବଗତ ହୋଇପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଇଣ୍ଡିଆନ୍ ଷ୍ଟିଲ୍ ଆସୋସିଏସନର ଅଧକ୍ଷ ତଥା ସାଂସଦ ନବୀନ ଜିନ୍ଦଲ ଓଡିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଆନ୍ତରିକତା ଓ ପ୍ରତିବଦ୍ଧତା ଭାବ ପାଇଁ ଧନ୍ୟବାଦ ଦେଇଥିଲେ।

## ୩ ଜିଲ୍ଲାରେ ଗୋମାଫିଆ ଅପରେସନ

● ୩୨ ସ୍ଥାନରେ ହେଲା ଚଢ଼ଉ
● ଭଦ୍ରକ,ବାଲେଶ୍ୱର ଓ ମୟୂରଭଞ୍ଜରେ ନଗଦ ମିଳିଲା ୫୦ ଲକ୍ଷ

ଭୁବନେଶ୍ୱର/ଭଦ୍ରକ,୧୭।୪(ନିପ୍ର): ଏସ୍‌ପି ମନୋଜ ରାଉତଙ୍କ ନିର୍ଦ୍ଦେଶରେ ଭଦ୍ରକ ର ୮ ଜଣ ଗୋରୁ ମାଫିଆଙ୍କ ଘରେ ମଙ୍ଗଳବାର ଚଢ଼ାଉ ହୋଇଥିଲା। ଚଢ଼ାଉ ସମୟରେ ସନ୍ତିଆ ନିକଟ ତକିଲ ଘରେ ୮ ଲକ୍ଷରୁ ଅଧିକ ଟଙ୍କା ସହ ଲକ୍ଷାଧିକ ମୂଲ୍ୟର ସୁନା ଗହଣା ଜବତ ସହ ଦୁଇଟି ଖଣ୍ଡା ,ଗୋଟିଏ ବନ୍ଧୁକ ଜବତ ହୋଇଛି। ସେହିପରି ପୁରୁଣାବଜ଼ାର ଥାନା ନିକଟ ଅଲାଲପୁର ଗ୍ରାମାଞ୍ଚଳ ଥାନା ନିକଟ ଗୁଜି ଦରଡ଼ାରେ ମଧ୍ୟ ଚଢ଼ାଉ ହୋଇଥିଲା। ଏଥିରେ ଡ଼ିଏସପି ୩ ଜଣ ୮ ଜଣ ଇନିସପେକ୍ଟରଙ୍କ ସହ ଛ ପ୍ଲାଟୁନ ପୋଲିସ ଫୋର୍ସ ନିୟୋଜିତ ହୋଇଥିଲେ। ପୋଲିସର ଏହି ଚଢ଼ାଉ ସମୟରେ ଗୁଜି ଦରଡ଼ା, ଅଲାଲ ପୁର. ସନ୍ତିଆ ପରି ବିଭିନ୍ନ ସ୍ଥାନରୁ ୨୨ ଲକ୍ଷରୁ ଅଧିକ ନଗଦ ଟଙ୍କା ଜବତ ହୋଇଥିଲା। ସେହିପରି ଦୁଇ କୋଟି ଟଙ୍କାରୁ ଅଧିକ ମୂଲ୍ୟର



ସୁନା ଗହଣା ମିଳିଥିବା ବେଳେ ଛ ଟି ଖଣ୍ଡା ଗୋଟିଏ ବନ୍ଧୁକ ଦୁଇଟି ବାଇକ ସହ ତିନିଟି ଚାରି ଚକିଆ ଗାଡିକୁ ପୋଲିସ ଜବତ କରିଥିବା ଏକ ସୂତ୍ରରୁ ପ୍ରକାଶ। କେବଳ ଭଦ୍ରକ ନୁହେଁ ବାଲେଶ୍ୱର, ମୟୂରଭଞ୍ଜ ଜିଲ୍ଲା ଏପରି ମୋଟ ୩୨ ଟି ସ୍ଥାନରେ ଚଢ଼ଉ ହୋଇଥିଲା। ଡିଆଇଜି ପିନାକ ମିଶ୍ର ଏହାର ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ନେଇଥିଲେ। ପ୍ରାଥମିକ ପର୍ଯ୍ୟାୟରେ ୫୦ ଲକ୍ଷରୁ ଅଧିକ ଟଙ୍କା ଜବତ କରାଯାଇଥିଲେ ହେଁ ଗଣତି ଜାରି କାରଣରୁ ଜବତ ଟଙ୍କାର ପରିମାଣ ବୃଦ୍ଧି ପାଇବ ବୋଲି କୁହାଯାଇଛି।

### ନୂତନ ମାଇଲଖୁଣ୍ଟ ସ୍ଥାପନ

## ଅମୃତ ୨.୦ କାର୍ଯ୍ୟକାରିତାରେ ଓଡ଼ିଶା ପ୍ରଥମ

### ଛୋଟ ସହରାଞ୍ଚଳ ଭିତ୍ତିଭୂମି ବିକାଶ ପାଇଁ ପୁଞ୍ଜି ନିବେଶକୁ ପ୍ରୋତ୍ସାହନ



ଭୁବନେଶ୍ୱର,୭।୪: ସହରାଞ୍ଚଳ ବିକାଶ କ୍ଷେତ୍ରରେ ଓଡ଼ିଶା ଆଉ ଏକ ଗୌରବମୟ ସଫଳତା ହାସଲ କରିଛି। 'ଅଟଳ ମିଶନ ଫର ରିଜୁଭେନେସନ ଆଣ୍ଡ ଅର୍ବାନ ଟ୍ରାନ୍ସଫର୍ମେସନ' (ଅମୃତ) ୨.୦ ର ସଫଳ କାର୍ଯ୍ୟକାରିତାରେ ସମଗ୍ର ଦେଶରେ ଓଡ଼ିଶା ପ୍ରଥମ ସ୍ଥାନ ଅଧିକାର କରି ଅଗ୍ରଣୀ ରାଜ୍ୟ ଭାବେ ଉଭା ହୋଇଛି। ସହରାଞ୍ଚଳର ପ୍ରତିଟି ପରିବାରକୁ ପାନୀୟ ଜଳ ଯୋଗାଣ ଏବଂ ଜଳାଶୟଗୁଡ଼ିକର ପୁନରୁଦ୍ଧାର କ୍ଷେତ୍ରରେ ରାଜ୍ୟର ଏହି ପ୍ରଦର୍ଶନ ଏକ ନୂତନ ମାଇଲଖୁଣ୍ଟ ସ୍ଥାପନ କରିଛି। ସାତୋଟି ଜଳ ବିଶୋଧନ ପ୍ଲାଣ୍ଟ ମାଧ୍ୟମରେ ଦୈନିକ ୪୩ ଏମଏଲଡି ଜଳ ବିଶୋଧନ କ୍ଷମତା ସୃଷ୍ଟି କରାଯାଇଛି, ଯାହାଦ୍ୱାରା ପ୍ରାୟ ୨.୮୩ ଲକ୍ଷ ନାଗରିକ ଉପକୃତ ହୋଇଛନ୍ତି। ପ୍ରମୁଖ ସହରଗୁଡ଼ିକରେ ୨୪ଘ୭ ଜଳ ଯୋଗାଣ ବ୍ୟବସ୍ଥା ସୁନିଶ୍ଚିତ ହେବା ସହ ୨.୭ ଲକ୍ଷରୁ ଅଧିକ ପରିବାରକୁ ପାଇପ୍ ଯୋଗେ ଜଳ ସଂଯୋଗ ପ୍ରଦାନ କରାଯାଇଛି। ମୋଟାମୋଟି ଭାବେ ୫ ଲକ୍ଷରୁ ଅଧିକ ସହରବାସୀ ଏହି ସେବା ଦ୍ୱାରା ସିଧାସଳଖ ଉପକୃତ ହୋଇଛନ୍ତି।ଏହି ସଫଳତା ସମ୍ପର୍କରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, "ଅମୃତ ୨.୦ ର ଶୀର୍ଷ ମାନ୍ୟତା ସହରାଞ୍ଚଳ ଭିତ୍ତିଭୂମି ଏବଂ ଜଳ ଯୋଗାଣ କ୍ଷେତ୍ରରେ ଓଡ଼ିଶାର ପ୍ରତିବଦ୍ଧତାକୁ ଦର୍ଶାଉଛି। ପ୍ରତିଟି ପରିବାରକୁ ନିରାପଦ ଜଳ ଯୋଗାଇବା ଏବଂ ସହରଗୁଡ଼ିକୁ ସକ୍ଷମ କରିବା ପ୍ରାଥମିକତା ବିକଶିତ ଓଡ଼ିଶା ଗଠନ ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।"ରାଜ୍ୟ ସରକାରଙ୍କ ପକ୍ଷରୁ 'ପାନୀୟ ଜଳ ସର୍ବେକ୍ଷଣ' ଏବଂ 'ଜୟ ହେ ଅମୃତ' ଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଜଳ ପରିଚାଳନାକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ଏଥିସହ 'ଅମୃତ ମିତ୍ର' ଏବଂ 'ଓମେନ ଫର ଟ୍ରି' ଭଳି ସାମାଜିକ ଅଭିଯାନ ମାଧ୍ୟମରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ସାମିଲ କରାଯାଇ ଜଳାଶୟର ପୁନରୁଦ୍ଧାର ଏବଂ ପରିବେଶ ସୁରକ୍ଷା କାର୍ଯ୍ୟ ଜାରି ରହିଛି। ସେହିପରି 'କ୍ରେଡିଟ ଏନହାନ୍ସମେଣ୍ଟ' ଭଳି ଅଭିନବ ଆର୍ଥିକ ବ୍ୟବସ୍ଥା ମାଧ୍ୟମରେ ଛୋଟ ଛୋଟ ସହରାଞ୍ଚଳରେ ଭିତ୍ତିଭୂମି ବିକାଶ ପାଇଁ ପୁଞ୍ଜି ନିବେଶକୁ ପ୍ରୋତ୍ସାହିତ କରାଯାଉଛି।

# ସିଜିମାଳି ରାସ୍ତା ନିର୍ମାଣକୁ ନେଇ ଖଣ୍ଡଯୁଦ୍ଧ

● ପୁଲିସ ଉପରକୁ ପଥର, ଟାଙ୍ଗିଆ ଦ୍ୱାରା ଆକ୍ରମଣ
● ପୁଲିସର ଲୁହବୁହା ଗ୍ୟାସ୍ ପ୍ରୟୋଗ
● ୫୮ ପୁଲିସ କର୍ମଚାରୀ ଆହତ,
● ବିଏନ୍‌ଏସ୍ ୧୬୩ ଧାରା ଜାରି
● ୬ ଜଣ ଚିକିତ୍ସା ପାଇଁ ବିଶାଖାପାଟଣା ସ୍ଥାନାନ୍ତରିତ





ରାୟଗଡା, ୭।୪(ନି:ପ୍ର) ରାୟଗଡା ଜିଲ୍ଲା କାଶୀପୁର ବ୍ଲକ ସୁଙ୍ଗେର ପଞ୍ଚାୟତରେ ଏକ ରାସ୍ତା ନିର୍ମାଣକୁ ନେଇ ଅଞ୍ଚଳ ଅଶାନ୍ତ ହୋଇପଡିଛି । ବକ୍ସାଇଟ ଖଣି ଗଚ୍ଛିତ ଥିବା ସିଜିମାଳି ପାହାଡ଼କୁ ରାସ୍ତା ନିର୍ମାଣ କାର୍ଯ୍ୟକୁ ବିରୋଧ କରି ସୁଙ୍ଗେର ପଞ୍ଚାୟତର କଣ୍ଟାମାଳ ଗ୍ରାମଠାରେ ପୁଲିସ ଓ ଆନ୍ଦୋଳନକାରୀଙ୍କ ମଧରେ ମୁହାଁମୁହିଁ ପରିସ୍ଥିତି ଉପୁଜିଥିଲା। ଏହି ପରିସ୍ଥିତରେ ଆନ୍ଦୋଳନକାରୀଙ୍କ ଆକ୍ରମଣରେ ୫୮ରୁ ଅଧିକ ପୁଲିସ କର୍ମଚାରୀ ଆହତ ହୋଇଛନ୍ତି। ସେମାନଙ୍କ ମଧରୁ ୯ଜଣ ଗୁରୁତର ଥିବାରୁ ରାୟଗଡ଼ା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟ ଆହତ ପୁଲିସ କର୍ମଚାରୀମାନେ କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଅପରପକ୍ଷରେ ପୁଲିସ ପକ୍ଷରୁ ଆନ୍ଦୋଳନକାରୀଙ୍କ ଉପରେ ଲୁହବୁହା ଗ୍ୟାସ୍ ପ୍ରୟୋଗ କରାଯାଇଛି। ଫଳରେ ଆନ୍ଦୋଳନକାରୀ ଛତ୍ରଭଂଗ ଦେଇଥିଲେ। ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି, ଏସ୍‌ପି ସ୍ୱାଥୀ.ଏସ୍. କୁମାରଙ୍କ ସହ ପୁଲିସର ବରିଷ୍ଠ ଅଧିକାରୀମାନେ ଘଟଣାର ତଦାରଖ କରୁଛନ୍ତି। ପରିସ୍ଥିତି ଉତ୍ତେଜନାପୂର୍ଣ ରହିଥିବା ବେଳେ ଗତକାଲି ଦିନ ବେଳେ ଜିଲ୍ଲାପାଳ ଶ୍ରୀ କୁଲକର୍ଣ ସିଜିମାଳି ରାସ୍ତା କାମକୁ ବିରୋଧ କରୁଥିବା ଗ୍ରାମବାସୀଙ୍କୁ ମାଇକ ଯୋଗେ ବୁଝାଇବାକୁ ଚେଷ୍ଟା କରିଥିଲେ । ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକର ସିଜିମାଳି ଅଞ୍ଚଳରେ ଖଣି ଖନନ ପାଇଁ ସରକାର ଅନୁମତି ଦେଇଥିବା ଯୋଗୁଁ ଏଠାରେ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ରାସ୍ତା ନିର୍ମାଣକୁ ଗ୍ରାମବାସୀ ବିରୋଧ କରୁଥିଲେ। ପୁଲିସ ବୁଝାସୁଝା କରିବା ସମୟରେ ମଙ୍ଗଳବାର ସକାଳ ପ୍ରାୟ ୫ଟା ସମୟରେ ପୁଲିସ ଓ ଉତ୍ତ୍ୟକ୍ତ ଗ୍ରାମବାସୀଙ୍କ ମଧ୍ୟରେ ଏଭଳି ଖଣ୍ଡଯୁଦ୍ଧ ହୋଇଥିବା ଜଣାପଡ଼ିଛି। ରାୟଗଡା ଏସ୍‌ପି ସ୍ୱାଥୀ ଏସ କୁମାର ଗଣମାଧ୍ୟମକୁ ସୂଚନା ପ୍ରଦାନ କରି କହିଛନ୍ତି କାଶିପୁର ଥାନାର କେସ ନଂ ୮୩ ରେ ଜଣେ ଅଭିଯୁକ୍ତ ସୁବାଷସିଂ ମାଝି ଯାହାର ନାଁରେ ୧୪ଟି କେସ ସହ ଏନବିଡବ୍ଲ୍ୟୁ ରହିଥିଲା ତାକୁ ଗିରଫ କରିବା ପାଇଁ ଆଜି ସକାଳୁ ପୁଲିସ ଯିବା ବେଳେ ୨୫୦ ଗ୍ରାମବାସୀ ମରଣାନ୍ତକ ମାରଣାସ୍ତ୍ର ବ୍ୟବହାର କରି ଅତର୍କିତ ଆକ୍ରମଣ କରିଥିଲେ ଯେଉଁଥିରେ ୫୮ ଜଣ ପୁଲିସ ଆହତ ହୋଇଥିଲେ। ନିଜର ସୁରକ୍ଷା ପାଇଁ ପୁଲିସ ଲୁହବୁହା ଗ୍ୟାସ ବ୍ୟବହାର କରିଥିବା ଏସ୍‌ପି ସ୍ୱାଥୀ ଏସ କୁମାର ସୂଚନା ଦେଇଛନ୍ତି ।






## ଅନ୍ୟ ମତରେ ରଧାଙ୍କର ଆବିର୍ଭାବ

ଅନ୍ୟ ମତ ଅନୁସାରେ, ବୃଷଭାନୁ ରାବେଲୀ (ବର୍ଷାନା)ରୁ ଆସି ବୃନ୍ଦାବନରେ ରହିବାପରେ, ଏକ ଯଜ୍ଞ କରୁଥିଲେ। ସେହି ଯଜ୍ଞକୁଣ୍ଡ ନିକଟରୁ ତାଙ୍କୁ ରାଧା ପ୍ରାପ୍ତ ହୋଇଥିଲେ। ପରବର୍ତ୍ତୀ ସମୟରେ, ସମସ୍ତ ଦେବଦେବୀ ଏକାଠି ହୋଇ ବୃନ୍ଦାବନେଶ୍ୱରୀ ଭାବରେ କୃଷ୍ଣବଲ୍ଲଭା ରାଧାଙ୍କର ମହାଭିଷେକ କରାଇଥିଲେ। ସେହି ଅଭିଷେକରେ ସାବିତ୍ରୀ ପଦ୍ମମାଳ, ସଚି ସ୍ୱର୍ଣ୍ଣସିଂହାସନ, କୁବେରପତ୍ନୀ ମନୋରମା ରତ୍ନ ଅଳଂକାର, ବରୁଣ ପତ୍ନୀ ଗୌରୀ ଛତ୍ର, ପବନପତ୍ନୀ ନବା ନୂପୁର ଆଦି ଉପହାର ପ୍ରଦାନ କରି ତାଙ୍କୁ ଅଳଙ୍କୃତ କରିଥିଲେ। ଅଷ୍ଟସଖୀ ଲଳିତା, ବିଶାଖା, ଚିତ୍ରା, ରଙ୍ଗଦେବୀ, ତୁଙ୍ଗବିଦ୍ୟା, ଚମ୍ପକଲତା, ଇନ୍ଦୁଲେଖା ଓ ସୁଦେବୀ ତାଙ୍କର ସେବା କରିଥିଲେ।

## ଆଶୀର୍ବାଦ ବହନ କରିବାର ଧାରଣା



ହିନ୍ଦୁ ରୀତିନୀତି ପ୍ରଥାରେ ଆଶୀର୍ବାଦ କିପରି ଗ୍ରହଣ କରାଯାଏ । ଯେତେବେଳେ ଭକ୍ତମାନେ ଦର୍ଶନ ପରେ ମନ୍ଦିର ଛାଡି ଯାଆନ୍ତି । ଦେବତାଙ୍କୁ ଦର୍ଶନ କରିବାର ପବିତ୍ର କାର୍ଯ୍ୟ, ସେମାନେ ସେମାନଙ୍କ ସହିତ ଦିବ୍ୟ କୃପା ବହନ କରନ୍ତି। ତେଣୁ ପ୍ରସ୍ଥାନର ମୁହୂର୍ତ୍ତକୁ ସୌଜନ୍ୟ ଓ ସମ୍ମାନ ସହିତ ବ୍ୟବହାର କରାଯାଏ। ଆହୁରି ନୀରବତା ପବିତ୍ରତାର ସେହି ଭାବନାକୁ ବଜାୟ ରଖିବାରେ ସାହାଯ୍ୟ କରେ। ଅନେକ ପୁରୋହିତ ବ୍ୟାଖ୍ୟା କରନ୍ତି ଯେ ମନ୍ଦିରର ଶକ୍ତି ଏପରି କିଛି ଯାହାକୁ ଜଣେ ନୀରବରେ ଗ୍ରହଣ କରିପାରେ । ଯେପରି ଦୀପର ଶିଖା ପବନରୁ ସୁରକ୍ଷିତ ରହିଥାଏ । ସେହିପରି ପୂଜା ସମୟରେ ମନର ଅଶାନ୍ତ ସବୁକୁ ଦୂରେଇ ରଖିବା ଉଚିତ। ଏହି ଅର୍ଥରେ, ଘଣ୍ଟି ନ ବଜାଇବା ଆପଣ ବର୍ତ୍ତମାନ ପାଇଥିବା ଆଧ୍ୟାତ୍ମିକ ଅବସ୍ଥାକୁ ରକ୍ଷା କରିବାର ଏକ ଉପାୟ ହୋଇଯାଏ।



## ୨୨ ପାହାଚ

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପୂର୍ବ ମହିମା ନିକଟରେ ସାରା ଜଗତ ମଥାନତ କରିଆସିଛି କାଳ କାଳ ଧରି । ରହସ୍ୟମୟ ଆମ ଠାକୁର କେଉଁ ଅନାଦି ଅନନ୍ତ କାଳରୁ ପବିତ୍ର ଶ୍ରୀକ୍ଷେତ୍ରରେ ପୂଜା ପାଇ ଆସୁଛନ୍ତି । ସେ ସମଗ୍ର ଓଡ଼ିଆ ଜାତିର ପ୍ରାତଃସ୍ମରଣୀୟ ଆରାଧ୍ୟ ଠାକୁର ଓ ପ୍ରାଣପ୍ରିୟ ଦେବତା । ଆମ ସମସ୍ତଙ୍କ ପାଇଁ ଆଧ୍ୟାତ୍ମିକ ଜାଗରଣର କେନ୍ଦ୍ରବିନ୍ଦୁ ହେଉଛନ୍ତି କଳାଠାକୁର । ଲୀଳାକ୍ଷେତ୍ର ଶ୍ରୀକ୍ଷେତ୍ରରେ ଅବସ୍ଥାନ କରି ସେ ଅପୂର୍ବ ମାନବୀୟ ଲୀଳା ପ୍ରକଟ କରୁଛନ୍ତି । ତାଙ୍କ ମନ୍ଦିର ଶ୍ରୀମନ୍ଦିରର ରହସ୍ୟ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ବାଇଶି ପାହାଚ ଶ୍ରୀମନ୍ଦିରର ଏକ ପ୍ରମୁଖ ଓ ଗୁରୁତ୍ୱପୂର୍ଣ୍ଣ ଅଂଶ । ମନ୍ଦିରର ମୁଖ୍ୟ ଦ୍ୱାର ଅର୍ଥାତ୍ ସିଂହଦ୍ୱାରରୁ ଭକ୍ତ ଶ୍ରୀଜିଉଙ୍କ ଦର୍ଶନ ପାଇଁ ପ୍ରବେଶ କଲାବେଳେ ବାଇଶି ପାହାଚକୁ ଅତିକ୍ରମ କରିବାକୁ ପଡ଼ିଥାଏ । ଏହାର ସ୍ୱରୂପ ଯେତିକି ଚିତ୍ତାକର୍ଷକ ସେତିକି ରହସ୍ୟମୟ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର ମହିମା ବୃଦ୍ଧି ପାଇଁ ଶ୍ରୀମନ୍ଦିରର ଯେଉଁ ଅଂଶଗୁଡ଼ିକ ଅଧିକ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିଭାଇ ଆସୁଛନ୍ତି , ତନ୍ମଧ୍ୟରୁ ବାଇଶି ପାହାଚ ଅନ୍ୟତମ । ଆଉ ଧର୍ମୀୟ ଭାବନା ଓ ଆଧ୍ୟାତ୍ମିକ ଜାଗରଣ କ୍ଷେତ୍ରରେ ବାଇଶି ପାହାଚର ଭୂମିକା ଅତ୍ୟନ୍ତ ମାର୍ମିକ ଓ ପ୍ରଭାବଶାଳୀ । ଭକ୍ତମାନଙ୍କ ପାଇଁ ବାଇଶି ପାହାଚ ହେଉଛି କୋଟିତୀର୍ଥର ସ୍ଥଳ ଓ ମୋକ୍ଷ-ମୁକ୍ତିର ପୁଣ୍ୟଭୂମି । ଓଡ଼ିଆମାନଙ୍କ ହୃଦୟରେ ଏହି ବାଇଶି ପାହାଚ ଶବ୍ଦ ହେଉଛି ଏକ ଆଧ୍ୟାତ୍ମିକ ସ୍ପନ୍ଦନ । ବାଇଶି ପାହାଚର ବାମ ପାର୍ଶ୍ୱରେ କାଶୀବିଶ୍ୱନାଥ ମନ୍ଦିର, ଶ୍ରୀରାମଚନ୍ଦ୍ର ମନ୍ଦିର , ଶ୍ରୀନୃସିଂହ ଓ ଗଣେଶ ମନ୍ଦିର ସହିତ ସରଘର ରହିଛି । ଏହି ପାହାଚର ଓସାର ୬ ଫୁଟ,ଲମ୍ବ ୭୦ ଫୁଟ ଓ ଉଚ୍ଚତା ୬ ଇଞ୍ଚ ହେବ । ଆମେ ସାଧାରଣରେ ୨୨ ଗୋଟି ପାହାଚ ରୂପେ ପ୍ରତିପାଦନ କରୁଥିଲେ ହେଁ ପ୍ରକୃତପକ୍ଷେ ଏହା ୧୭ ଟି ସଂଖ୍ୟାରେ ସୀମିତ । ସଂସ୍କୃତିବିତଙ୍କ କହିବାନୁସାରେ ପୂର୍ବରୁ ୨୨ ଗୋଟି ପାହାଚ ଥିଲା କିନ୍ତୁ କାଳକ୍ରମେ ମରାମତି ଏବଂ ଅନ୍ୟ କୌଣସି କାରଣ ନିମନ୍ତେ ଏବେ ୨୨ଟି ପାହାଚ ପରିଦୃଶ୍ୟ ହେଉନାହିଁ । ଆନନ୍ଦବଜାର ଯିବାକୁ ଥିବା ୨ ପାହାଚକୁ ମିଶାଇ ଏହି ସଂଖ୍ୟା ୨୦ ଅଟେ । ତେବେ ଏହି ସବୁ ପାହାଚର ନିର୍ମାଣ ବଉଳମାଳ ଓ ଶାଣି ପଥରରେ ହୋଇଛି । ତେବେ ଏହି ବାଇଶି ପାହାଚକୁ ମଧ୍ୟ ନିର୍ଦ୍ଦିଷ୍ଟ ନାମରେ ନାମିତ କରାଯାଇଛି । ଯଥା – ତୀବ୍ରା, କୁମୁଦବତୀ, ମନ୍ଦା, ଛନ୍ଦୋବତୀ, ଦୟାବତୀ, ରଞ୍ଜନୀ, ରତିକା, ରୌଦ୍ରା, କ୍ରୋଧା, ବଜ୍ରିକା, ପ୍ରସାରଣୀ, ବ୍ରତୀ, ମାର୍ଜନୀ, କ୍ଷିତି, ରକ୍ତା, ସାନ୍ଦିପନୀ, ଅଳପନି, ମଦନ୍ତି, ରମ୍ୟା, ଉଗ୍ରା ଓ କ୍ଷୋଭିନୀ ।

## ରାମାୟଣରୁ ପ୍ରସଙ୍ଗଟିଏ...

ରାମାୟଣରୁ ପ୍ରସଙ୍ଗଟିଏ। ମାତା ସୀତା ଲଙ୍କାରେ ଅଛନ୍ତି ବୋଲି ସମସ୍ତଙ୍କୁ ଖବର ମିଳିସାରିଥାଏ । ଶ୍ରୀରାମ, ଲକ୍ଷ୍ମଣ, ସୁଗ୍ରୀବ ଓ ଅନ୍ୟ ବାନରମାନେ ବସି ଚିନ୍ତା କରୁଥାନ୍ତି, କିଏ ଆଗ ଲଙ୍କା ଯାଇ ଦେବୀ ସୀତାଙ୍କୁ ଠାବ କରିବ । ହନୁମାନଙ୍କ କଥା କାହା ମନକୁ ଆସୁନଥାଏ । ସମସ୍ତେ ଜାଣିଥାନ୍ତି ଯେ ଅଙ୍ଗଦ ହିଁ ସବୁଠୁ ବଳଶାଳୀ ବାନର। ତେଣୁ ତାଙ୍କୁ ପ୍ରଥମେ ଲଙ୍କା ପଠାଯିବ । ଏକଥା ଅଙ୍ଗଦଙ୍କୁ ପଚରାଗଲା। ଅଙ୍ଗଦ କିନ୍ତୁ ଦ୍ୱନ୍ଦ୍ୱରେ ପଡ଼ିଲେ । କହିଲେ, ମୁଁ ଲଙ୍କା ଯାଇପାରିବି ସତ ! କିନ୍ତୁ ସେଠାରୁ ଫେରିପାରିବି କି ନାହିଁ ସନ୍ଦେହ । ଏହାପରେ ଜାମ୍ବବାନ ମୁଣ୍ଡକୁ ବୁଦ୍ଧି ଜୁଟିଲା। ସେ ଜାଣିଥାନ୍ତି ହନୁମାନ ମହାବଳଶାଳୀ, ଦିବ୍ୟଶକ୍ତି ସମ୍ପନ୍ନ। କିନ୍ତୁ ଅଭିଶାପ କାରଣରୁ ସେ ନିଜ ବଳ ବିଷୟରେ ଭୁଲି ଯାଇଛନ୍ତି । ଶେଷରେ ହନୁମାନଙ୍କୁ ତାଙ୍କ ଶକ୍ତି ବିଷୟରେ ଜାମ୍ବବାନ ପରିଚିତ କରାଇଲେ। ହନୁମାନ ଲଙ୍କା ଯାଇ ମାତା ସୀତାଙ୍କୁ ଠାବ କରିବାରେ ସଫଳ ହେଲେ। ହନୁମାନଙ୍କ ମନରେ ଆତ୍ମବିଶ୍ୱାସ ଜାଗ୍ରତ ହେବାରୁ ସେ ସଫଳ ହେଲେ। ଅଙ୍ଗଦ କିନ୍ତୁ ପାରିଲେ ନାହିଁ । ସାଧାରଣ ମଣିଷ ମଧ୍ୟ ଠିକ୍ ଅଙ୍ଗଦଙ୍କ ଭଳି ଭାବନା ପୋଷଣ କରିଥାଏ। ଦକ୍ଷତା ଥାଇ ସୁଦ୍ଧା ସୁଯୋଗ ମିଳିଲେ ତା'ର ଉପଯୋଗ କରିପାରେ ନାହିଁ । ଅନ୍ୟ ସଫଳ ବ୍ୟକ୍ତିଙ୍କୁ ଦେଖି ମଣିଷ ଭାବେ ଯେ ବୋଧହୁଏ ତା' ଦ୍ୱାରା କୌଣସି ଭୁଲ୍ ହୋଇଯାଇଛି । କିନ୍ତୁ ସୁଯୋଗ ମିଳିବା ସମୟରେ ମଣିଷ ନିଜ ଦକ୍ଷତାର ଉପଯୋଗ କରିବା ଲାଗି ଆତ୍ମବିଶ୍ୱାସ ଜୁଟାଇପାରିନଥାଏ । ଫଳରେ ସେ ସୁଯୋଗର ହାତଛଡ଼ା କରିଥାଏ। ନିଜ ଦକ୍ଷତାକୁ ଚିହ୍ନି ଆତ୍ମବିଶ୍ୱାସର ସହ ସୁଯୋଗ ସଦ୍‌ବ୍ୟବହାର କରିବା ଜରୁରୀ ।

# ମୋହମାୟା ଭେଦଭାବକୁ ହୃଦୟଙ୍ଗମ କରି ପରମବ୍ରହ୍ମକୁ ଉପଲବ୍ଧି କରିପାରିବା

## ଭଗବତ୍ ଗୀତା ହେଉଛି ପ୍ରେରଣାର ଉତ୍ସ



ଏ ମୋହ ମାୟା ସଂସାରରେ ସମସ୍ତଙ୍କ ପାଇଁ ଭଗବତ ଗୀତା ହେଉଛି ପ୍ରେରଣାର ଉତ୍ସ। ସଙ୍କଟଜନକ ପରିସ୍ଥିତି ଦେଇ ଲୋକମାନଙ୍କୁ ନିୟନ୍ତ୍ରଣ କରି ସଫଳତାର ପଥରେ ଆଗେଇ ଯିବା ପାଇଁ ଏଥିରେ ରହିଛି ଯଥେଷ୍ଟ ଶିକ୍ଷଣୀୟ ଉପଦେଶ। ଗୀତାରୁ ସେମିତି କିଛି ଉପଦେଶ ଯାହାକୁ ସମସ୍ତ ଉଦ୍ୟୋଗୀ ନିଶ୍ଚୟ ଜାଣିବା ଉଚିତ। ଏହି ଭଗବତ ଗୀତାରେ ଜୀବନରେ ସଫଳତା ହାସଲ କରିବାକୁ ହେଲେ କୁହାଯାଇଛି ଯେ ଫଳପ୍ରାପ୍ତିରୁ ଦୂରେଇ ରହି ନିଜର କର୍ତ୍ତବ୍ୟ କରି ଚାଲିଲେ ଶେଷ ଫଳ ପ୍ରାପ୍ତି ଅଜାଣତରେ ହୋଇଥାଏ। ନିଜ କ୍ରୋଧ ଉପରେ ନିୟନ୍ତ୍ରଣ ନିୟନ୍ତ୍ରଣ କରିପାରିଲେ ଆପଣାଛାଏଁ ବହୁ ସମସ୍ୟାର ସମାଧାନ ହୋଇ ପାରିବ। କ୍ରୋଧରୁ ଆସେ ଭ୍ରାନ୍ତି; ଭ୍ରାନ୍ତିରୁ ମତିଭ୍ରମ; ମତିଭ୍ରମରୁ କାରଣ ନଷ୍ଟ; କାରଣ ନଷ୍ଟରୁ ଜୀବନାଶ। ବିନା ମୋହରେ ଦକ୍ଷତାର ସହ ସବୁ ସମୟରେ ନିଜର କର୍ତ୍ତବ୍ୟ ପାଳନ ପୂର୍ବକ ମୋହ ତ୍ୟାଗ ପୂର୍ବକ କାମ କଲେ ମୋକ୍ଷ ପ୍ରାପ୍ତି ହୋଇଥାଏ । ଏ ମାୟିକ ସଂସାରରେ ମୋହ ମାୟା ଭେଦଭାବକୁ ହୃଦୟଙ୍ଗମ କରି ଏସବୁ କରିପାରିଲେ ସେହି ପରମ ଦୟାବାନ ପରମବ୍ରହ୍ମ ପରମ ପୁରୁଷକୁ ଆମେମାନେ ଉପଲବ୍ଧି କରିପାରିବା ତଥା ତାଙ୍କୁ ପ୍ରାପ୍ତ କରିପାରିବା ତଥା ସେ ଶୀଘ୍ର ଆମକୁ ମିଳିଯିବେ ।

## ନିରନ୍ତର ଆତ୍ମାକୁ ରଖ ପରମାତ୍ମାରେ

ତେବେ ଆମମାନଙ୍କ ମନରେ ଏକ ପ୍ରଶ୍ନ ଉଠେ ଯେ ଭଗବାନ୍ ଯଦି ଏତେ ଦୟାବାନ ତେବେ ଆମେ ଏତେ ଆକୁଳ ନିବେଦନ କଲେ ମଧ୍ୟ ଆମକୁ ସିଏ ଶୀଘ୍ର ମିଳନ୍ତି ନାହିଁ କାହିଁକି ? ତେବେ ଏଠାରେ ଏତିକି କୁହାଯାଇପାରେ ଯେ ବିଶ୍ୱାସ ରଖିବା ଉଚିତ ଯେ ଯାହାକିଛି ବିଳମ୍ବ ଭଗବତ୍ ମିଳନରେ ହେଉଛି, ସେସବୁ ଆମମାନଙ୍କ କଲ୍ୟାଣ ନିମନ୍ତେ ହୋଇଥାଏ ଆଉ ଏଥିରେ କୌଣସି ସନ୍ଦେହ ନାହିଁ । ବିଳମ୍ବ ଦ୍ୱାରା ଆମ ଭିତରେ ବ୍ୟାକୁଳତା ଭାବ ବୃଦ୍ଧି ପାଇଥାଏ । ଭଗବାନଙ୍କର ଦୟା ପ୍ରତି ମନୁଷ୍ୟ ତ ଅନୁମାନ କରିପାରିବ ନାହିଁ । ତାଙ୍କ ଦୟାର ଅନୁଭବ କରିବାରେ ଯେଉଁ ଆନନ୍ଦ, ତାହା ଖୁବ୍ ତୃପ୍ତିମୟୀ । ଅନ୍ତଃକରଣରେ ଯଦି ପ୍ରସନ୍ନତା ବୋଧ ହେଉନାହିଁ, କେବଳ କଳ୍ପନା କରି ନେବା ଉଚିତ କି ଅନ୍ତଃକରଣ ପ୍ରସନ୍ନତାରେ ଭରି ହୋଇରହିଛି, ତେବେ ସେହି ସଂକଳ୍ପ ସତ୍ୟ ହୋଇଉଠିବ । ଭଗବାନଙ୍କର ଦୟାରେ ସେହି ସଂକଳ୍ପ ସତ୍ୟ ହୋଇଯାଏ, ଏଥିରେ କୌଣସି ସନ୍ଦେହ ନାହିଁ । ଯାହାର ମନ ଭଲ ଭାବରେ ଶାନ୍ତ, ଯିଏ ପ୍ରପଞ୍ଚରୁ ରହିତ, ଯିଏ ସତ୍ୟନିଷ୍ଠ ସେ ନିଶ୍ଚିତ ଯୋଗୀ ପଦବାଚ୍ୟ ଆଉ ସେ ପରମବ୍ରହ୍ମ ପ୍ରାପ୍ତ ହୋଇ ଅତ୍ୟୁତ୍ତମ ଆନନ୍ଦ ପ୍ରାପ୍ତି ପାଇଥାଏ । ନିଷ୍ପାପ ଯୋଗୀ ଏହିଭଳି ନିରନ୍ତର ଆତ୍ମାକୁ ପରମାତ୍ମାରେ ଲଗାଇ ରଖି ସୁଖ ପୂର୍ବକ ପରବ୍ରହ୍ମ ପରମାତ୍ମାପ୍ରାପ୍ତି ରୂପକ ଅନନ୍ତ ଆନନ୍ଦ ଉପଲବ୍ଧି କରି ପାରନ୍ତି ।



## ଭଗବାନଙ୍କ ପ୍ରାପ୍ତିରେ ଜୀବନ ଆନନ୍ଦ

ସାଧନରେ ସୁଖ ଓ ପରିଣାମରେ ପରମସୁଖ ପ୍ରାପ୍ତିରେ ଶଙ୍କାର ସ୍ଥାନ ନାହିଁ । ତେଣୁ ପ୍ରତ୍ୟକ୍ଷ ସାଧନ କରିବା ଉଚିତ ଆଉ ତାର ସତ୍ୟତାର ପରୀକ୍ଷା ନେବା ବି ଉଚିତ। ଯେତେବେଳେ ସେହି ଆନନ୍ଦରେ ରସ ପ୍ରାପ୍ତି ହେବ, ସେତେବେଳେ ଆଉ ଅନ୍ୟ କୌଣସି ସାଧନର ଆବଶ୍ୟକତା ପଡିବ ନାହିଁ । ପ୍ରସନ୍ନତାରେ ଭଗବାନଙ୍କର ଶରଣ ନେବା ପରେ ଚିନ୍ତାର ଆଉ କୌଣସି କାରଣ ନାହିଁ ତଥା ଚିନ୍ତା ତାଠାରୁ ଯୋଜନ କୋଶ ଦୂରରେ ହିଁ ରହିବ । ଭଗବାନଙ୍କ ପ୍ରାପ୍ତିରେ ଜୀବନଟା ଆନନ୍ଦ ହିଁ ଆନନ୍ଦ ଆଉ ସେଠାରେ ଜୀଇଁବା-ମରିବାର ଖାତିର ନାହିଁ । ସେଠାରେ କୌଣସି ସାଂସାରିକ ଇଚ୍ଛାର ଅଭାବ ରହିଥାଏ । ଯେତେବେଳେ ଆନନ୍ଦରେ ମନୁଷ୍ୟର ଏଭଳି ଅବସ୍ଥା ହୋଇଥାଏ, ସେତେବେଳେ ଭଗବାନ୍ ସ୍ୱୟଂ ତାକୁ ସମ୍ଭାଳିଥାନ୍ତି । ତାହାର ଆଧାର କ'ଣ ? କେବଳ ପ୍ରଭୁ ପ୍ରେମ ଓ ପ୍ରଭୁଙ୍କର ଦୟା । ତାଠାରୁ ବଳି ଆଉ ଆଧାର କ'ଣ ହୋଇପାରେ ! ଗୋଟିଏ ଶିଶୁର ଆଧାର କ'ଣ ? କେବଳ ମାତା ଦୁଗ୍ଧ ପାନ ନିମିତ୍ତ ଶିଶୁ କ୍ରନ୍ଦନ କରିଥାଏ ଆଉ ମାତା ତାକୁ ଦୁଗ୍ଧପାନ କରାଇଥାଏ । ଏମିତି ମାତା କେବେ ସେଥିରେ ବିଳମ୍ବ କରିପାରେ, କିନ୍ତୁ ଭଗବାନ୍ ଏଭଳି ବିଳମ୍ବ କେବେ କରିପାରିବେ ନାହିଁ। ଆଉ ଯଦି କରନ୍ତି, ତେବେ ଏହା ବୁଝିବାକୁ ହେବ କି ସେଥିରେ ନିଜର ଅଧିକା କଲ୍ୟାଣ ରହିଛି ।

> ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିଜ ଶକ୍ତି ଅନୁସାରେ ସାଧନ ଜାରି ରଖିବା ଦରକାର ଆଉ ଭଗବାନଙ୍କର ଅସୀମ ଦୟାର ଅନୁଭବ କରି ମୁଗ୍ଧ ହେବା ଦରକାର । ଫଳତଃ ଏହି ସାଧନରେ ଯେତେ ସମୟ ଲଗ୍ନ ହୋଇରହିବ, ଆନନ୍ଦ ସେତିକି ସେତିକି ଅନୁଭବ ହୋଇ ଚାଲିବ ।

## ଭକ୍ତକୁ ସେ ଭଲ ଭାବରେ ଜାଣନ୍ତି

ଭଗବାନ୍ ସର୍ବଜ୍ଞ ଅଟନ୍ତି । ନିଜର ମଙ୍ଗଳ କେଉଁଥିରେ, ତାହା ସେ ଭଲ ଭାବରେ ଜାଣନ୍ତି । ଅତଏବ ତାଙ୍କ ଉପରେ ଦୃଢ ଅତୁଟ ବିଶ୍ୱାସ ରଖି କୌଣସି ପ୍ରକାର ଚିନ୍ତା କରିବ ନାହିଁ । ଯେଭଳି ଜଣେ ଚକ୍ଷୁ ବିହୀନ ବ୍ୟକ୍ତି ମଧୁ ଖାଇ ଆନନ୍ଦରେ ମଗ୍ନ ହୋଇଯାଏ, ସେହିଭଳି ଭଗବାନଙ୍କର ଦୟା ଉପରେ ବିଚାରକରି ସେଥିରେ ନିମଗ୍ନ ହୋଇଯିବା ଦରକାର, ଅନ୍ୟ କୌଣସି କଥାର ବିଚାର କରିବା ଉଚିତ ନୁହେଁ । ଭଗବାନଙ୍କ ବିଚାରରେ ରାଜି ହୋଇଯିବା ଦରକାର, ଚାହେଁ ଖାଲ ମଧ୍ୟରେ ପତିତ ହୁଅ, ସେଥିରେ କୌଣସି ଆପତ୍ତି ନାହିଁ । ସେଥିରେ ହିଁ ପ୍ରସନ୍ନ ରହିବା ଦରକାର । ଆଉ ସେହି ଭଗବତ୍ ଆନନ୍ଦର ଦୃଢତା ସହକାରେ ପ୍ରଚାର କର, ଯେପରି ଅନ୍ୟ ସମସ୍ତେ ମଧ୍ୟ ସେହି ଆନନ୍ଦରେ ମୁଗ୍ଧ ହୋଇଚାଲିବେ । ଏଭଳି ସ୍ଥିତି ହେବା ଦରକାର କି, ଯଦି ସେ ସମୟରେ କେହି ତାଙ୍କୁ ଅଗ୍ନିରେ ନିକ୍ଷେପ କରନ୍ତି ତାହା ମଧ୍ୟ ତାଙ୍କୁ ଜଣାପଡିବ ନାହିଁ । ପ୍ରଶ୍ନ ହୋଇପାରେ , ଏଭଳି ସ୍ଥିତିରେ ବିକାର ଉତ୍ପନ୍ନ ହେବା ସମ୍ଭବ, ତେବେ ସେଠାରେ ବିକାର ଉତ୍ପନ୍ନ ହେବାର କାରଣ ହିଁ ନାହିଁ । ଯଦି ବିକାର ଉତ୍ପନ୍ନ ହୁଏ, ତେବେ ତାହା ମୂର୍ଖତା ମାତ୍ର, ଅଜ୍ଞତା ହିଁ ତାହାର କାରଣ ହୋଇପାରେ । ଅତଏବ ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିଜ ଶକ୍ତି ଅନୁସାରେ ସାଧନ ଜାରି ରଖିବା ଦରକାର ଆଉ ଭଗବାନଙ୍କର ଅସୀମ ଦୟାର ଅନୁଭବ କରି ମୁଗ୍ଧ ହେବା ଦରକାର । ଫଳତଃ ଏହି ସାଧନରେ ଯେତେ ସମୟ ଲଗ୍ନ ହୋଇରହିବ, ଆନନ୍ଦ ସେତିକି ସେତିକି ଅନୁଭବ ହୋଇ ଚାଲିବ । ତଥା ପରିଣାମତଃ ପରମାନନ୍ଦ ପ୍ରାପ୍ତି ହୋଇପାରିବ, ଏଥିରେ କୌଣସି ସନ୍ଦେହ ନାହିଁ ।

# ରାସ୍ତାରେ ବୁଲା ଗୋରୁଙ୍କ ରାଜୁତି



- ଯାନବାହନ ଚଳାଚଳ ବାଧାପ୍ରାପ୍ତ
- ଷଣ୍ଢ ଲଢ଼େଇ ପାଇଁ ବଢୁଛି ଦୁର୍ଘଟଣା

କଟକ,(ନିପ୍ର): ସଂପ୍ରତି କଟକ ସହର ରାଜରାସ୍ତାରେ ବୁଲା ଗୋରୁଙ୍କ ସଂଖ୍ୟା ଅହେତୁକ ଭାବେ ବୃଦ୍ଧି ପାଇଛି । ଗଳିକନ୍ଦିରୁ ଆରମ୍ଭ କରି ମୁଖ୍ୟ ରାସ୍ତାରେ ଏମାନଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ସତେ ଯେପରି ସହରର ରାସ୍ତାକୁ ବୁଲା ଗାଈ ଓ ଷଣ୍ଢ ଗୁଡ଼ିକ ଦଖଲ କରି ନେଇଛନ୍ତି । ବିଶେଷକରି ରାତ୍ରି ସମୟରେ ଏମାନେ ମୁଖ୍ୟ ରାସ୍ତାରେ ଶୋଇ ରହିଥିବାରୁ ସାଧାରଣ ଲୋକଙ୍କ ଯାତାୟାତ କରିବା କଷ୍ଟକର ହୋଇପଡ଼ିଛି ।

ବର୍ତ୍ତମାନ ସହରର ମହାନଦୀବିହାର, ନୂଆବଜାର, ପୋତାପୋଖରୀ, ବିଦ୍ୟାଧରପୁର, ଗଡି ରାଉତପାଟଣା, ଶିଖରପୁର, ଯୋବ୍ରା, ନୂଆପଡ଼ା, ଷ୍ଟେସନବଜାର, ମାଲଗୋଦାମ, ଛତ୍ରବଜାର ଓ ସିବି ଆଦି ଅଞ୍ଚଳର ରାସ୍ତାରେ ବୁଲା ଷଣ୍ଢ ଓ ଗାଈଙ୍କ ସଂଖ୍ୟା ବଢ଼ି ଚାଲିଛି । ଫଳରେ ପଥଚାରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିଶେଷକରି ସ୍କୁଲ ଯାଉଥିବା ଛାତ୍ରଛାତ୍ରୀ, କର୍ମଜୀବି ମହିଳା ପ୍ରତିଦିନ ଗୋରୁଙ୍କ ଉତପାତ ସାଂଗକୁ ଷଣ୍ଢ ଲଢ଼େଇ ଏବେ ସେମାନଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି । ସେହିପରି ସନ୍ଧ୍ୟା ସମୟରେ ଟ୍ୟୁସନ ଯାଉଥିବା ଛାତ୍ରଛାତ୍ରୀମାନେ ମଧ ବୁଲା ଗୋରୁଙ୍କ ଦୌରାତ୍ମ୍ୟରେ ବିଶେଷ ଭାବେ ଅସୁବିଧାର ସମ୍ମୁଖୀନ ହେଉଥିବା ପରିଲକ୍ଷିତ ହେଉଛି । ମୁଖ୍ୟତଃ ସହରର ଅନେକ ଲୋକେ କ୍ଷୀର ଖାଇବା ପାଇଁ ଘରେ ଗାଈ ପାଳୁଛନ୍ତି । ମାତ୍ର କ୍ଷୀର ଦେବା ବନ୍ଦ ହେବା ପରେ ଗାଈ ଓ ଅଣ୍ଡିରା ବାଛୁରୀଗୁଡ଼ିକୁ ପଦାକୁ ଛାଡ଼ି ଦେଉଛନ୍ତି । ସେମାନେ ଗୁହାଳରେ ନରହି ରାସ୍ତାରେ ଏଣେତେଣେ ବୁଲୁଛନ୍ତି ଓ ରାଜରାସ୍ତା ସେମାନଙ୍କର ଠିକଣା ପାଲଟି ଯାଇଛି । ଗୋଟିଏ ସ୍ଥାନରେ ବହୁ ସଂଖ୍ୟକ ବୁଲା ଗୋରୁ ଓ ଷଣ୍ଢ ଏକତ୍ର ହେଉଥିବାରୁ ପରସ୍ପର ମଧରେ ଲଢ଼େଇ ମଧ ହେଉଛନ୍ତି । ଲଢ଼େଇ ଭିତରେ ଷଣ୍ଢଗୁଡ଼ିକ କେତେବେଳେ ଗାଡ଼ିରେ ପିଟି ହେଉଛନ୍ତି ତ ଆଉ କେତେବେଳେ ରାସ୍ତାକଡ଼ରେ ଥିବା ଦୋକାନ ଓ ଘର ଭିତରେ ପଶି ଯାଉଛନ୍ତି । ଏହାଛଡ଼ା ଷଣ୍ଢ ଆକ୍ରମଣ ଯୋଗୁ ଗାଡ଼ି ଚାଳକମାନେ ବେଳେବେଳେ ଆହତ ହେଉଥିବାର ଦୃଶ୍ୟ ପରିଲକ୍ଷିତ ହେଉଛି । ଦିନ ଅପେକ୍ଷା ରାତିରେ ଏମାନଙ୍କ ଦୌରାତ୍ମ୍ୟ ପଥଚାରୀଙ୍କୁ ଅଧିକ ଆତଙ୍କିତ କରୁଛି । ସହରରେ ବୁଲା ଗୋରୁ ଓ ଷଣ୍ଢକୁ କାବୁ କରିବାକୁ କଟକ ମହାନଗର ନିଗମ ପକ୍ଷରୁ ସେପରି ଠୋସ ପଦକ୍ଷେପ ଗ୍ରହଣ କରାଯାଉନଥିବା ସାଧାରଣରେ ଅଭିଯୋଗ ହେଉଛି । ମଝିରେ ମଝିରେ ସିଏମସି ପକ୍ଷରୁ ବୁଲା ଗୋରୁଙ୍କୁ ଧରାଯାଇ କାଞ୍ଜିଆହୁଦା ପଠାଯାଉଥିଲେ ହେଁ, ତାହା ଯଥେଷ୍ଟ ନୁହେଁ ବୋଲି ସହରବାସୀ ଅଭିଯୋଗ କରିଛନ୍ତି । ସେହିପରି ରାସ୍ତାକୁ ଗୋରୁ ଛାଡୁଥିବା ମାଲିକଙ୍କ ଉପରେ କୌଣସି ଆଖି ଦୃଶିଆ କାର୍ଯ୍ୟାନୁଷ୍ଠାନ ହେଉନଥିବା ଅଭିଯୋଗ ହେଉଛି । ସିଏମସି ପକ୍ଷରୁ ବୁଲା ଗୋରୁ ଓ ଷଣ୍ଢକୁ ନିୟମିତ ବ୍ୟବଧାନରେ ଧରି କାଞ୍ଜିଆହୁଦାକୁ ପଠାଇବା ପାଇଁ ସାଧାରଣରେ ଦାବି ହୋଇଛି ।

## ଝାମୁଯାତ୍ରାରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଜଳଛତ୍ର ଓ ଅନ୍ନପ୍ରସାଦ ବଣ୍ଟନ



କାକଟପୁର (ନିପ୍ର): ମଙ୍ଗଳବାର ଥିଲା କାକଟପୁର ବାସିନୀ ମା ମଙ୍ଗଳାଙ୍କ ପ୍ରସିଦ୍ଧ ଝାମୁଯାତ୍ରାର ଶେଷ ପାଳି, ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଆଗମନକୁ ଦୃଷ୍ଟି ରେ ରଖି କାକଟପୁର ଅଞ୍ଚଳର ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ, ବ୍ୟବସାୟୀ ସଙ୍ଘ,ଠିକାଦାର ସଙ୍ଘ ପକ୍ଷରୁ ମାଗଣା ଜଳଛତ୍ର ଓ ନିଃଶୁଳ୍କ ଅନ୍ନପ୍ରସାଦ ବଣ୍ଟନ କରାଯାଇଥିଲା । କଲେଜ ଛକ ଠାରେ ଠିକାଦାର ସଙ୍ଘର ଜଳଛତ୍ର ଷ୍ଟଲକୁ ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ ଉଦଘାଟନ କରିଥିବାବେଳେ ସାଂସଦଙ୍କ ପୁରୀଜିଲ୍ଲା ପ୍ରତିନିଧି ସୁଦର୍ଶନ ସ୍ୱାଇଁ, ସମାଜସେବୀ ପ୍ରତାପ ଚନ୍ଦ୍ର ପରିଡା, ତାଳଦା ସରପଞ୍ଚ ଦୀପକ କୁମାର ପରିଡା ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଳୁ ମାନଙ୍କୁ ଅଭଡ଼ା ପାଣି ବଣ୍ଟନ କରିଥିଲେ । ସେହିପରି କାକଟପୁର ଥାନା ପରିସରରେ ଆୟୋଜିତ ଜାଳଛତ୍ରରେ କାଞ୍ଚନବାଳା କିଡ଼ସ ଇଂରାଜୀ ମିଡ଼ିଅମ ସ୍କୁଲ ପକ୍ଷରୁ ଚେୟାରମ୍ୟାନ ଦିବ୍ୟରଞ୍ଜନ ସାହୁ, ନିର୍ଦ୍ଦେଶକ ଆଲୋକ ରଞ୍ଜନ ପାଣି, ଅଧକ୍ଷା ଲକ୍ଷ୍ମୀପ୍ରିୟା ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ । ନୀଳାଦ୍ରି ମେଡ଼ିସିନ ଏବଂ ଗ୍ରୋସରୀ ପକ୍ଷରୁ ସୌମ୍ୟରଞ୍ଜନ ଦାଶ ଏବଂ ଡଃ ଅନିଲ କୁମାର କବି ଶତପଥୀଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଖେଚୁଡ଼ି ବଣ୍ଟନ, ପ୍ରାଚୀ ୟୁଥ ସୋସିଆଲ ଅର୍ଗାନାଇଜେସନ ପକ୍ଷରୁ ମାଗଣା ଅନ୍ନପ୍ରସାଦ, ମଙ୍ଗଳା କ୍ରିକେଟ କ୍ଲବ ପକ୍ଷରୁ ଜଳଛତ୍ର,ସେଣ୍ଟ ଜାଭିୟର ସ୍କୁଲ ପକ୍ଷରୁ ଜଳଛତ୍ର ଖୋଲାଯାଇ ଶ୍ରଦ୍ଧାଳୁ ମାନଙ୍କୁ ଅଭଡ଼ା ପାଣି ବଣ୍ଟନ କରାଯାଇଥିଲା ।

## କେଶାଇବାହାଲ ବିଜିଡି କଲେଜରେ ରକ୍ତଦାନ ଶିବିର

କୁଚିଣ୍ଡା(ନିପ୍ର):ଓଡ଼ିଆ ପକ୍ଷ ପାଳନ ଅବସରରେ ସମ୍ବଲପୁର ଜିଲ୍ଲା ବାମରା ବ୍ଲକ ଅନ୍ତର୍ଗତ କେଶାଇବାହାଲ ବାସୁଦେବ ଗୋଦାବରୀ ଡିଗ୍ରୀ କଲେଜରେ ଯୁବ ରେଡକ୍ରସ୍ ଶାଖା ଓ ଜାତୀୟ ସେବା ଯୋଜନାର ମିଳିତ ଆନୁକୁଲ୍ୟରେ ମଙ୍ଗଳବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମହୁଲପାଲି ଆଇଆଇସି ଇନ୍ଦ୍ରଦେବ ଓରାମ୍, କଲେଜ ପ୍ରତିଷ୍ଠାତା ସଭାପତି ସଜନ କୁମାର ଖଣ୍ଡେଲୱାଲ,କଲେଜ ଅଧକ୍ଷ ଦୟାସାଗର ପ୍ରଧାନ, ବରିଷ୍ଠ ଅଧାପିକା ମନୋରମା ପଟେଲ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ । ଅତିଥି ମାନେ ରକ୍ତଦାନର ମହନୀୟତା ସମ୍ପର୍କରେ ବହୁ ଉପାଦେୟ ତଥ୍ୟ ପ୍ରଦାନ କରିବା ସହ ସମସ୍ତ ସ୍ୱେଚ୍ଛାସେବୀ ରକ୍ତଦାନ କରିବା ପାଇଁ ଆଗଭର ହେବାକୁ ପରାମର୍ଶ କରିଥିଲେ ।

## ସ୍ୱଚ୍ଛ ଓଡ଼ିଶା ଦିବସ ପାଳିତ

କୃଷ୍ଣପ୍ରସାଦ,(ନି ପ୍ର): ଅପ୍ରେଲ ମାସ ୧ ତାରିଖ ଓଡ଼ିଶା ଦିବସରୁ ଆରମ୍ଭ କରି ୧୪ ଅପ୍ରେଲ ଓଡ଼ିଆ ନବବର୍ଷ ପର୍ଯ୍ୟନ୍ତ ପାଳନ କରାଯାଉଛି ଓଡ଼ିଆ ପକ୍ଷ । ଏହି ଭବ୍ୟ ଓ ଦିବ୍ୟ ସମାରୋହକୁ ଲୋକଙ୍କ ସହଭାଗିତାରେ ପାଳନ କରିବା ପାଇଁ ବ୍ଲକ ଠାରୁ ନେଇ ରାଜ୍ୟସ୍ତରରେ ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗ ପକ୍ଷରୁ ଅନେକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଏହି ପରିପ୍ରେକ୍ଷୀରେ କୃଷ୍ଣପ୍ରସାଦ ବ୍ଲକ ପ୍ରଶାସନ ପକ୍ଷରୁ ବିଡ଼ିଓ ଅମୀୟ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ବ୍ଲକ କାର୍ଯ୍ୟାଳୟ ଏବଂ କାର୍ଯ୍ୟାଳୟ ମଧରେ ଥିବା ଚିଲିକା ଗାନ୍ଧୀ ଉଦୟ ନାଥ ଜେନାଙ୍କ ପ୍ରତିମୂର୍ତ୍ତି ପରିସରକୁ ପରିଷ୍କାର ଓ ପରିଚ୍ଛନ୍ନ କରିବା ପାଇଁ ଝାଡୁ ମାରିବା, ଅଳିଆ ଆବର୍ଜନା ସଫା କରିବା ସହିତ ଚୂନ ଓ ବ୍ଲିଚିଙ୍ଗ ପକାଯାଇଥିଲା । ବ୍ଲକର ମୁଖ୍ୟ କିରାଣୀ ପୂର୍ଣ୍ଣ ଚନ୍ଦ୍ର କାଣ୍ଡି, ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ବିଜୟ କୁମାର ତରେଇ,ସିପି ପ୍ରଭାତ କୁମାର ଜେନା, ସହକାରୀ ଯନ୍ତ୍ରୀ ବିଜୟାନନ୍ଦ ଗୋଛାୟତ, ବିତ୍ତ ଅଧିକାରୀ ମହେନ୍ଦ୍ର ରଞ୍ଜନ ସାହୁ, ସମାଜ ମଙ୍ଗଳ ଅଧିକାରୀ ପ୍ରତ୍ୟୁଷ ରଥ, ମନରେଗା ସହାୟିକା ସୌରୀରାଣୀ ଜେନା,ମନରେଗା ସହାୟକ ରଶ୍ମି ରଞ୍ଜନ ପଟ୍ଟନାୟକ, ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଭଗବାନ ସାହୁ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଜଳସେବା

ଚାରିଛକ,(ନିପ୍ର): ଆଜି କାକଟପୁର ମା'ମଙ୍ଗଳାଙ୍କ ୫ ପାଳି ପ୍ରସିଦ୍ଧ ଝାମୁଯାତ୍ରା, ଉକ୍ତ ରାସ୍ତାଦେଇ କାକଟପୁର ମା'ମଙ୍ଗଳାଙ୍କ ଯାତ୍ରା ଦେଖିବାକୁ ଯାଉଛନ୍ତି ରାଜ୍ୟ ତଥା ରାଜ୍ୟ ବାହାରୁ ଅନେକ ଶ୍ରଦ୍ଧାଳୁ । ଏହି ଅବସରରେ ଚାରିଛକ ମେଡିକାଲ ଛକ ଠାରେ ଭଗବାନ ସାହୁ ଚାରିଟେବୁଲ ଟ୍ରଷ୍ଟର ଅଧକ୍ଷ ସାମ୍ବାଦିକ ପ୍ରଫୁଲ୍ଲ କୁମାର ସାହୁଙ୍କ ଦ୍ୱାରା ଏକ ଜଳସେବା କେନ୍ଦ୍ର ଖୋଲାଯାଇଛି । ରାସ୍ତାରେ ଯାଉଥିବା ଯାତ୍ରମାନେ ଦହିସରବତ ପିଇ ବେଶ ଆତ୍ମ ସନ୍ତୋଷ ଲାଭ କରିଛନ୍ତି । ଉକ୍ତ ଜଳ ସେବା କେନ୍ଦ୍ରରେ ବରିଷ୍ଠନାଗରୀକ ମଞ୍ଚରସଭାପତି ଗୋପୀନାଥ କର, ସଂପାଦକ କାହ୍ନୁଚରଣ ବେହେରା,ପ୍ରାକ୍ତନ ଶିକ୍ଷକ କୈଳାଶ ଚନ୍ଦ୍ର ତ୍ରିପାଠୀ,ଚାରିଛକ ପ୍ରେସ କ୍ଲବ ସଭାପତି ପ୍ରଫୁଲ୍ଲ କୁମାର କର, କୁଳମଣୀ ସାହୁ ମେମୋରିଆଲ ଟ୍ରଷ୍ଟର ଅଧକ୍ଷ ଡଃ କେଦାରନାଥ ସାହୁ, ଦେବାଶିଷ ନାୟକ,ସନ୍ତୋଷ ଦାସ,ବିଜୟ ବେହେରା, ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ବିଲ୍ ପୈଠ ନ ହେବାରୁ ବିଦ୍ୟାଳୟରୁ କଟିଲା ବିଦ୍ୟୁତ୍

### ଅସହ୍ୟ ଗରମରେ ଛାତ୍ରଛାତ୍ରୀ ହନ୍ତସନ୍ତ

ଭାପୁର,(ନିପ୍ର): ରାଜ୍ୟରେ ବର୍ତ୍ତମାନ ଅସହ୍ୟ ଗୁଳୁଗୁଳି ସହ ପ୍ରବଳ ଖରା ଅନୁଭୂତ ହେଉଛି ।ଗରମ ଗୁଳୁଗୁଳି ସମୟରେ ଲୋକମାନେ ଘରେ ଥିବା ଫ୍ୟାନ କିମ୍ବା ଏସି ଲଗାଇ ଟିକେ ବସିଯାଇଛନ୍ତି । ହେଲେ ବିଦ୍ୟାଳୟରେ ପାଠ ପଢୁଥିବା ଅନେକ ଛାତ୍ରଛାତ୍ରୀ ମାନଙ୍କ ଭାଗ୍ୟରେ ଏହା ନାହିଁ । କେତେକ ବିଦ୍ୟାଳୟର ବିଦ୍ୟୁତ ବିଲ ଶିକ୍ଷା ବିଭାଗ ପୈଠ କରୁନଥିବାରୁ ଗରମ ଗୁଳୁଗୁଳି ରେ ଛାତ୍ରଛାତ୍ରୀ ପାଠ ପଢିବା ଦେଖିବାକୁ ମିଳୁଛି । ଜିଲ୍ଲାରେ ଶିଶୁବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଇଲିମେଣ୍ଟାରୀ ବିଦ୍ୟାଳୟ ମାନଙ୍କରେ ହେଉଥିବା ବିଦ୍ୟୁତ ବିଲ ବ୍ଲକ ଶିକ୍ଷା ଅଧିକାରୀ ଓ ନବମ ,ଦଶମ ଶ୍ରେଣୀ ଥିବା ସେକେଣ୍ଡାରୀ ସ୍କୁଲ ଗୁଡିକର ବିଦ୍ୟୁତ ବିଲ ଜିଲ୍ଲା ଶିକ୍ଷା ବିଭାଗ ଦେଇଥାଏ । ମାତ୍ର, ଅନେକ କ୍ଷେତ୍ରରେ ଶିକ୍ଷା ବିଭାଗ ଠିକ ସମୟରେ ବିଲ ପୈଠ କରୁ ନ ଥିବାରୁ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ନାହିଁ ନ ଥିବା ହଇରାଣ ହେଉଛନ୍ତି । ଭାପୁର ବ୍ଲକରେ ପ୍ରତ୍ୟେକ ବିଦ୍ୟାଳୟର ବାକି ଥିବା ବିଦ୍ୟୁତ ବିଲ ବାକି ଥିବାରୁ ମାର୍ଚ୍ଚ ମାସ କଲେକସନ ପାଇଁ ବିଦ୍ୟୁତ ବିଭାଗ ଅଧିକାରୀମାନେ ବିଦ୍ୟାଳୟରେ ପହଞ୍ଚି ବିଲ ଆଦାୟ କରିବାକୁ ଯିଦ କରି ପାଟିତୁଣ୍ଡ କରିଥିବାବେଳେ ଯେଉଁ ବିଦ୍ୟାଳୟରେ ସ୍ମାଟ ମିଟର ବସିଛି ସେଠାରେ ଆପେ ଆପେ ଲାଇନ କଟିଯାଉଛି । ଜିଲ୍ଲା ଶିକ୍ଷା ବିଭାଗ କିମ୍ବା ବ୍ଲକ ଶିକ୍ଷା ବିଭାଗ ବିଲ ଦେଲେ ବିଦ୍ୟୁତ ବିଭାଗ ବିଲ ନେବ ବିଦ୍ୟୁତ ବ୍ୟବହାର କରିବ ବିଦ୍ୟାଳୟ । ଏପରିସ୍ଥଳେ ଜିଲ୍ଲା ଶିକ୍ଷା ଅଧିକାରୀ କିମ୍ବା ବ୍ଲକ ଶିକ୍ଷା ଅଧିକାରୀ ଙ୍କ ଦୟାରେ ଛାତ୍ରଛାତ୍ରୀମାନେ ବିଦ୍ୟୁତ ଉପଭୋଗ କରିବା ଦେଖିବାକୁ ମିଳୁଛି । ପ୍ରସଙ୍ଗ କ୍ରମେ ଭାପୁର ବାଲୁଙ୍କେଶ୍ୱର ଦେବ ବିଦ୍ୟାପୀଠ କଥା ଆଲୋଚନା କରାଯାଇପାରେ । ଏହି ବିଦ୍ୟାଳୟରେ ବ୍ଲକର ସମସ୍ତ ସରକାରୀ ଟ୍ରେନିଙ୍ଗ ପୋଗ୍ରାମ ହୋଇଥାଏ । ଏହି ହାଇସ୍କୁଲର ବିଦ୍ୟୁତ ବିଲ ପ୍ରତିମାସରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିକଟକୁ ପଠାଇଦିଆଯାଏ । ମାତ୍ର ସେଠାରେ ଠିକ ସେ ଏହି ବିଲ ପୈଠ ହେଉନଥିବାରୁ ବର୍ତ୍ତମାନ ହଜାର ହଜାର ଟଙ୍କା ବିଦ୍ୟୁତ ବିଲ ବକେୟା ରହିଛି । ଚାରିଦିନ ପୂର୍ବେ ଏଠାରେ ତିନି ଦିନିଆ ଜନଗଣନା ପ୍ରଶିକ୍ଷଣ ଶିବିର ଆୟୋଜିତ ହେଇଥିଲା । ମାତ୍ର ବିଦ୍ୟୁତ ବିଲ ପୈଠ ହୋଇନଥିବାରୁ ଓ ଏଠାରେ ସ୍ମାଟ ମିଟର ଲାଗିଥିବାରୁ ବିଦ୍ୟୁତ ସଂଯୋଗ ଆପେ ଆପେ କଟି ଯାଇଥିଲା । ଫଳରେ ତହସିଲଦାର, ଅତିରିକ୍ତ ତହସିଲଦାର ଙ୍କ ସମେତ ୨୫୦ ଜଣ ପ୍ରଶିକ୍ଷଣ ନେଉଥିବା ଶିକ୍ଷକ ଶିକ୍ଷୟିତ୍ରୀ ଗରମରେ ନାହିଁ ନ ଥିବା ହଇରାଣ ହୋଇଥିଲେ । ପ୍ରଧାନ ଶିକ୍ଷକ ଧାର କରି ୧୫ ହଜାର ଟଙ୍କା ବିଦ୍ୟୁତ ବିଲ ଡିପୋଜିଟ କରିବା ପରେ ବିଦ୍ୟୁତ ସଂଯୋଗ ଆସିଥିଲା ଓ ସମସ୍ତେ ଆଶ୍ୱସ୍ତ ହୋଇ ପ୍ରଶିକ୍ଷଣ ନେଇଥିଲେ ।ଯେଉଁ ଠାରେ ସ୍ମାଟ ମିଟର ଲାଗିଛି ସେଠାରେ ଏହିଭଳି ଛାତ୍ରଛାତ୍ରୀ ମଧ ହଇରାଣ ହେଉଛନ୍ତି । ଜିଲ୍ଲା ଶିକ୍ଷା ବିଭାଗ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଏପରି ହଇରାଣ ନ କରନ୍ତୁ ବୋଲି ବୁଦ୍ଧିଜୀବୀ ମାନେ କହୁଛନ୍ତି

## ନାନା ସମସ୍ୟା ନେଇ କୃଷକ ସମାବେଶ

ରମ୍ଭା(ନିପ୍ର): ଗଞ୍ଜାମ ବ୍ଲକ୍ ଅନ୍ତର୍ଗତ ଝାରେଡି ରାଧା ଗୋବିନ୍ଦପୁର ସାନ ରାମଚନ୍ଦ୍ର ପୁର,ସୁବଳୟା,ରାମଗଡ ଓ ହୁମ୍ମା ପଞ୍ଚାୟତର କୃଷକ ନେତା ମାନଙ୍କର ବୁରୁଡି ସ୍ଥିତ ଶୀତଳ ଭଣ୍ଡାର ମାର୍କେଟ କମ୍ପ୍ଲେକ୍ସ ଠାରେ ଏକ ବୃହତ୍ ସମାବେଶ ଅନୁଷ୍ଠିତ ହୋଇଯାଇଛି । ଋଷିକୁଲ୍ୟା ରୟତ ମହା ସଂଘର ସମ୍ପାଦକ ସୀମାଞ୍ଚଳ ନାହାକଙ୍କ ଆହ୍ୱାନ କ୍ରମେ ଚାଷୀମାନଙ୍କର ବିଭିନ୍ନ ସମସ୍ୟା ଓ ଟମାଟର ଅଭାବୀ ବିକ୍ରି ଉପରେ ଆଲୋଚନା କରାଯାଇଥିଲା । ଉକ୍ତ ସଭାରେ ବାନାମ୍ବର ପଲେଇ ସଭାପତିତ୍ୱ କରିଥିଲା ବେଳେ ଆମ୍ବାର ପୂର୍ବତନ ଅଧକ୍ଷ ଚନ୍ଦ୍ର ଶେଖର ନାହାକ ,ରବୀନ୍ଦ୍ର କୁମାର ସାହୁ,ବିଜୟ କୁମାର ବିଶ୍ୱାଳ,କେଦାରନାଥ ସ୍ୱାଇଁ (ପୂର୍ବତନ ସରପଞ୍ଚ ), ସିଧେଶ୍ୱର ନାହାକ (ଝାରେଡି ରାଧା ଗୋବିନ୍ଦପୁର ସରପଞ୍ଚ ),ଝଡିଆ ନାହାକ,ଯୋଗେଶ ସାହୁ,କାମରାଜ ପ୍ରଧାନ, ଉଲ୍ଲାସ ସ୍ୱାଇଁ, ନିରଞ୍ଜନ ନାହାକ,ମୋହନ ପ୍ରଧାନ ଓ ଅର୍ଜୁନ ମହାକୁଡ ପ୍ରମୁଖ ଏଥିରେ ଯୋଗ ଦେଇ ଚାଷୀ ମାନଙ୍କ ବିଭିନ୍ନ ସମସ୍ୟା ଓ ଏହାର ଭବ୍ୟ ପ୍ରତିକାର ପାଇଁ ନିଜ ନିଜର ମତ ପ୍ରକାଶ କରିଥିଲେ । ସଂପ୍ରତି ଚାଷ ମାନଙ୍କର ସମସ୍ୟା ମଧରେ ଟମାଟର ଅଭାବୀ ବିକ୍ରୀ ଫଳରେ ଚାଷୀମାନେ ପ୍ରବଳ କ୍ଷତିର ସମ୍ମୁଖୀନ ହୋଇ ଆଶାନ୍ତିରେ କାଳ କାଟୁଛନ୍ତି । ଏଣୁ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ କ୍ଷତି ପୂରଣ ସହାୟତା ଯୋଗାଇ ଦେବା ପାଇଁ ସରକାରଙ୍କୁ ଜଣାଇବା ପାଇଁ ସ୍ଥିର କରାଗଲା । ଏ ଅଞ୍ଚଳରେ ପ୍ରାୟ ୧୫୦୦ ରୁ ଅଧିକ ଉଠା ଜଳସେଚନ ପ୍ରକଳ୍ପ ପ୍ରତିଷ୍ଠା ହୋଇଥିଲେ ମଧ ସେଗୁଡିକ ଉପଯୁକ୍ତ ରକ୍ଷଣା ବେକ୍ଷଣ ଅଭାବରୁ ଅକାମୀ ହୋଇ ପଡ଼ିରହିଛି । ଏଗୁଡିକ ସଚଳ କରିବା ଏବଂ ବିଭିନ୍ନ ରାଜ୍ୟରେ ଚାଷୀ ମାନଙ୍କୁ ଉଠା ଜଳସେଚନ ସକାଶେ ମାଗଣା ବିଦ୍ୟୁତ୍ ଯୋଗାଣ ଓ ଶୁଳ୍କ ଛାଡର ବ୍ୟବସ୍ଥା ଥିଲେ ମଧ ଆମ ରାଜ୍ୟର କୃଷକ ମାନେ ସେଥିରୁ ବଞ୍ଚିତ ହେଉଥିବା ମତ ପ୍ରକାଶ ପାଇଥିଲା ।

## ଭଗିନ୍ଦ୍ର କିଷାନ ହେଲେ ସମ୍ବଲପୁର ଏସଡିସି ଅଧକ୍ଷ

କୁଚିଣ୍ଡା,(ନିପ୍ର ସମ୍ବଲପୁର ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ଭାବେ କ୍ୱର୍ାହାଲ ସରପଞ୍ଚ ଭଗିନ୍ଦ୍ର କିଷାନଙ୍କୁ ରାଜ୍ୟ ସରକାର ନିଯୁକ୍ତ କରିଛନ୍ତି । ୪୯ ବର୍ଷିୟ ଭଗିନ୍ଦ୍ର ବାମରା ବ୍ଲକର କ୍ୱର୍ାହାଲ ଗ୍ରାମର ଜଣେ ସାଧାରଣ ଆଦିବାସୀ ପରିବାରରୁ ଦୁଇଥର ସରପଞ୍ଚ ଭାବେ ନିର୍ବାଚିତ ହୋଇଛନ୍ତି । ଗ୍ରାମ୍ୟ ବିକାଶ ତଥା ଆଦିବାସୀ କଲ୍ୟାଣରେ ସରପଞ୍ଚ କିଷାନଙ୍କ ଅବଦାନକୁ ଦୃଷ୍ଟିରେ ରଖି ସରକାର ତାଙ୍କ ଉପରେ ଆସ୍ଥା ପ୍ରକଟ କରିଛନ୍ତି । ସମ୍ବଲପୁର ଉନ୍ନୟନ ପରିଷଦକୁ ନେତୃତ୍ୱ ଦେବା ପାଇଁ ତାଙ୍କର ବେଶ ଦକ୍ଷତା ରହିଥିବା ବେଳେ ଅଧକ୍ଷ ନିଯୁକ୍ତି ପରେ ସମ୍ବଲପୁର ଜିଲ୍ଲା ବାସୀଙ୍କ ପକ୍ଷରୁ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି ।

## ଶ୍ରୀ ଗୌରୀ ନୀଳକଣ୍ଠେଶ୍ୱର ସ୍ୱାମୀ ମନ୍ଦିର ବାର୍ଷିକ ଉତ୍ସବ



କାଶୀନଗର(ନିପ୍ର): ଗଜପତି ଜିଲ୍ଲା କାଶୀନଗର ବ୍ଲକ ଅନ୍ତର୍ଗତ ମିଲ୍ଲୁ ଖୁରୀଗାଁ ନିକଟରେ ଥିବା ଶ୍ରୀ ଗୌରୀ ନୀଳକଣ୍ଠେଶ୍ୱର ସ୍ୱାମୀ ମନ୍ଦିରର ପ୍ରଥମ ବାର୍ଷିକ ଉତ୍ସବରେ ଯୋଗଦେଲେ ବିଧାୟକ ରୂପେସ ପାଣିଗ୍ରାହୀ । ପ୍ରଥମେ ସକାଳ ସମୟରେ ଶୁଭ ସ୍ତମ୍ଭ ସ୍ଥାପନ କରାଗଲା ପରେ ବିଘ୍ନେଶ୍ୱର ପୂଜା ସହ ଜଳାଭିଷେକ, ପଞ୍ଚାମୃତ ଅଭିଷେକ ଓ ସାମୁହିକ ରୁଦ୍ରା ଅଭିଷେକ କାର୍ଯ୍ୟ ହୋଇଥିଲା । ସନ୍ଧ୍ୟା ସମୟରେ କୁମ କୁମ ପୂଜା ଓ ନୀଳକଣ୍ଠେଶ୍ୱର ସ୍ୱାମୀ ଙ୍କ ନଗର ପରିକ୍ରମା ହୋଇଥିଲା । ସମସ୍ତ କାର୍ଯ୍ୟକ୍ରମରେ ପାରଳାଖେମୁଣ୍ଡି ବିଧାୟକ ରୁପେଶ ପାଣିଗ୍ରାହୀ ଯୋଗଦେଇ ଶ୍ରୀ ଗୌରୀ ନୀଳକଣ୍ଠେଶ୍ୱରଙ୍କ ଆଶୀର୍ବାଦ କାମନା କରିଥିଲେ ।

## 'ଆମ ପରିବେଶ ଆମର ଗର୍ବ' ଆଲୋଚନା ଚକ୍ର



ପୁରୀ (ନିପ୍ର): ଗାନ୍ଧିଜୀ ସାମାଜିକ ଅନୁଷ୍ଠାନ ପକ୍ଷରୁ ଆଜି ଅପରାହ୍ନରେ ଆମ ପରିବେଶ ଆମର ଗର୍ବ ନାମରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରାକ୍ତନ କେନ୍ଦ୍ର ମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଶୁଭ ଉଦଘାଟନ କରି ନିଜର ବକ୍ତବ୍ୟରେ କହିଲେ, ପରିବେଶ ଏକ ବ୍ୟାପକ ଶବ୍ଦ ବୋଲି କହିଥିଲେ । ଜୀବ ଜଗତ ପାଇଁ ସୁସ୍ଥ ପରିବେଶ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କିନ୍ତୁ ଆଜିର ମଣିଷ ସମାଜ ପରିବେଶକୁ ସୁସ୍ଥ ରଖିବା ପରିବର୍ତ୍ତେ ନଷ୍ଟ କରୁଛି । ଯାହା ସମଗ୍ର ଜୀବ ଜଗତ ପାଇଁ ବଡ ସମସ୍ୟା ସୃଷ୍ଟି କରୁଛି ।ଆମେ ପ୍ରତ୍ୟେକ ଏକ ସୁସ୍ଥ, ସୁନ୍ଦର ଓ ଜୀବ ଉପଯୋଗୀ ପରିବେଶ ସୃଷ୍ଟି କରିବାକୁ ଓ ସଂକଳ୍ପ ବଦ୍ଧ ହେବାକୁ ଶ୍ରୀ ତ୍ରିପାଠୀ ଆହ୍ୱାନ ଦେବା ସହ ଗାନ୍ଧିଜୀ ସାମାଜିକ ଅନୁଷ୍ଠାନର କାର୍ଯ୍ୟାବଳୀର ପ୍ରଶଂସା କରିଥିଲେ । ଅନ୍ୟ ମାନଙ୍କ ମଧରେ ମୁଖ୍ୟବକ୍ତା ଭାବେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ବରିଷ୍ଠ ସାମ୍ବାଦିକ ବିଶ୍ୱଜିତ ମିଶ୍ର,ବରିଷ୍ଠ ଆଇନଜୀବୀ ଡ଼. ପ୍ରଧାନ ଧିରେନ ରାୟ, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ସାମାଜିକ ଅନୁଷ୍ଠାନ ଦି ବେଲର ସମ୍ପାଦକ ସିଦ୍ଧାର୍ଥ ରାୟ,ପତ୍ରକାର ପ୍ରସନ୍ନ କୁମାର ଦାସ ପ୍ରମୁଖ ଯୋଗ ଦେଇ ପରିବେଶ, ପରିବେଶ ର ସୁରକ୍ଷା ଓ ଆମ ମାନଙ୍କ ଦାୟିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ । ମା ବାଟ ମଙ୍ଗଳା ଓ ମା ବସନ୍ତେଇ ଠାକୁରାଣୀଙ୍କ ନିକଟରେ ଓଡିଶାର ସାଢେ ୪କୋଟି ଓଡ଼ିଆଙ୍କ ସୁସ୍ଥତା ରହିବା ପାଇଁ ଏବଂ ନିଜ ଅଞ୍ଚଳକୁ ସ୍ୱଚ୍ଛ ରଖିବା ପାଇଁ ଦ୍ୱୀପ ପ୍ରଦାନ ଅନୁଷ୍ଠାନ ତରଫରୁ କରାଯାଇଥିଲା ।

## ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରବେଶ ଉତ୍ସବ

ନିମାପଡ଼ା,(ନି.ପ୍ର.): ଏହି ବ୍ଲକ୍ ଅଧୀନସ୍ଥ ପ୍ରାଚୀ ବାଳିକା ବିଦ୍ୟାପୀଠରେ ପ୍ରବେଶ ଉତ୍ସବ ଆନନ୍ଦ ଉଲ୍ଲାସ ମଧରେ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ସବିତା ମହାନ୍ତିଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ନୂତନ ଛାତ୍ରୀ ଓ ସେମାନଙ୍କ ଅଭିଭାବକଙ୍କୁ ଫୁଲ ଚନ୍ଦନ ଦିଆଯାଇ ସ୍ୱାଗତ କରାଯାଇଥିଲା । ଛାତ୍ରମାନଙ୍କ ମଧରେ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି ସହିତ ଆନନ୍ଦମୟ ପରିବେଶରେ ପାଠ ପଢ଼ିବା ଦିଗରେ ଶିକ୍ଷକ, ଶିକ୍ଷୟିତ୍ରୀମାନେ ଆଗ୍ରହ ପ୍ରକାଶ କରିଥିଲେ । ଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ଶିକ୍ଷଣୀୟ ସାମଗ୍ରୀ ଏବଂ ନୂତନ ଶିକ୍ଷା ନୀତି ଅନୁସାରେ ଅନେକ ପ୍ରକଳ୍ପମାନ ପ୍ରଦର୍ଶିତ କରାଯାଇଥିବା ଲକ୍ଷ୍ୟ କରାଯାଇଥିଲା । ପରିଚାଳନା କମିଟି ସଭାପତି ପ୍ରକାଶ ଚନ୍ଦ୍ର ସାହୁଙ୍କ ସମେତ ଅନେକ ପଦାଧିକାରୀ ଯୋଗ ଦେଇ ସରକାରୀ ବିଦ୍ୟାଳୟରେ ମିଳୁଥିବା ସୁବିଧା ସୁଯୋଗ ସଂପର୍କରେ ଆଲୋକପାତ କରିଥିଲେ ।

# ସୌନ୍ଦର୍ଯ୍ୟ ହରାଉଛି ଡିଗି ପାର୍କ



ଧାମନଗର, (ନିପ୍ର): ଭଦ୍ରକ ଜିଲା, ଧାମନଗର ବ୍ଲକର ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର ପାଲଟିଥିବା ଡିଗି ପାର୍କ ଏବେ ଶ୍ରୀହୀନ ହେବାକୁ ବସିଛି । ପ୍ରଶାସନିକ ଅବହେଳା ଏବଂ ପରିଚାଳନାରେ ତ୍ରୁଟି ଯୋଗୁଁ ପାର୍କରେ ଲାଗିଥିବା ବହୁ ମୂଲ୍ୟବାନ ଗଛ ଶୁଖି ମରିବାକୁ ଆରମ୍ଭ କଲାଣି । ପରିସ୍ଥିତି ଏବେ ଏମିତି ହେଲାଣି, ଜିଲାର ସର୍ବବୃହତ୍ ଏହି ପାର୍କକୁ ଆସୁଥିବା ପର୍ଯ୍ୟଟକଙ୍କ ଠାରୁ ଅସାମାଜିକ ଯୁବକମାନେ ଚାନ୍ଦା ଆଦାୟ କରୁଥିବା ଭଳି ସାଂଘାତିକ ଅଭିଯୋଗ ସାମ୍ନାକୁ ଆସୁଛି । ଭଗବାନପୁର ପଞ୍ଚାୟତ ଜୟକୃଷ୍ଣପୁର ମୌଜାରେ ପ୍ରାୟ ୧୦ ଏକର ଜମିରେ ୨୦୧୮ ମସିହାରୁ ଆରମ୍ଭ ହୋଇ ୨୦୨୪ ମାର୍ଚ୍ଚରେ ଏହି ପାର୍କକୁ ଉଦ୍‌ଘାଟନ କରାଯାଇଥିଲା । ଏହି ୬ ବର୍ଷ ମଧରେ ପାର୍କର ଉନ୍ନତିକରଣ ଲାଗି ରାଜ୍ୟ ସରକାର ବିଭିନ୍ନ ଯୋଜନାରେ ୩ କୋଟି ୮୦ ଲକ୍ଷ ଟଙ୍କା ବ୍ୟୟ କରିଥିଲେ । ଏଥିରେ ୫ ଏକର ପରିମିତ ଜମିରେ ଏକ ବିଶାଳ ପୋଖରୀ, ପିଲାଙ୍କ ଖେଳିବା ପାଇଁ ଉନ୍ନତ ମାନର ପାର୍କ ସହ ଗେଷ୍ଟ ହାଉସ୍, ଦୁଇଟି ସବୁଜ ଘାସ ଗାଲିଚା, ହାଇଜେନିକ୍ ଶୌଚାଳୟ ସହିତ ପାଥ୍‌ୱେ ଚାରିପଟେ ଖୋଲିଥିଲା । ତତ୍କାଳୀନ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦାର, ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲି, ବ୍ଲକ ଅଧକ୍ଷା ଶର୍ମିଷ୍ଠା ବେହେରା ପ୍ରମୁଖଙ୍କ ଉପସ୍ଥିତିରେ ଡିଗି ପାର୍କ ଉଦ୍‌ଘାଟିତ ହୋଇଥିଲା । ପରେ ପାର୍କର ରକ୍ଷଣାବେକ୍ଷଣ ଓ ସୁପରିଚାଳନା ପାଇଁ ସ୍ଥାନୀୟ ଏକ ସ୍ୱୟଂ ସହାୟକ ଗୋଷ୍ଠୀକୁ ଲିଜ୍ ସୂତ୍ରରେ ବାର୍ଷିକ ୭୦ ହଜାର ଟଙ୍କାରେ ଦିଆଯାଇଥିଲା । ସେବେଠାରୁ ଦୀର୍ଘ ମାସ ପାର୍କଟି ସବୁଜିମାରେ ହସୁଥିଲା । ରାଜ୍ୟରେ ସରକାର ବଦଳିବା ପରେ ଧାମନଗର ବ୍ଲକ ପ୍ରଶାସନ ତରଫରୁ ଭଗବାନପୁର ପଞ୍ଚାୟତ ପଲିକିରି ଗାଁର ଏକ ସ୍ୱୟଂ ସହାୟକ ଗୋଷ୍ଠୀକୁ ୨୦୨୪-୨୫ ବର୍ଷ ପାଇଁ ବାର୍ଷିକ ୭୭ ହଜାର ଟଙ୍କାରେ ଡିଗି ପାର୍କର ପରିଚାଳନା ଦାୟିତ୍ୱ ଦିଆଯାଇଛି । ତେବେ ଦୁଇ ବର୍ଷ ତଳେ ପାର୍କର ପରିବେଶ ଓ ପର୍ଯ୍ୟଟକଙ୍କ ଗହଳି ଯେପରି ଥିଲା, ବର୍ତ୍ତମାନ ସେପରି ସ୍ଥିତି ନାହିଁ । ପାଣି ଅଭାବରୁ ପାର୍କରେ ଥିବା ମୂଲ୍ୟବାନ ଗଛ ସହିତ ସୌନ୍ଦର୍ଯ୍ୟକରଣ ପାଇଁ ଲାଗିଥିବା ଅର୍ଣ୍ଣାମେଣ୍ଟାଲ ପ୍ଲାଣ୍ଟଗୁଡିକ ମରିବାକୁ ବସିଲାଣି । ଗତ ବର୍ଷା ଋତୁ ପରଠୁ ପ୍ରାୟ ଭିତରେ ଥିବା ଘାସ କଟାଯାଇ ନାହିଁ । ଫଳରେ ପାର୍କଟି ଏବେ ଜଙ୍ଗଲ ସଦୃଶ ଦେଖାଯାଉଛି । ସେହିପରି ପାର୍କ ଚାରିପଟେ ଥିବା ବାଡ଼ ଭାଙ୍ଗିଯାଇଥିବାରୁ ପାର୍କଟି ବୁଲା ଗୋରୁଙ୍କ ଚାରଣଭୂଇଁ ପାଲଟିଛି । ଅପରପକ୍ଷରେ ପାର୍କର ସମସ୍ତ ନିୟମକୁ ଜଳାଞ୍ଜଳି ଦିଆଯାଇଛି । ପ୍ରବେଶ ଶୁଳ୍କ ମୂଲ୍ୟ ୧୦ ଟଙ୍କା ଥିବା ବେଳେ ପର୍ଯ୍ୟଟକଙ୍କୁ ୨୦ ଟଙ୍କା ମଗାଯାଉଛି । ଯାହାକୁ ନେଇ ସୋସିଆଲ ମିଡିଆରେ ଅସନ୍ତୋଷ ପ୍ରକାଶ ପାଇଛି । ସଂପୃକ୍ତ ଗୋଷ୍ଠୀ ସଭାନେତ୍ରୀ ଓ ସମ୍ପାଦିକା ଅନ୍ୟ ସଦସ୍ୟାଙ୍କୁ ବାହାର କରିଦେଇ ମନଇଚ୍ଛା କାରବାର କରୁଥିବା ନେଇ ବିଡିଓଙ୍କ ପାଖରେ ଲିଖିତ ଅଭିଯୋଗ ହୋଇଛି । ବର୍ଷେ ପରେ ନୂଆ ଲିଜ୍ ଦିଆଯିବ । ପାର୍କର ଶୋଚନୀୟ ଅବସ୍ଥା ଏବଂ ଏଠାରେ ହେଉଥିବା ଅନିୟମିତତା ସତ୍ତ୍ୱେ ବ୍ଲକ ପ୍ରଶାସନ କୌଣସି ଆଖିଦୃଶିଆ ପଦକ୍ଷେପ ନେଉ ନାହିଁ । ଖାଲି ଚିଠି ଲେଖୁ ପ୍ରଶାସନ ଚୁପ ବସିଛି ବୋଲି ହେଉଥିବା ଅଭିଯୋଗ ସମ୍ପର୍କରେ ବିଡିଓ କହିଛନ୍ତି ଯେ, ପାର୍କର ରକ୍ଷଣାବେକ୍ଷଣ ଓ ପରିଚାଳନା ଦାୟିତ୍ୱ ନେଇଥିବା ସ୍ୱୟଂ ସହାୟକ ଗୋଷ୍ଠୀର ସମୟ ପୂରିବାକୁ ଆଉ ବର୍ଷେ ଅଛି । ନୂଆ ଅନୁଷ୍ଠାନକୁ ଲିଜ୍ ଦେବା ସମୟରେ ଆବଶ୍ୟକ ପଦକ୍ଷେପ ନିଆଯିବ ।

ସରକାରଙ୍କ ବିଫଳତାର ନିଦର୍ଶନ

ଡିଗି ପାର୍କର ବିକାଶ ଓ ସୌନ୍ଦର୍ଯ୍ୟକରଣ ପାଇଁ ବହୁ କୋଟିରେ ସରକାରୀ ଅନୁଦାନ ଅଣାଯାଇଥିଲା । ମାତ୍ର ପ୍ରଶାସନର ଦାୟିତ୍ୱହୀନତା ଯୋଗୁଁ ଆଜି ତାହା ଚାରଣଭୂଇଁ ପାଲଟିଛି । ଦୁର୍ନୀତିଖୋର ସ୍ୱୟଂ ସହାୟକ ଗୋଷ୍ଠୀ ଓ ଅସାମାଜିକ ଯୁବକଙ୍କ ହାତରେ ପାର୍କ ଟେକିଦେଇ ସରକାର ନିଜର ବିଫଳତା ପ୍ରମାଣିତ କରିଛନ୍ତି । ରକ୍ଷଣାବେକ୍ଷଣ ନାଁରେ ପର୍ଯ୍ୟଟକଙ୍କୁ ଲୁଟିବା ଓ ପାଣି ହରିଲୁଟ୍ କରିବା ଅତ୍ୟନ୍ତ ନିନ୍ଦନୀୟ ଘଟଣା । ଏପରି ମର୍ମରେ ଅଞ୍ଚଳବାସୀ ଦୃଢ ବିରୋଧ କରୁଛନ୍ତି ବୋଲି ସ୍ଥାନୀୟ ସମିତିସଭ୍ୟ ସୁଦାସୁ କୁମାର ଖଟୁଆ କହିଛନ୍ତି । ଯଦି ତୁରନ୍ତ ଏହି ଲିଜ୍ ରଦ୍ଦ କରି ପାର୍କର ସୁରକ୍ଷା କରା ନଯାଏ, ତେବେ ଆଗାମୀ ଦିନରେ ଆମେ ଆନ୍ଦୋଳନକୁ ଓହ୍ଲାଇବୁ ବୋଲି ସେ କହିଛନ୍ତି ।

ତିଥି :(ଷଷ୍ଠୀ): (ଜ୍ୟେଷ୍ଠା ବିଛା)
ଅମୃତ ବେଳା: ଦିବା ଘ ୭।୧୫ ମଧ୍ୟେ ଘ ୧୨।୩ ଗତେ

## ଆଜିର ଅନୁଚିନ୍ତନ

ମୁଁ ବୃକ୍ଷମାନଙ୍କ ମଧ୍ୟରେ ଅଶ୍ୱତ୍ଥ ବୃକ୍ଷ, ଦେବର୍ଷିମାନଙ୍କ ମଧ୍ୟରେ ନାରଦ, ଗନ୍ଧର୍ବମାନଙ୍କ ମଧ୍ୟରେ ଚିତ୍ରରଥ ଓ ସିଦ୍ଧମାନଙ୍କ ମଧ୍ୟରେ କପିଳ ମୁନି।। - ଶ୍ରୀମଦ୍ ଭଗବଦ୍ ଗୀତା

# ପୁଣି ଫେରିପାରେ ଡିଏମ୍‌କେ

୨୩୪ ଆସନ ବିଶିଷ୍ଟ ତାମିଲନାଡୁ ବିଧାନସଭା ନିର୍ବାଚନ ଏପ୍ରିଲ ୨୩ରେ ଅନୁଷ୍ଠିତ ହେବାକୁ ଯାଉଛି। ଏହାର ଫଳାଫଳ ପ୍ରକାଶ ପାଇବ ମେ ୪ରେ। ନିର୍ବାଚନ ଲାଗି ରାଜ୍ୟରେ ଉଷ୍ମତା ପ୍ରମୁଖ ଦଳଗୁଡ଼ିକ ପକ୍ଷରୁ ଜୋର୍ ଧରିଲାଣି। ଯାହା ସ୍ଥିତି ଏବେ ଅନୁମାନ କରାଯାଉଛି ଡିଏମ୍‌କେ ନେତୃତ୍ୱାଧୀନ ଇଣ୍ଡିଆ ବ୍ଲକ ଓ ଏଆଇଏଡିଏମ୍‌କେ ନେତୃତ୍ୱାଧୀନ ଏନ୍‌ଡିଏ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଏଥର ଘମାଘୋଟ ହେବ। କାରଣ ଉଭୟ ପକ୍ଷରୁ ନାନା ରଣକୌଶଳ ଚଳାଯାଉଛି। ତାମିଲନାଡୁରେ ଏନ୍‌ଡିଏ ସହ ରହିଛି ଏଆଇଏଡିଏମକେ, ବିଜେପି, ପାଟୋଲି ମାକାଲ କାର୍ଚ୍ଚୀ, ଆମ୍ମା ମାକାଲ ମୁନେତ୍ର କାଜାଗାମ୍ ପ୍ରଭୃତି ଦଳ। ଅପରପକ୍ଷେ ଡିଏମ୍‌କେ ସହ ଅଛନ୍ତି କଂଗ୍ରେସ, ଡିଏମ୍‌ଡିକେ, ଭିଏସ୍‌କେ, ସିପିଆଇ ପ୍ରଭୃତି।

୨୦୧୬ରେ ତାମିଲନାଡୁରେ ଏଆଇଏଡିଏମ୍‌କେ ସଂଖ୍ୟାଗରିଷ୍ଠତା ପାଇଥିଲା। ଏହି ଦଳ ସପକ୍ଷରେ ମିଳିଥିଲା ୧୩୪ ଆସନ। ଅପରପକ୍ଷେ ଡିଏମ୍‌କେ ପାଇଥିଲା ମାତ୍ର ୮୯ ଆସନ। କଂଗ୍ରେସ ଓ ଇଣ୍ଡିଆନ୍ ୟୁନିୟନ ମୁସଲିମ୍ ଲିଗ୍ ଯଥାକ୍ରମେ ୮ ଓ ୧ ଆସନ ପାଇଥିଲେ। ୨୦୨୧ ତାମିଲନାଡୁ ନିର୍ବାଚନରେ ଡିଏମ୍‌କେ ପାଇଥିଲା ୧୩୩ ଆସନ। ଏହି ରାଜ୍ୟରେ ଜାତି ଗଣିତ ବେଶ୍ କାମ କରେ ବୋଲି କୁହାଯାଉଛି। ରାଜ୍ୟରେ ଏଥର ଅଭିନେତା ବିଜୟଙ୍କ ନେତୃତ୍ୱାଧୀନ ଟିଭିକେ ମାତ୍ର ୨ ବ୍ରାହ୍ମଣଙ୍କୁ ଟିକେଟ ଦେଇଛି। ଡିଏମ୍‌କେ କଂଗ୍ରେସ ପ୍ରମୁଖ ବିରୋଧୀ ଦଳ, ଏଆଏଡିଏମ୍‌କେ ଜଣେ ବି ବ୍ରାହ୍ମଣଙ୍କୁ ଟିକେଟ ଦେଇନାହାନ୍ତି। ଯାହା ଜଣାପଡୁଛି ବ୍ରାହ୍ମଣଙ୍କ ଭୋଟ ପ୍ରମୁଖ ଦଳଗୁଡ଼ିକ ସପକ୍ଷରେ ନାହିଁ। ରାଜ୍ୟରେ ଜନସଂଖ୍ୟାରେ ମାତ୍ର ୩ ପ୍ରତିଶତ ହେଉଛନ୍ତି ବ୍ରାହ୍ମଣ। ଅପରପକ୍ଷେ ଓବିସିଙ୍କ ସଂଖ୍ୟା ଅଧିକ ହେତୁ ପ୍ରମୁଖ ରାଜନୈତିକ ଦଳଗୁଡ଼ିକ ଓବିସିଙ୍କୁ ସର୍ବାଧିକ ଟିକେଟ ପ୍ରଦାନ କରିଛନ୍ତି।

ନିକଟରେ ଦୁଇଟି ସଂସ୍ଥା ପକ୍ଷରୁ ସର୍ବେକ୍ଷଣ ରିପୋର୍ଟ କରାଯାଇଥିଲା। ସେଥିରୁ ଜଣାପଡ଼ିଛି ଯେ ଏମ୍‌କେ ଷ୍ଟାଲିନଙ୍କ ନେତୃତ୍ୱାଧୀନ ଡିଏମ୍‌କେ ମେଣ୍ଟ ପୁଣି କ୍ଷମତା ବଜାୟ ରଖିବ। ଏନେଇ ଯେଉଁ ସବୁ କାରଣ ସଂପର୍କରେ ବିଶ୍ଳେଷଣ କରାଯାଉଛି ତାହା ଉପରେ ସାମାନ୍ୟ ଆଲୋଚନା କରାଯାଇପାରେ। ଡିଏମ୍‌କେ ଅଧିକ ଭାବରେ ଜନକଲ୍ୟାଣ ଆଧାରିତ ଆକର୍ଷଣୀୟ ଯୋଜନା କରିଚାଲିଛି। ଯେପରିକି ମାଗଣା ବସ୍ ଯାତ୍ରା, ପ୍ରାତଃ ଜଳଖିଆ ଓ ମହିଳାଙ୍କ ନିମନ୍ତେ 'କଲାଇଗନାର ମାଗାଲିର ଉରିମାଇ ଥୋଗାଇ' (କେଏମ୍‌ୟୁଟି) ଇତ୍ୟାଦି। ବିଶେଷ କରି କେଏମ୍‌ୟୁଟି ଯୋଜନାର ଲୋକପ୍ରିୟତା ସର୍ବାଧିକ। ବିଶେଷ କରି ମହିଳା ହିତାଧିକାରୀ ଏଥିରେ ଉପକୃତ ହେଉଛନ୍ତି। ରାଜ୍ୟରେ ୧.୧୪କୋଟିରୁ ଅଧିକ ପରିବାରର ମହିଳା ମୁଖ୍ୟ ମାସକୁ ଏହି ଯୋଜନାରେ ୧ହଜାର ଟଙ୍କା ଲେଖାଏଁ ପାଉଛନ୍ତି। ଏହାଦ୍ୱାରା ଦାରିଦ୍ର୍ୟ ହ୍ରାସ ସହ ମହିଳାଙ୍କ ଆର୍ଥିକ ସ୍ୱାଧୀନତା ବଢିଛି। ଏହି ଅର୍ଥରେ ସେମାନେ ଦୁଗ୍ଧ, ପନିପରିବା, ଶସ୍ୟ ଆଦି ଗୁଣାତ୍ମକ ମାନର ଖାଦ୍ୟ ସାମଗ୍ରୀ କିଣିପାରୁଛନ୍ତି। ଏ ଦୃଷ୍ଟିରୁ ଡିଏମ୍‌କେ ପ୍ରତି ମହିଳା ଭୋଟରଙ୍କ ଆକର୍ଷଣ ନିଶ୍ଚୟ ରହିବ। ଯଦିଓ ଏଆଇଏଡିଏମ୍‌କେ ନେତୃତ୍ୱାଧୀନ ଏନ୍‌ଡିଏ ଏଥର ମଇଦାନରେ ଜୋରଦାର ଲଢେଇ କରିବ, କିନ୍ତୁ ଡିଏମ୍‌କେର ପଲା ଭାରି ରହିବା ଏକ ପ୍ରକାର ନିଶ୍ଚିତ।

# ଏକାଗ୍ରତାର ଚାବି

**ଡକ୍ଟର ଲକ୍ଷ୍ମଣ ସାହୁ**

**"ନମ୍ରତା ଏକ ସାଧାରଣ କଥା, କାରଣ ଯଦି ଆମେ ନମ୍ର ନ ହେବା, ତେବେ ଆମେ ପ୍ରଥମେ ଶୁଣିବା ବନ୍ଦ କରିଦେବା। ଯଦି ଆମେ ଶୁଣିବା ନାହିଁ, ତେବେ ଆମେ ଶିଖିବା ବନ୍ଦ କରିଦେବା। ଆମେ କେବେ ବି ଶିଖିବା ଓ କରିବା ବନ୍ଦ କରିବା ଉଚିତ ନୁହେଁ । ଯଦି ଆମେ ନିଜକୁ ଉନ୍ନତ କରିବାରେ ଲାଗି ରହିବା, ତେବେ ଆମର କାମ ସ୍ୱୟଂଚାଳିତ ଭାବରେ ଉନ୍ନତ ହେବ । ଆମେ କେବେ ବି ବାମ, ଡାହାଣ କିମ୍ବା ପଛକୁ ଚାହିଁବା ଉଚିତ ନୁହେଁ । ସକ୍ଷମ ହେବା ପାଇଁ ସର୍ବଦା ଚେଷ୍ଟା କରିବା ଅତ୍ୟନ୍ତ ଜରୁରୀ ।**

ପ୍ରତ୍ୟେକ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ଲାଗି ଆପଣଙ୍କ ମନକୁ ସ୍ଥିର ରହିବା ଆବଶ୍ୟକ । ବିଚଳିତ ନ ହୋଇ ଲକ୍ଷ୍ୟ ସିଦ୍ଧ ପାଇଁ ପ୍ରସ୍ତୁତ ହେଉଥିବା ବ୍ୟକ୍ତି ସଫଳତା ଲାଭ କରିଥାଏ । ସମୟାନୁସାରେ ସଠିକ୍ କାର୍ଯ୍ୟ କ୍ଷେତ୍ର ବାଛିବା ଏକ ଉଜ୍ଜ୍ୱଳ ଭବିଷ୍ୟତ ଆଡ଼କୁ ନେଇଯାଏ । ପ୍ରସିଦ୍ଧ ଚୀନ୍ ଚିନ୍ତକ ଚେନ୍ ନିଙ୍ଗ ଏହାକୁ ଏହିପରି ବ୍ୟାଖ୍ୟା କରିଛନ୍ତି: 'ଏକ ସଫଳ ପସନ୍ଦର ପଥ ହେଉଛି ଯାହା ନିଜ ପାଇଁ ନିଜ ବୁଝାମଣା ଉପରେ ଆଧାରିତ, ଅନ୍ୟମାନଙ୍କୁ ଅନୁକରଣ କରି କିମ୍ବା ସେମାନଙ୍କ ସ୍ୱପ୍ନର ପିଛା କରି ନୁହେଁ ।' କିନ୍ତୁ କେବଳ କାର୍ଯ୍ୟ କ୍ଷେତ୍ର ବାଛି ସଫଳତା ହାସଲ ହୁଏ ନାହିଁ । ପ୍ରତ୍ୟେକ କ୍ଷେତ୍ରରେ ସଫଳତା ପାଇଁ ଏକାଗ୍ରତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ଆଜିର ପିଢ଼ି ପାଇଁ ଏକାଗ୍ରତା ବଜାୟ ରଖିବା ଆହୁରି କଷ୍ଟକର ହୋଇଯାଇଛି, କାରଣ ସେମାନଙ୍କ ପାଖରେ ଯେ କୌଣସି ମୁହୂର୍ତ୍ତରେ ସେମାନଙ୍କୁ ବିଚଳିତ କରିବା ପାଇଁ ଫେସବୁକ୍, ଇନଷ୍ଟାଗ୍ରାମ୍ ଓ ହ୍ୱାଟ୍ସଆପ୍ ଭଳି ଅନେକ ଲୋକପ୍ରିୟ ସୋସିଆଲ ମିଡିଆ ପ୍ଲାଟଫର୍ମର ପ୍ରବେଶ ଅଛି । ପୂର୍ବ ସମୟରେ ଏହା ନ ଥିଲା, ଏତେ ସଂଘର୍ଷ ନ ଥିଲା, କାରଣ ଏତେ ପ୍ରତିଯୋଗିତା ନ ଥିଲା । ଆଜିର ପିଢ଼ି ଶିକ୍ଷାନୁଷ୍ଠାନରେ ପାଠପଢ଼ା ଓ ତାଲିମ ସମୟରେ ମଧ୍ୟ ମୋବାଇଲ୍ ଫୋନ୍‌ରେ ଫସି ରହେ । ହୁଏତ ଏହି କାରଣରୁ ସ୍କୁଲ୍ ଶିକ୍ଷା ସହିତ କୋଚିଂ



କ୍ଲାସଗୁଡ଼ିକ ଅଧିକ ସାଧାରଣ ହୋଇଗଲାଣି । ପିଲାମାନେ ଆତ୍ମ-ଅଧ୍ୟୟନ ଅଭ୍ୟାସରୁ ଦୂରେଇ ଯାଉଛନ୍ତି । ଭାରତୀୟ ପ୍ରଶାସନିକ ସେବା ପରୀକ୍ଷାରେ ପାସ୍ କରିଥିବା ଅଧିକାଂଶ ଛାତ୍ର କହିଛନ୍ତି ଯେ କୋଚିଂ ପଥ ଗ୍ରହଣ କରିବା ପରିବର୍ତ୍ତେ ସେମାନେ ଏକାଗ୍ରତାର ସହିତ ନିଜ ସ୍ତରରେ ଅଧ୍ୟୟନ କରିଥିଲେ ।

ବର୍ତ୍ତମାନ ଟିଭି ଚ୍ୟାନେଲଗୁଡ଼ିକର ବିସ୍ଫୋରକ ଉପସ୍ଥାପନା ଓ ମୋବାଇଲ୍ ଫୋନ୍, ରିଲ୍, ଓଟିଟି ପ୍ଲାଟଫର୍ମ, ୟୁଟ୍ୟୁବ୍ ତଥା ଅନ୍ୟାନ୍ୟ ଗଣମାଧ୍ୟମର ପ୍ରଚୁରତା ସହିତ, ସ୍କ୍ରିନ୍ ଆଡକୁ ଚାହିଁ ରହିବା ସମୟକୁ ସୀମିତ କରିବା ଆଉ ସମ୍ଭବ ନୁହେଁ । ତଥାପି ଦୂରଦର୍ଶନ ଯୁଗରେ ମଧ୍ୟ, ଯେତେବେଳେ ପ୍ରତିଯୋଗିତା କମ୍ ଥିଲା, ଛାତ୍ର ପରିବାର ପରୀକ୍ଷାର ଗୋଟିଏ କିମ୍ବା ଦୁଇ ସପ୍ତାହ ପୂର୍ବରୁ ଟିଭି ଦେଖିବା ସମ୍ପୂର୍ଣ୍ଣ ନିଷେଧ କରୁଥିଲେ । ଏହାର ଅର୍ଥ ହେଉଛି ପରୀକ୍ଷାର ଗୋଟିଏ ମାସ ପୂର୍ବରୁ ଟିଭି ବନ୍ଦ ହୋଇଯିବ । ଏହି ସମୟରେ କେବଳ ପିଲାମାନେ ନୁହେଁ, ପରିବାରର କୌଣସି ସଦସ୍ୟ ଟିଭି ଦେଖିବେ ନାହିଁ । ଆଗେ ଲକ୍ଷ୍ୟ ଥିଲା ପାଠପଢ଼ା ସମୟରେ ପିଲାମାନଙ୍କର ଏକାଗ୍ରତା ସୁନିଶ୍ଚିତ କରିବା । ଫାଇନାଲ୍ ପରୀକ୍ଷା ପରେ, ପିତାମାତା ନିଃସନ୍ଦେହରେ ସିନେମା ଘରେ ସେମାନଙ୍କ ପିଲାମାନଙ୍କୁ ଏକ ଚଳଚ୍ଚିତ୍ର ଦେଖାଇ ସେମାନଙ୍କ ମନୋରଞ୍ଜନ ଗ୍ରହଣ ନିଶ୍ଚିତ କରିବେ ।

ଜୀବନରେ ଗୋଟିଏ ପରୀକ୍ଷା ପରେ ଆଉ ଏକ, ତା'ପରେ ତୃତୀୟ ଓ ତା'ପରେ ଚତୁର୍ଥ ପରୀକ୍ଷା.. ପରୀକ୍ଷା ଜୀବନବ୍ୟାପୀ ଅନେକ ପରୀକ୍ଷା । ପରୀକ୍ଷା କେବଳ ଶ୍ରେଣୀ କକ୍ଷରେ ନୁହେଁ , ପ୍ରତିଟି ମୁହୂର୍ତ୍ତରେ ପ୍ରତ୍ୟେକଟି କ୍ଷେତ୍ରରେ ପରୀକ୍ଷା । ଅନ୍ୟ ଶବ୍ଦରେ କହିଲେ ଆଜି ଭଲ ସ୍କୋର କରିବା ସତ୍ତ୍ୱେ, କାଲି ପୁଣି ଥରେ ପ୍ରସ୍ତୁତି ଓ ଶିଖିବା ଆରମ୍ଭ କରିବାକୁ ପଡ଼ିଥାଏ । ଏବେ, ଜାତୀୟ ସ୍ତରୀୟ କଲେଜରେ ପ୍ରବେଶ ପାଇଁ ବିଶ୍ୱବିଦ୍ୟାଳୟ ପ୍ରବେଶ ପରୀକ୍ଷା ପାଇଁ ପ୍ରସ୍ତୁତି ଦ୍ୱାଦଶ ଶ୍ରେଣୀରୁ ଆରମ୍ଭ ହେଉଛି । ଶିକ୍ଷକ, ଡାକ୍ତର, ଓକିଲ, ଖେଳାଳି ଓ ବ୍ୟବସାୟୀଙ୍କ ସମେତ ସମସ୍ତ ଅଣ-ବ୍ୟବସାୟୀମାନଙ୍କୁ ନିରନ୍ତର ଅଧ୍ୟୟନ ଓ ଅଭ୍ୟାସ କରିବାକୁ ପଡିବ । ଦେଖିବାକୁ ଗଲେ ଆମେ ଏହି କ୍ଷେତ୍ରରେ ପଛକୁ ପଡୁଛେ । ତେଣୁ, ପୂର୍ବ ଅପେକ୍ଷା ଭଲ ହେବା ପାଇଁ ଆମକୁ ପ୍ରତିଦିନ ଆମର ଧ୍ୟାନ ବଜାୟ ରଖିବାକୁ ପଡିବ । କାରଣ ସଫଳ ଲୋକମାନେ ପରାମର୍ଶ ଦିଅନ୍ତି ଯେ ତୁମେ ଯାହା କର, ତାକୁ ତୁମର ୧୦୦% ଦିଅ । ସବୁଠାରୁ ଖରାପ ଓ ଚ୍ୟାଲେଞ୍ଜିଂ ପରିସ୍ଥିତିରେ ମଧ୍ୟ ତୁମର ଏକାଗ୍ରତା ହରାଅ ନାହିଁ । କଠିନ ପରିଶ୍ରମ କର ଓ ଧ୍ୟାନ କେନ୍ଦ୍ରିତ ରଖ । ପରିବାରର ଦାରିଦ୍ର୍ୟ କିମ୍ବା ପ୍ରିୟଜନଙ୍କ ମଧ୍ୟରେ ଅସୁସ୍ଥତା ସତ୍ତ୍ୱେ ମଧ୍ୟ ଧ୍ୟାନ ବଜାୟ ରଖିବା ସଫଳତାର ଚାବିକାଠି । ଏହା ନିଶ୍ଚିତ ଯେ ଜଣେ ବିଚଳିତ ହୋଇ କିମ୍ବା ଲକ୍ଷ୍ୟ ପରିବର୍ତ୍ତନ କରି ନିଜ ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିବ ନାହିଁ । ସର୍ବଦା କିଛି ବିଶେଷ କିମ୍ବା ବଡ଼ ଖୋଜିବା ଅସନ୍ତୋଷର କାରଣ ହୁଏ । ଉଦାହରଣ ସ୍ୱରୂପ, ଘୋଡା ଦୌଡ଼ରେ ଜିତିଥିବା ଘୋଡାକୁ ମଧ୍ୟ ଜଣା ନାହିଁ ଯେ ବିଜୟ କ'ଣ । ଏହା ତାର ମାଲିକଙ୍କ ଦ୍ୱାରା ହୋଇଥିବା କଷ୍ଟ ଯୋଗୁଁ ଦୌଡ଼େ । ତେଣୁ ଯଦି ଆମେ ଜୀବନରେ କଷ୍ଟର ସମ୍ମୁଖୀନ ହେଉ, ତେବେ ଆମେ ଜାଣିବା ଉଚିତ ଯେ ଆମର ମାଲିକ ଆମକୁ ଜିତିବାକୁ ଚାହାନ୍ତି ।

ଯେକୌଣସି କ୍ଷେତ୍ର କିମ୍ବା କାର୍ଯ୍ୟ କ୍ଷେତ୍ରରେ, ବ୍ୟକ୍ତିକୁ ଅଗଣିତ ପ୍ରତ୍ୟାଖ୍ୟାନର ସମ୍ମୁଖୀନ ହେବାକୁ ପଡ଼ିଥାଏ । କିନ୍ତୁ ଆତ୍ମବିଶ୍ୱାସ କେବେ ବି ଟଳମଳ ହୁଏ ନାହିଁ । ନିଜର ଲକ୍ଷ୍ୟ ହାସଲ କରିବାର ଦୃଢ଼ ନିଷ୍ପତ୍ତି ହେଉଛି ଏକ ଉଜ୍ଜ୍ୱଳ ଭବିଷ୍ୟତର ମୂଳଦୁଆ । ଜଣେ ଜଣାଶୁଣା ଅଭିନେତା ଥରେ ଏକ ସାକ୍ଷାତକାରରେ ପ୍ରକାଶ କରିଥିଲେ ଯେ ଏକ ଅଣ-ଫିଲ୍ମୀଜଡ଼ିତ ପରିବାରରୁ ଆସିବା ତାଙ୍କ ପାଇଁ ଚଳଚ୍ଚିତ୍ରରେ ପ୍ରବେଶ କରିବା ଅସମ୍ଭବ କରିଥିଲା, କିନ୍ତୁ ଚଳଚ୍ଚିତ୍ର ତାଙ୍କର ଭାଗ୍ୟ ଥିଲା । ସେ ନାଟ୍ୟ ଜଗତରେ କାମ କରୁଥିଲେ, ହିରୋ ପାଇଁ ଚା ଆଣିବା ଠାରୁ ଆରମ୍ଭ କରି ସୁଟିଂ ସ୍ଥାନରେ ଚେୟାର ସଜାଡ଼ିବା ପର୍ଯ୍ୟନ୍ତ ସବୁକିଛି କରୁଥିଲେ । ସେ ସେଟ୍‌ରେ ଚଳଚ୍ଚିତ୍ର କର୍ମଚାରୀଙ୍କ ଠାରୁ ଫୋନ୍ ନମ୍ବର ଚୋରି କରୁଥିଲେ, ତା'ପରେ ସେମାନଙ୍କ କାର୍ଯ୍ୟାଳୟକୁ ବାରମ୍ବାର ଆସୁଥିଲେ । ସେ ତାଙ୍କ ଲକ୍ଷ୍ୟରେ ଧ୍ୟାନ ଦେଉଥିଲେ । ଗୋଟିଏ ଦିନ ଚଳଚ୍ଚିତ୍ର କର୍ମଚାରୀମାନେ ଫୋନ୍ କରିଥିଲେ । ସେମାନେ ଏକ ନୂତନ ମୁହଁ ଖୋଜୁଥିଲେ। ପରିଶେଷରେ ତାଙ୍କୁ ମନୋନୀତ କରାଯାଇଥିଲା । ଏହା କେବଳ ତାଙ୍କ ଆଗ୍ରହକୁ ଅନୁସରଣ କରିବା ଦ୍ୱାରା ସମ୍ଭବ ହୋଇଥିଲା ।

ପ୍ରସିଦ୍ଧ ପରାମର୍ଶଦାତା ଓ ଲେଖକ ଜିନ୍ କଲିନ୍ସ ଲଗାତାର ପନ୍ଦର ବର୍ଷ ଧରି ଏଗାରଟି ଉଚ୍ଚ ଲାଭକାରୀ ଶିଳ୍ପ ଉପରେ ଗବେଷଣା କରି ଆବିଷ୍କାର କରି କହିଥିଲେ ଯେ ତାଙ୍କର ସମସ୍ତ ସିଇଓଙ୍କ ମଧ୍ୟରେ ନମ୍ରତା ଓ ଦୃଢ଼ ଇଚ୍ଛାଶକ୍ତିର ଏକ ସାଧାରଣ ଗୁଣ ରହିଛି । ନମ୍ରତା ଏକ ସାଧାରଣ କଥା, କାରଣ ଯଦି ଆମେ ନମ୍ର ନହେବା, ତେବେ ଆମେ ପ୍ରଥମେ ଶୁଣିବା ବନ୍ଦ କରିଦେବା। ଯଦି ଆମେ ଶୁଣିବା ନାହିଁ, ତେବେ ଆମେ ଶିଖିବା ବନ୍ଦ କରିଦେବା । ଆମେ କେବେ ବି ଶିଖିବା ଓ କରିବା ବନ୍ଦ କରିବା ଉଚିତ ନୁହେଁ । ଯଦି ଆମେ ନିଜକୁ ଉନ୍ନତ କରିବାରେ ଲାଗି ରହିବା, ତେବେ ଆମର କାମ ସ୍ୱୟଂଚାଳିତ ଭାବରେ ଉନ୍ନତ ହେବ । ଆମେ କେବେ ବି ବାମ, ଡାହାଣ କିମ୍ବା ପଛକୁ ଚାହିଁବା ଉଚିତ ନୁହେଁ । ସକ୍ଷମ ହେବା ପାଇଁ ସର୍ବଦା ଚେଷ୍ଟା କରିବା ଅତ୍ୟନ୍ତ ଜରୁରୀ । ଗୋଟିଏ ଚଳଚ୍ଚିତ୍ରର ଏକ ଲୋକପ୍ରିୟ ସଂଳାପରେ କୁହାଯାଇଛି : 'ସଫଳ ହେବା ପାଇଁ ଅଧ୍ୟୟନ କର ନାହିଁ, ବରଂ ସକ୍ଷମ ହେବା ଉତ୍ତମ । ସଫଳତା ତୁମକୁ ପିଛା କରିବ ।'

ଅଧ୍ୟକ୍ଷ, ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ ,
କଟକ -୪
ମୋ: ୯୦୪୦ ୧୫୧୪୭୫

# ସମାନ ମାମଲାରେ ଭିନ୍ନ ଭିନ୍ନ ରାୟ

**ସୌଭାଗ୍ୟ ରଂଜନ ମହାନ୍ତି**

ସମାନ ପ୍ରସଙ୍ଗ ଉପରେ ଦୁଇଟି ପୃଥକ ମାମଲାରେ ଆହ୍ଲାବାଦ ହାଇକୋର୍ଟର ଦୁଇ ପ୍ରକାରର ରାୟ, ଆଇନ ଓ ନୈତିକତାର ସୀମା ବା ମିଳନସ୍ଥଳ କଠିନ କ୍ଷେତ୍ର ବୋଲି ସଂକେତ ପ୍ରଦାନ କରେ। ପୂର୍ବରୁ ଆହ୍ଲାବାଦ ହାଇକୋର୍ଟର ଏକ ଜଣିକିଆ ଖଣ୍ଡପୀଠ ରାୟ ଦେଇଥିଲେ ଯେ, ଜଣେ ବିବାହିତ ବ୍ୟକ୍ତିର ସ୍ୱାମୀ କିମ୍ବା ତାଙ୍କର ପତ୍ନୀଙ୍କ ଠାରୁ ଛାଡପତ୍ର ନ ପାଇବା ପର୍ଯ୍ୟନ୍ତ ଜଣେ ତୃତୀୟ ବ୍ୟକ୍ତିଙ୍କ ସହିତ ଲିଭ-ଇନ ସମ୍ପର୍କରେ ରହିପାରିବେ ନାହିଁ। ଅନ୍ୟ ଏକ ମାମଲାରେ ଲିଭ-ଇନ-ସମ୍ପର୍କରେ ଥିବା ଏକ ଦମ୍ପତି ସ୍ୱାଧୀନ, ନିର୍ଭୟ ଏବଂ ଶାନ୍ତିରେ ବାସ କରିବା ପାଇଁ ଅଦାଲତଙ୍କ ଠାରୁ ସୁରକ୍ଷା ପ୍ରାର୍ଥନା କରିଥିବା ଏକ ଆବେଦନର ଶୁଣାଣି କହି ଦୁଇଜଣିଆ ଖଣ୍ଡପୀଠ ମତ ଦେଇଥିଲେ ଯେ, ସହମତି ଭିତ୍ତିରେ ଦୁଇ ପ୍ରାପ୍ତବୟସ୍କଙ୍କ ମଧ୍ୟରେ ଲିଭ-ଇନ୍ ସମ୍ପର୍କ, ଏପରିକି ଜଣେ ସେମାନଙ୍କ ମଧ୍ୟରେ ବିବାହିତ ଥିଲେ ମଧ୍ୟ ତାହା ଏକ ଅପରାଧ ବା ବେଆଇନ ନୁହେଁ।

ଉଲ୍ଲେଖଯୋଗ୍ୟ, ଗୋଟିଏ ମାମଲାରେ ବ୍ୟକ୍ତିଗତ ସ୍ୱାଧୀନତା ନାମରେ ଏଭଳି ଏକ ଦମ୍ପତିଙ୍କୁ ସୁରକ୍ଷା ଦେଇ ସେମାନଙ୍କ ଦାମ୍ପତ୍ୟର ଆଇନଗତ ଅଧିକାରକୁ ଅଣଦେଖା କରାଯାଇପାରିବ ନାହିଁ ବୋଲି ଅଦାଲତ ସ୍ପଷ୍ଟ କରିଥିବା ବେଳେ ଅନୁରୂପ ଅନ୍ୟ ଏକ ମାମଲାରେ ସହମତିରେ ଲିଭ-ଇନ-ସମ୍ପର୍କରେ ବେଆଇନ ନୁହେଁ ବୋଲି ଦର୍ଶାଇ ସୁରକ୍ଷା ପ୍ରଦାନ କରିବା ନିଶ୍ଚିତ ଭାବେ



ପରସ୍ପରର ବିରୁଦ୍ଧାଚରଣ କରୁଛି । କେବଳ ଏତିକି ନୁହେଁ, ବାସ୍ତବରେ ଏହା ଏକ ଗଭୀର ଆଇନଗତ ଶୂନ୍ୟତାର ପ୍ରତିବିମ୍ବିତ କରୁଛି ବୋଲି କୁହାଯାଇପାରିବ। ସମ୍ବିଧାନର ୨୧ଧାରା ଅନୁସାରେ ବ୍ୟକ୍ତିଗତ ସ୍ୱତନ୍ତ୍ର ଏବଂ ଜୀବନ ଧାରଣ ଅଧିକାରର ଅଂଶବିଶେଷ ଭାବେ ଲିଭ-ଇନ-ସମ୍ପର୍କକୁ ଭାରତୀୟ ଆଇନ ସ୍ୱୀକୃତି ଦେବା ପାଇଁ ଏବେ ଅତ୍ୟନ୍ତ ସତର୍କତାର ସହ ଅଗ୍ରସର ହେଉଛି। ଭାରତୀୟ ଆଇନ ବିବାହକୁ ଏକ ଆଇନଗତ ପ୍ରବର୍ତ୍ତନକ୍ଷମ ଅନୁଷ୍ଠାନ ଭାବେ ପ୍ରାଧାନ୍ୟ ପ୍ରଦାନକୁ ଅକ୍ଷୁଣ୍ଣ ରଖିଥିବାବେଳେ ଅଧିକାର ଓ ଆଇନଗତ ବାଧ୍ୟତାକୁ ଅବିଚାରିତ ଭାବେ ଅଗ୍ରାହ୍ୟ କରାଯାଇପାରବି ନାହିଁ।

ଏହା ସତ୍ୟ ଯେ, ଭାରତରେ ବିବାହ ଉଭୟ ପରସ୍ପର ବୁଝାମଣା ଏବଂ ଏକ ଗଭୀର ତଥା ଅତୁଟ ସାମାଜିକ ବନ୍ଧନର ପ୍ରତୀକ। ତେଣୁ ଚିନ୍ତା କେବଳ ଆଇନଗତ ନୁହେଁ, ଏହା ହେଉଛି ସାମାଜିକ ଓ ନୈତିକ। ମାତ୍ର ଆଧୁନିକ ବା ମଡର୍ଣ୍ଣ ସମ୍ପର୍କର ବାସ୍ତବତା ହେଉଛି ଅସ୍ଥିର। ବିବାହ ବନ୍ଧନକୁ ଆନୁଷ୍ଠାନିକ ଭାବେ ସମାପ୍ତ ନ କରି ଜଣେ ବ୍ୟକ୍ତିଗତ ଭାବେ ଲିଭ-ଇନ୍ ସମ୍ପର୍କରେ ରହିଲେ, ଆଇନ କଦାପି ଆଖିବୁଜି ରହିପାରିବ ନାହିଁ। ସୁରକ୍ଷା କିମ୍ବା ମାନ୍ୟତା ଅଗ୍ରାହ୍ୟ ଏଭଳି ସଂପର୍କକୁ ଭାଙ୍ଗେ ନାହିଁ। କିନ୍ତୁ ସେମାନଙ୍କୁ ବିପଦ ଓ ଆଇନଗତ ଅନିଶ୍ଚିତତାକୁ ଠେଲି ଦିଏ। ଗୋଟିଏ ହାଇକୋର୍ଟର ସମାନ ମାମଲା ଉପରେ ପୃଥକ୍ ପୃଥକ ରାୟ ବିଭ୍ରାଟ ସୃଷ୍ଟି କରିବା ଆଶଙ୍କା କରାଯାଏ।

ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ଆଜିର ଯୁବକ-ଯୁବତୀ ବିବାହ ଅପେକ୍ଷା ଲିଭ-ଇନ-ସମ୍ପର୍କରେ ରହିବାକୁ ପସନ୍ଦ କରୁଥିବା ଜଣାଯାଏ। ପରିବାର ଜଂଜାଳରେ ନ ରହି ସେମାନେ ସ୍ୱାଧୀନ ଭାବେ ରହିବାକୁ ଆଗ୍ରହୀ। କିନ୍ତୁ ଏହି ସମ୍ପର୍କ ସ୍ଥାୟୀ ହୋଇ ରହିପାରୁନାହିଁ। ବହୁ ସମୟରେ ବଳାତ୍କାର, ହତ୍ୟା, ଶୋଷଣରେ ପରିଣତି ହୋଇଛି। ଏ ନେଇ ଅଭିଯୋଗ ମଧ୍ୟ ବଢିବାରେ ଲାଗିଛି। ଏବେ ଆହ୍ଲାବାଦ ହାଇକୋର୍ଟଙ୍କ ରାୟ ସମ୍ବିଧାନର ୨୧ଧାରା ଅନୁସାରେ ବ୍ୟକ୍ତିଗତ ଅଧିକାର ଓ ବ୍ୟକ୍ତିଗତ ସ୍ୱାତନ୍ତ୍ର୍ୟ ଆଧାରାର ମାନ୍ୟତା ପ୍ରଦାନ କରିଛନ୍ତି। ଯାହାକି ଭାରତୀୟ ସମାଜରେ ବିଶୃଙ୍ଖଳା ସୃଷ୍ଟି କରିବାର ଆଶଙ୍କାକୁ ଅଣଦେଖା କରାଯାଇନପାରେ। ଏ ନେଇ ବିଧେୟକରେ ସ୍ପଷ୍ଟିକରଣର ଆବଶ୍ୟକତା ରହିଛି। ସାମାଜିକ ନୈତିକତା ଏବଂ ଆଇନ ଉପରେ ଏହାର ପ୍ରଭାବ ଏବେ ଏକ ଗମ୍ଭୀର ପ୍ରସଙ୍ଗ ବୋଲି କୁହାଯାଇପାରେ।

ମୋ-୯୪୩୭୯୯୪୩୭୯

# ଧର୍ମ ପରିବର୍ତ୍ତନ କରୁଥିବା ଦଳିତଙ୍କୁ ସଂରକ୍ଷଣ ମନା

**ଗୋପାଳ ମହାପାତ୍ର**

**"କେହି ବ୍ୟକ୍ତି ତାର ଆସ୍ଥା ବଦଳାଇ ପାରିବ, ପ୍ରଚାର କରି ପାରିବ। କିନ୍ତୁ ଏହି ଅଧିକାର କ'ଣ ସଂରକ୍ଷଣ ଭଳି ଲାଭ ପାଇଁ ବି ଲାଗୁ ହୋଇପାରିବ? ଏ ପ୍ରଶ୍ନର ଉତ୍ତର ସୁପ୍ରିମ୍‌କୋର୍ଟଙ୍କ ରାୟ ଅନୁସାରେ ହେଉଛି ନା। ସଂରକ୍ଷଣର ଲାଭ ଅନୁସୂଚିତ ଜାତି ଓ ଜନଜାତି ପାଇବେ ଯେଉଁମାନେ ହିନ୍ଦୁ, ବୌଦ୍ଧ ଓ ଶିଖ ଧର୍ମକୁ ମାନୁଥିବେ। କେହି ଦଳିତ ଓ ଖ୍ରୀଷ୍ଟିଆନ ହେବା ପରେ ଯଦି ଅନୁସୂଚିତ ଜାତିର ସାର୍ଟିଫିକେଟ ଦେଖାଇ ସଂରକ୍ଷଣର ଲାଭ ପାଉଥାନ୍ତି ତେବେ ସେମାନେ ହିନ୍ଦୁ ଦଳିତଙ୍କ ହକ୍ ଛଡାଇନେଉଛନ୍ତି ବୋଲି କୁହାଯିବ। ସଂରକ୍ଷଣ ସୀମିତ ଏବଂ ସଂଶୋଧନ ମଧ୍ୟ ସୀମିତ। ନୂଆ ଲୋକଙ୍କୁ ଯୋଡିଲେ ପ୍ରକୃତ ଲାଭାର୍ଥୀ ବଞ୍ଚିତ ହେବେ। କୋର୍ଟଙ୍କ ରାୟର ପ୍ରଭାବ ରାଜନୀତି ଉପରେ ମଧ୍ୟ ପଡିବ। ସଂରକ୍ଷିତ ଆସନର ପ୍ରାର୍ଥୀଙ୍କ ଚରିତ୍ର ବଦଳିଯିବ।**

ମାନ୍ୟବର ସୁପ୍ରିମ କୋର୍ଟ ଗତ ତା ୨୪.୩.୨୦୨୬ରିଖ ଦିନ ଏକ ଏମିତି ରାୟ ଶୁଣାଇଛନ୍ତି ଯାହା ସାମାଜିକ ନ୍ୟାୟ ପ୍ରସଙ୍ଗରେ ଆଲୋଚନାକୁ ପୁଣି ସରଗରମ କରି ଦେଇଛି। ମାନ୍ୟବର କୋର୍ଟ ସ୍ପଷ୍ଟ ଭାବରେ କହିଛନ୍ତି ଯେ ହିନ୍ଦୁ, ଶିଖ ବା ବୌଦ୍ଧ ଧର୍ମରୁ ଅନ୍ୟ କୌଣସି ଧର୍ମ ଗ୍ରହଣା କରୁଥିବା ବ୍ୟକ୍ତି ଯଦି ଅନୁସୂଚିତ ଜାତିର ହୋଇଥାଏ ତେବେ ସେ ଅନୁସୂଚିତ ଜାତି ମାନ୍ୟତା ତୁରନ୍ତ ହରାଇବ। ଆନ୍ଧ୍ରପ୍ରଦେଶ ହାଇକୋର୍ଟ ଏହି ପ୍ରସଙ୍ଗକୁ ନେଇ ଦେଇଥିବା ରାୟକୁ ମାନ୍ୟବର କୋର୍ଟ କାଏମ ରଖିଛନ୍ତି। ଜଣାପଡିଛି ଯେ ଆନ୍ଧ୍ରପ୍ରଦେଶର ଗୁଣ୍ଟୁର ଜିଲ୍ଲାର ଚିନ୍ତାଦା ଆନନ୍ଦ ନାମକ ଜନୈକ ଖ୍ରୀଷ୍ଟିଆନ ପାଦ୍ରୀ କିଛି ଲୋକଙ୍କ ବିରୋଧରେ ଜାତିଗତ ଗାଳି ଗୁଲଜ ଏବଂ ଆକ୍ରମଣର ଅଭିଯୋଗ କରି ଅନୁସୂଚିତ ଜାତି ଓ ଅନୁସୂଚିତ ଜନ ଜାତି ଅତ୍ୟାଚାର ନିବାରଣ ଆଇନ୍ ଅନୁସାରେ ଏକ ମାମଲା କରିଥିଲେ। କିନ୍ତୁ ଅଭିଯୁକ୍ତ ମାନଙ୍କ ଯୁକ୍ତି ଥିଲା ଯେ ଅଭିଯୋଗକାରୀ ଦଶବର୍ଷରୁ ଅଧିକ ସମୟ ହେବ ଖ୍ରୀଷ୍ଟଧର୍ମ ଗ୍ରହଣ କରି ପାଦ୍ରୀଭାବେ କାର୍ଯ୍ୟକରୁଛନ୍ତି। ଏଣୁ ଚିନ୍ତା ଦା ଆନନ୍ଦଙ୍କ ଅଭିଯୋଗ ଅନସାରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଅତ୍ୟାଚାର ନିବାରଣ ଆଇନ ଲାଗୁ କରାଯିବା ଉଚିତ ନୁହେଁ। ଆନ୍ଧ୍ରପ୍ରଦେଶ ହାଇକୋର୍ଟ ଏହି ଯୁକ୍ତିକୁ ଗ୍ରହଣ କରିଥିଲେ କିନ୍ତୁ ପରେ ଏହି ମାମଲା ସୁପ୍ରିମ କୋର୍ଟରେ ପହଞ୍ଚିଥିଲା। ସୁପ୍ରିମ କୋର୍ଟଙ୍କ ଦୁଇଜଣିଆ ପୀଠ ଆନ୍ଧ୍ରପ୍ରଦେଶ ହାଇକୋର୍ଟଙ୍କ ରାୟକୁ କାଏମ ରଖିଥିଲେ। ସୁପ୍ରିମ୍‌କୋର୍ଟର ବିଚାରପତି ପ୍ରଶାନ୍ତ କୁମାର ମିଶ୍ରା ଏବଂ ବିଚାରପତି ଏନ୍‌ଵି ଆରିଆଙ୍କ ପୀଠ ମାମଲାର ଶୁଣାଣିକରି କହିଥିଲେ ଯେ ଆବେଦନକାରୀ ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିବା ଏବଂ ପାଦ୍ରୀ ଭାବରେ କାର୍ଯ୍ୟ କରୁଥିବା ବାବଦରେ ମିଳିଥିବା ପ୍ରମାଣ ସ୍ପଷ୍ଟ। ଏଣୁ ଆବେଦନକାରୀଙ୍କୁ ମିଳିଥିବା ଅନୁସୂଚିତ ଜାତିର (ସଂରକ୍ଷଣ) ମାନ୍ୟତା ଆଉ ନାହିଁ।

ମାନ୍ୟବର ସୁପ୍ରିମକୋର୍ଟ ଏ ଯେଉଁ ରାୟ ଦେଇଛନ୍ତି ଏହା କୌଣସି ନୂଆ ଆଇନ୍ ନୁହେଁ ବରଂ ୧୯୫୦ର ସମ୍ବିଧାନ (ଅନୁସୂଚିତ ଜାତି) ଆଦେଶର ଧାରା ୩ର ପୁନଃପାଠ ବୋଲି କୁହାଯାଇପାରେ। ସମ୍ବିଧାନ ଆଦେଶର ଧାରା ୩ରେ ସ୍ପଷ୍ଟ ଭାବରେ ଉଲ୍ଲେଖ ରହିଛି ଯେ ଅନୁସୂଚିତ ଜାତିର ମାନ୍ୟତା କେବଳ ସେଇ ଲୋକଙ୍କୁ ମିଳିଥାଏ ଯିଏ ହିନ୍ଦୁ, ବୌଦ୍ଧ ଶିଖ ଧର୍ମକୁ ମାନିଥାନ୍ତି। ଏହି ୩ଟି ଧର୍ମର ଲୋକେ ଯଦି ନିଜ ଧର୍ମକୁ ଛାଡି ଅନ୍ୟ ଧର୍ମଗ୍ରହଣ କରନ୍ତି ତେବେ ଜନ୍ମ ବେଳରୁ ମିଳିଥିବା ମାନ୍ୟତା ସ୍ୱତଃ ରଦ୍ଦ ହୋଇଯାଏ। ମାନ୍ୟବର ସୁପ୍ରିମ୍‌କୋର୍ଟ କହିଥିଲେ ଯେ ଏହି ପ୍ରତିବନ୍ଧ ପୂର୍ଣ୍ଣ ଅଟେ ଏଥିରେ କୌଣସି ରିହାତି ଦିଆଯାଇ ପାରିବନାହିଁ। ବ୍ୟକ୍ତିର ଜନ୍ମ କୌଣସି ବି ଦଳିତ ପରିବାରରେ ହେଉନା କାହିଁକି ଯଦି ସେହି ବ୍ୟକ୍ତି ଖ୍ରୀଷ୍ଟଧର୍ମ ବା ଇସଲାମ ଧର୍ମ ଗ୍ରହଣ କରେ ତେବେ ତାକୁ ଅନୁସୂଚୀତ ଜାତିର ମାନ୍ୟତର ମିଳିବ ନାହିଁ। ଖ୍ରୀଷ୍ଟ ଧର୍ମରେ ଜାତିର ବ୍ୟବସ୍ଥାକୁ ଗ୍ରହଣ କରାଯାଏନାହିଁ । ଏଣୁ ଚିନ୍ତାଦା ଆନନ୍ଦଙ୍କ ମାମଲାରେ ଅଭିଯୁକ୍ତଙ୍କ ବିରୁଦ୍ଧରେ ଜାତିଗତ ଅତ୍ୟାଚାର ଆଇନ୍ ଲାଗୁ କରାଯାଇପାରିବ ନାହିଁ। ଚିନ୍ତାଦା ଆନନ୍ଦ ଘର ଘର ଘରବୁଲି ରବିବାର ପ୍ରାର୍ଥନା କରାଉଥିଲେ, ପାଦ୍ରୀ ଭାବରେ କାମ କରୁଥିଲେ। ମାନ୍ୟବର କୋର୍ଟ ଏ ବାବଦରେ ପ୍ରମାଣ ପାଇବା ପରେ କହିଥିଲେ ଯେ ଚିନ୍ତାଦା ଆନନ୍ଦ ଖ୍ରୀଷ୍ଟଧର୍ମର ହୋଇଥିବାରୁ ସେ ଆଉ ଅନୁସୂଚିତ ଜାତିର ନୁହନ୍ତି।

ମାନ୍ୟବର ସୁପ୍ରିମ୍ କୋର୍ଟଙ୍କ ବୋଲି କୁହାଯାଉଛି। ଏଣୁ ସଂରକ୍ଷଣ, ସଂରକାରୀ ନିଯୁକ୍ତ, ଶିକ୍ଷା ବ୍ୟବସ୍ଥାରେ ସୁବିଧା, ଛାତ୍ରବୃତ୍ତି ଏପରିକି ଆଇନଗତ ସୁରକ୍ଷା ଭଳି ଲାଭ କେବଳ ହିନ୍ଦୁ, ବୌଦ୍ଧ ଏବଂ ଶିଖ ଧର୍ମାବଲମ୍ବୀ ଦଳିତ ମାନଙ୍କୁ ମିଳିବ ଅନ୍ୟ ଧର୍ମର ଲୋକଙ୍କୁ ନୁହେଁ ବୋଲି ମାନ୍ୟବର ସୁପ୍ରିମ୍‌କୋର୍ଟଙ୍କ ଦୁଇ ଜଣିଆ ପୀଠ ସ୍ପଷ୍ଟ ଭାବରେ କହିଛନ୍ତି।

ମାନ୍ୟବର ସୁପ୍ରିମକୋର୍ଟଙ୍କ ଏହି ରାୟ ପରେ କ'ଣ ଧର୍ମନ୍ତରଣ ବନ୍ଦ ହେବ?



ଏହି ରାୟର ଗଭୀରତାକୁ ବୁଝିବା ପାଇଁ ଆମକୁ ସମ୍ବିଧାନର ମୂଳ ଭାବନାକୁ ମନେ ପକାଇବାକୁ ପଡିବ। ସମ୍ବିଧାନ ସଭା ଅନୁସୂଚିତ ଜାତିଙ୍କୁ ବିଶେଷ ମାନ୍ୟତା ଦେବାର କାରଣ ଥିଲା ଯେ ହିନ୍ଦୁ ସମାଜରେ ବହୁ ବର୍ଷ ହେବ ଛୁଆଁ ଅଛୁଆଁ ଏବଂ ଅସ୍ପୃଶ୍ୟତା ଭଳି ଘଟଣା ଥିଲା। ଏମାନଙ୍କୁ ଏହି ଭେଦଭାବରୁ ମୁକ୍ତି କରିବା ପାଇଁ ବିଶେଷ ମାନ୍ୟତା (ସଂରକ୍ଷଣ) ପ୍ରଦାନ କରାଯାଇ ଥିଲା। ୧୯୫୦ର ସମ୍ବିଧାନର ଆଦେଶରେ ହିନ୍ଦୁ ଦଳିତମାନଙ୍କ ପାଇଁ ଏହି ମାନ୍ୟତା ଥିଲା ପରେ ୧୯୫୬ରେ ବୌଦ୍ଧଙ୍କୁ ଏବଂ ୧୯୯୦ରେ ଶିଖ୍ ମାନଙ୍କୁ ଏଥିରେ ସାମିଲ କରାଗଲା। କାରଣ ଏସବୁ ଧର୍ମରେ ଜାତିଗତ ସଂରଚନା ରହିଛି। କିନ୍ତୁ ଖ୍ରୀଷ୍ଟଧର୍ମ ଏବଂ ଇସଲାମ ଧର୍ମ ଜାତିବିହୀନ ସମ୍ବିଧାନର ଅନୁଛେଦ ୨୫ ଅନୁସାରେ ଯେକୌଣସି ଭାରତୀୟ ଚାହିଁଲେ ଅନ୍ୟ ଧର୍ମ ଗ୍ରହଣ କରିପାରିବ। କେହି ବ୍ୟକ୍ତି ତାର ଆସ୍ଥା ବଦଳାଇ ପାରିବ, ପ୍ରଚାର କରି ପାରିବ। କିନ୍ତୁ ଏହି ଅଧିକାର କ'ଣ ସଂରକ୍ଷଣ ଭଳି ଲାଭ ପାଇଁ ବି ଲାଗୁହୋଇପାରିବ? ଏ ପ୍ରଶ୍ନର ଉତ୍ତର ସୁପ୍ରିମ୍‌କୋର୍ଟଙ୍କ ରାୟ ଅନୁସାରେ ହେଉଛି ନା। ସଂରକ୍ଷଣର ଲାଭ ଅନୁସୂଚିତ ଜାତି ଓ ଜନ ଜାତି ପାଇବେ ଯେଉଁମାନେ ହିନ୍ଦୁ, ବୌଦ୍ଧ ଓ ଶିଖ ଧର୍ମକୁ ମାନୁଥିବେ। କେହି ଦଳିତ ଓ ଖ୍ରୀଷ୍ଟିଆନ ହେବା ପରେ ଯଦି ଅନୁସୂଚିତ ଜାତିର ସାର୍ଟିଫିକେଟ ଦେଖାଇ ସଂରକ୍ଷଣର ଲାଭ ପାଉଥାନ୍ତି ତେବେ ସେମାନେ ହିନ୍ଦୁ ଦଳିତଙ୍କ ହକ୍ ଛଡାଇନେଉଛନ୍ତି ବୋଲି କୁହାଯିବ। ସଂରକ୍ଷଣ ସୀମିତ ଏବଂ ସଂଶୋଧନ ମଧ୍ୟ ସୀମିତ। ନୂଆ ଲୋକଙ୍କୁ ଯୋଡିଲେ ପ୍ରକୃତ ଲାଭାର୍ଥୀ ବଞ୍ଚିତ ହେବେ। କୋର୍ଟଙ୍କ ରାୟର ପ୍ରଭାବ ରାଜନୀତି ଉପରେ ମଧ୍ୟ ପଡିବ। ସଂରକ୍ଷିତ ଆସନର ପ୍ରାର୍ଥୀଙ୍କ ଚରିତ୍ର ବଦଳିଯିବ।

କୋର୍ଟଙ୍କ ରାୟପରେ ଧର୍ମ ପରିବର୍ତ୍ତନ କରି ସଂରକ୍ଷଣର ଲାଭ ପାଉଥିବା ଲୋକଙ୍କ ପାଇଁ ସଂରକ୍ଷଣ ପାଇବାର ରାସ୍ତା ବନ୍ଦ ହୋଇଯିବ। କିନ୍ତୁ ଏ ପ୍ରସଙ୍ଗ ଏତେ ସହଜ ବା ସରଳ ନୁହେଁ। ଦୀର୍ଘଦିନ ହେବ ବିମର୍ଶ ଚାଲିଛି ଯେ ହିନ୍ଦୁ, ବୌଦ୍ଧ ଓ ଶିଖ ଧର୍ମର ଅନୁସୂଚିତ ଜାତିର ଯେଉଁ ଲୋକମାନେ ଖ୍ରୀଷ୍ଟଧର୍ମ ଇସଲାମ ଧର୍ମ ଗ୍ରହଣ କରୁଛନ୍ତି ସେମାନଙ୍କୁ ଅନୁସୂଚିତ ଜାତିର ମାନ୍ୟତା ମିଳିବା ଉଚିତ୍ ନା ଉଚିତ ନୁହେଁ? ୨୦୦୭ରେ ରଙ୍ଗନାଥ ମିଶ୍ର କମିଶନ ସୁପାରିସ କରିଥିଲେ ଯେ ସବୁ ଧର୍ମର ଦଳିତଙ୍କୁ ସଂରକ୍ଷଣ ମିଳିବା ଉଚିତ୍ କାରଣ ପଛୁଆପଣ ଧର୍ମ ପରିବର୍ତ୍ତନ କଲେ କଟିଯାଏ ନାହିଁ। କିନ୍ତୁ କେନ୍ଦ୍ର ସରକାର ଏହି ସୁପାରିସକୁ ଆଗ୍ରହ୍ୟ କରିଛନ୍ତି। ଏବେ ସୁପ୍ରିମ୍‌କୋର୍ଟର ପୁର୍ବତନ ପ୍ରଧାନ ବିଚାରପତି କେଜି ବାଲକୃଷ୍ଣନଙ୍କ ଅଧକ୍ଷତାରେ ଗଠିତ ନୂଆ କମିଶନ ଏ ପ୍ରସଙ୍ଗରେ ବିଚାର କରୁଛି। ସୁପ୍ରିମକୋର୍ଟରେ ଏହିଭଳି ଅନେକ ମାମଲା ମଧ୍ୟ ବିଚାରାଧୀନ ରହିଛି। କିନ୍ତୁ ଗତ ତା ୨୪.୩.୨୦୨୬ରିଖରେ ମାନ୍ୟବର ସୁପ୍ରିମକୋର୍ଟ ଦେଇଥିବା ରାୟ ଏବେ ଏ ପ୍ରସଙ୍ଗକୁ ନେଇ ବିମର୍ଶ ତୀବ୍ର କରି ଦେଇଛି। ମାନ୍ୟବର କୋର୍ଟ କହିଛନ୍ତି ଯେ ୧୯୫୦ର ସମ୍ବିଧାନର ଆଦେଶ ଏବେ ବି କାଏମ ରହିଛି। ସଂସଦ ଚାହିଁଲେ ଏଥିରେ ପରିବର୍ତ୍ତନ କରିପାରିବ। କୋର୍ଟଙ୍କ ମତରେ ସଂରକ୍ଷଣର ଉଦେଶ୍ୟ ହେଉଛି ସାମାଜିକ ସମାନତା ଆଣିବା, ଧର୍ମ ପରିବର୍ତ୍ତନକୁ ଅଗ୍ରାଧିକାର ଦେବା ନୁହେଁ। ଯଦି ଧର୍ମ ପରିବର୍ତ୍ତନ କଲେ ଲାଭ ମିଳୁଛି ତେବେ ମୂଳ ଉଦେଶ୍ୟ ଆଉ ରହିବ କେମିତି?

ରାମଚନ୍ଦ୍ର ପୁର, ରଣପୁର
ମୋ:୯୪୩୮୪୮୫୦୯୪

## ଦିବ୍ୟାଙ୍ଗ ଅଧିକାର ଆଇନର ଉଲ୍ଲଙ୍ଘନ!

ଭାପୁର,(ନିପ୍ର): ଦିବ୍ୟାଙ୍ଗମାନଙ୍କ ପାଇଁ କେନ୍ଦ୍ର ତଥା ରାଜ୍ୟ ସରକାର ଅନେକ କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରୁଥିଲେ ମଧ୍ୟ ବିଶେଷକରି, ଯାତ୍ରୀ ପରିବହନକାରୀ ଯାନର କର୍ମଚାରୀମାନେ ଏହାକୁ ଭାପୁର ବ୍ଲକ ଅଞ୍ଚଳରେ ଉଲ୍ଲଙ୍ଘନ କରୁଥିବା ଉଦାହରଣ ଦେଖାଦେଇଥିବା ଅଭିଯୋଗ ହୋଇଛି । ସାର୍ବଜନୀନ ପରିବହନକାରି ମାଲିକ ତଥା କର୍ମଚାରୀମାନେ ଦିବ୍ୟାଙ୍ଗ ମାନଙ୍କ ପ୍ରତି ନିଜର କର୍ତ୍ତବ୍ୟ ଏବଂ ଦାୟିତ୍ୱବୋଧତା ଜ୍ଞାନ ରଖିବା ଆବଶ୍ୟକ । ମାତ୍ର ଭାପୁରରେ ଏହାର ଉଲ୍ଲଂଘନ ନେଇ ଅଭିଯୋଗ ହୋଇଛି ।ଗତ ଦୁଇ ଦିନ ତଳେ ଫତେଗଡ଼ ଥାନା ଅଞ୍ଚଳର ଜଣେ ଦିବ୍ୟାଙ୍ଗ ବ୍ୟକ୍ତି (ଦୃଷ୍ଟି ହୀନ)ମାତ୍ର ୫ କିମି ବାଟ କଳାପଥର ଯିବା ପାଇଁ ଅପେକ୍ଷା କରିଥିଲେ ମଧ୍ୟ ଗୋଟିଏ ପରେ ଗୋଟିଏ ୪/୫ ଟି ବସ ଯିବାପରେ ମଧ୍ୟ ତାଙ୍କୁ କୌଣସି ବସର କର୍ମଚାରୀ ଉଠେଇ ନ ଥିଲେ । ଫଳରେ,ସେ ନିରୁତ୍ସାହିତ ହୋଇ ଫେରି ଆସିଥିଲେ ।ଏହି ଘଟଣାର ପୁନରାବୃତ୍ତି ନ ହେବା ପାଇଁ ବସ କର୍ମଚାରୀ ତଥା ମାଲିକମାନେ ଏ ଦିଗରେ ରାଜ୍ୟ ସରକାର ସଚେତନ କରିବା ନିମନ୍ତେ ସ୍ଥାନୀୟ ବୁଦ୍ଧିଜୀବୀ ଏବଂ ଶିକ୍ଷାବିତ୍‌ଙ୍କ ମଧ୍ୟରେ ଦାବି ହୋଇଛି ।

## ଅଖିଳ ଭାରତୀୟ ସାହିତ୍ୟ ପରିଷଦର ପରିବେଶ ସଚେତନତା

ବଲାଙ୍ଗିର,(ନିପ୍ର): ଅଖିଳ ଭାରତୀୟ ସାହିତ୍ୟ ପରିଷଦ, ବଲାଙ୍ଗିର ଶାଖା ଓ ବଲାଙ୍ଗିର ଆୟୁର୍ବେଦ କଲେଜର ମିଳିତ ସହଯୋଗ ରେ ଏକ ଆଲୋଚନାଚକ୍ର, ପର୍ଯ୍ୟାବରଣ ଓ ଆୟୁର୍ବେଦ ତଥା ଏକ କବିତା ପାଠୋତ୍ସବ ପରିବେଶ ଓ ପର୍ଯ୍ୟବରଣ ଉପରେ କବିତା ପଠୋତ୍ସବ ହୋଇଥିଲା । ଏହି ସଭାରେ ସଭାପତିତ୍ୱ କରିଥିଲେ ଡ. ଭବାନୀ ଶଙ୍କର ପଟେଲ, ମୁଖ୍ୟ ଅତିଥି ପ୍ରଫେସର ଡାକ୍ତର ମନୋଜ କୁମାର ସାହୁ, ବକ୍ତା ଭାବରେ ଡାକ୍ତର ବିଶ୍ୱଜିତ ଦାଶ ତଥା ଡାକ୍ତର ଭାଗ୍ୟ ରଂଜନ ଦାଶ ବକ୍ତବ୍ୟ ରଖିଥିଲେ । ମଂଚ ପରିଚାଳନା କରିଥିଲେ ଡାକ୍ତର ନିଗମାନନ୍ଦ ବଳ ଓ କବିତା ସଂଯୋଜନା କରିଥିଲେ ବିଶିଷ୍ଟ କବି ଲିଲି ପଟେଲ ଓ ବିଶିଷ୍ଟ କଣ୍ଠ ଶିଳ୍ପୀ ଚୁମକୀ ଦାଶ, ପରିଷଦ ସଚିବ ରାମଚନ୍ଦ୍ର ପଟେଲ ପରିଷଦର ଉଦ୍ଦେଶ୍ୟ ଓ କାର୍ଯ୍ୟକ୍ରମ ଉପରେ ବକ୍ତବ୍ୟ ରଖିଥିଲେ । ଗିରିଜା ଶଙ୍କର ରଥ ପରିଷଦର ବିଭିନ୍ନ କାର୍ଯ୍ୟକ୍ରମ ସହ ରେବା ଅନୁଭୂତି ଓ ଆସନ୍ତା କୋଟିଆ (କୋରାପୁଟ) ସମ୍ମିଳନୀ ଉପରେ ସୂଚନା ଦେଇଥିଲେ । ଅଭିଷେକ ତ୍ରିବେଦୀ, ଜାହ୍ନବୀ, ପ୍ରଗତି, ଭାଲେରାଓ, ପଙ୍କଜ ଉପାଧ୍ୟାୟ, ସୀତାରାମ ମେହେର, ଡା. ବିବେକ ଛାକେ, ଗୋପୀକୃଷ୍ଣ ପାଣ୍ଡିଆ, ବଳିଷ୍ଠ ପ୍ରଧାନ, ନଳିନୀ ପ୍ରଭା ଶତପଥି, ରାମ ଶଙ୍କର ଶତପଥି ଓ ଡ.ଭବାନୀ ଶଙ୍କର ପଟେଲ, ଗିରିଜା ଶଙ୍କର ରଥ, ଚୁମକୀ ଦାଶ, ଲିଲି ପଟେଲ, ଅରୁଷୀ ସିଂହ, ଶ୍ରେୟସୀ ନିଗମାନନ୍ଦ, ଦିବ୍ୟାରାଣୀ ବେହେରା, ଶକ୍ତି ସ୍ୱରୁପ ବ୍ରହ୍ମ, ସନାତନ ମିଶ୍ର, କବିତା ମିଶ୍ର, ସବିତା ଦାନୀ, ଗୋପୀନାଥ ଦଣ୍ଡସେନା ।

## ବ୍ଲକସ୍ତରୀୟ ସ୍ୱଚ୍ଛ ଓଡିଶା ଦିବସ

ରାୟଗଡ଼,(ନି:ପ୍ର): ଓଡିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ସାରା ରାଜ୍ୟରେ ଓଡ଼ିଆ ପକ୍ଷ ଏପ୍ରିଲ ପହିଲାରୁ ଚଉଦ ପର୍ଯ୍ୟନ୍ତ ପାଳିତ ହେଉଛି । ଓଡ଼ିଆ ପକ୍ଷର ଷଷ୍ଠ ଦିବସରେ ରାୟଗଡ଼ ବ୍ଲକସ୍ତରୀୟ ସ୍ୱଚ୍ଛ ଓଡିଶା ଦିବସ ଏବିଡିଓ କାଳୁଚରଣ ନାୟକଙ୍କ ଅଧକ୍ଷତାରେ କାମ୍ପ ମାଲିଗାଁ ଠାରେ ଅନୁଷ୍ଠିତ ହୋଇଯାଇଛି । ଗ୍ରାମ ପଞ୍ଚାୟତ ନିକଟସ୍ଥ ଅତି ପୁରାତନ ମଲ୍ଲିକେଶ୍ୱର ହତା ପରିସର ଓ ତତ୍ ସଂଲଗ୍ନ ସତ୍ୟସାଇ ମନ୍ଦିର ପରିସରକୁ ସ୍ୱଚ୍ଛତା ଅଭିଯାନରେ ସାମିଲ କରାଯାଇଥିଲା । ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ କାଳୁଚରଣ ନାୟକ ରାୟଗଡ଼ ପଞ୍ଚାୟତ ସମିତି କର୍ମକର୍ତ୍ତାଙ୍କ ସହ ସକାଳ ଆଠ ଘଟିକା ସମୟରେ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ପହଞ୍ଚି ମନ୍ଦିର ପରିସର ସଫେଇ କାର୍ଯ୍ୟ ଆରମ୍ଭ କରିଥିଲେ । ସରପଞ୍ଚ କବିତା ହୁଇକା, ଏବିଇଓ ଛବିଲାଲ ସିଂ, ସ୍ୱଚ୍ଛ ଭାରତ ମିଶନ ଗ୍ରାମୀଣ ସଂଯୋଜକ ବିଖ୍ୟାତି କନ୍ଧପାଣି, ଜିପିଡିଓ ସ୍ମୃତିରେଖା ନାୟକ, ଶିକ୍ଷକ ନୀଳାଞ୍ଚଳ ମିଶ୍ର, ପେସା ସଂଯୋଜକ ଯୋଗେନ୍ଦ୍ର ନାୟକ, ନିର୍ବାହୀ ଅଧିକାରୀ ପଲ୍ଲବୀ ପ୍ରିୟା ନାଥ, ସିଆରସିସି ସୌମ୍ୟା ପ୍ରିୟଦର୍ଶିନୀ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଗ୍ରାମ ପଞ୍ଚାୟତର ସମସ୍ତ ଅଙ୍ଗନବାଡି କର୍ମୀ, ଶିକ୍ଷା, କୃଷି, ମୃତ୍ତିକା ସଂରକ୍ଷଣ, ପଞ୍ଚାୟତିରାଜ, ମହିଳା ଓ ଶିଶୁ ବିକାଶ ଆଦି ବିଭିନ୍ନ ବିଭାଗୀୟ କର୍ମକର୍ତ୍ତା, ନିର୍ବାଚିତ ପ୍ରତିନିଧି ଓ ଗ୍ରାମବାସୀ ପ୍ରମୁଖ ଯୋଗଦେଇ ସ୍ୱଚ୍ଛତା ଅଭିଯାନରେ ସାମିଲ ହୋଇଥିଲେ ।

## ବନଦୁର୍ଗା ମହୋତ୍ସବ

ବଲାଙ୍ଗିର,(ନିପ୍ର): ବଲାଙ୍ଗିର ଜିଲ୍ଲା ସର୍ବବୃହତ ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ଦ୍ୱାରା ପ୍ରାୟ ୩୦ ରୁ ଅଧିକ ଗ୍ରାମ ସମ୍ପୂର୍ଣ୍ଣ ଅବା ଆଂଶିକ କ୍ଷତିଗ୍ରସ୍ତ ହୋଇଥିବା ପରିବାରର ମିଳିତ ଉଦ୍ୟମରେ ଏ ଅଂଚଳର ଆରାଧ୍ୟା ଦେବୀ ମାଁ ବନଦୁର୍ଗାଙ୍କ ପୂଜନୋତ୍ସବ ସହ ମହୋତ୍ସବ ଆସନ୍ତା ୭ ତାରିଖରୁ ୧୧ ତାରିଖ ୫ ଦିନ ଧରି ସମସ୍ତେ ଲୋୟର ସୁକତେଲ ଡ୍ୟାମ ପାଦ ଦେଶରେ ଏକତ୍ର ହୋଇ ଅଂଶଗ୍ରହଣ କରିବେ । ଆଜି ବି ବିସ୍ଥାପିତଙ୍କ କଲୋନିରେ ବହୁ ନାହିଁ ନ ଥିବାର ଅସୁବିଧା ଭୋଗୁଛନ୍ତି । ତାର ସମାଧାନ ନିମନ୍ତେ ସମସ୍ତେ ମିଳିତ ଉଦ୍ୟମ କରିବା ପାଇଁ ଆଲୋଚନା ହେବ । କାର୍ଯ୍ୟକ୍ରମକୁ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ ମହୋତ୍ସବ କମିଟି ସଭାପତି ସଂଜୟ ଗଡତ୍ୟା, ଉପସଭାପତି କୈଳାସ ଚନ୍ଦ୍ର ସିଂଦେଓ, ସଂପାଦକ ଜୟକୃଷ୍ଣ ମିଶ୍ର, ସହ ସଂପାଦକ ବିକାଶ ଚନ୍ଦ୍ର ରଥ, କୋଷାଧକ୍ଷ ନରେନ୍ଦ୍ର ବିଶି, ସହ-କୋଷାଧକ୍ଷ ଭରତ ସାହୁ, ଲମ୍ବୋଦର ପଧାନ, ଗିରିଧାରି ପୁଟା ପ୍ରମୁଖ ନେତୃତ୍ୱ ନେଉଛନ୍ତି ।

# ରନ୍ଧନଗ୍ୟାସର କଳାବଜାରୀ : ୧୬୧ ସିଲିଣ୍ଡର ଜବତ



ରାଉରକେଲା,(ନିପ୍ର): ଇରାନ୍ ବିରୋଧରେ ଆମେରିକା ଓ ଇସ୍ରାଏଲର ଯୁଦ୍ଧ ଆରମ୍ଭ ଏବଂ ପରବର୍ତ୍ତୀ ସମୟରେ ଏହା ସମଗ୍ର ମଧ୍ୟପ୍ରାଚ୍ୟକୁ ବ୍ୟାପିବା ଫଳରେ ଷ୍ଟ୍ରେଟ୍ଅପ ଫରମୁସ୍ ଇରାନର ନିୟନ୍ତ୍ରଣରେ ଥିବାରୁ ଏଲପିଜି ଗ୍ୟାସ୍ ସଙ୍କଟ ଓ ତୈଳ ସଙ୍କଟ ଦେଖାଦେଇଛି । କିନ୍ତୁ ଇରାନ୍ ଭାରତର ତୈଳବାହୀ ଜାହାଜ ଏବଂ ଏଲପିଜି ଗ୍ୟାସ ବୋଝେଇ ଜାହାଜକୁ ଛାଡି ଦେଉଥିବା ବେଳେ, ଭାରତ ସରକାର ସମସ୍ତ ଭାରତୀୟଙ୍କୁ ଏଲପିଜି ସଙ୍କଟ ନ ହେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । କିନ୍ତୁ କେତେକ ଡିଷ୍ଟ୍ରିବ୍ୟୁଟର ଏବଂ ଡିଲର, ଲାଭଖୋର ମନୋବୃତ୍ତି ରଖି ଏଲପିଜି ଗ୍ୟାସ ମହଜୁଦ ରଖୁଛନ୍ତି ।

ଆଜି ରାଉରକେଲା ସେକ୍ଟର-୭ ଥାନା ଅଧୀନସ୍ଥ ସେକ୍ଟର-୯ ଅଞ୍ଚଳର ଇ-ବ୍ଲକ୍‌ରେ ଥିବା ଏକ ଗ୍ୟାରେଜରୁ ରାଉରକେଲା ଯୋଗାଣ ବିଭାଗ ଏବଂ ପୋଲିସର ମିଳିତ ଚଢାଉରେ ୧୬୧ଟି କମର୍ସିଆଲ ଏବଂ ଇଣ୍ଡଷ୍ଟ୍ରିଆଲ ଗ୍ୟାସ୍ ସିଲିଣ୍ଡର ଜବତ କରାଯାଇଛି । ଏହି ଘଟଣାରେ ରାଉରକେଲା ଯୋଗାଣ ବିଭାଗର ବରିଷ୍ଠ ଅଧିକାରୀ ଏବଂ ପୋଲିସ ଅଧିକାରୀଙ୍କ ଦ୍ୱାରା ତଦନ୍ତ କରାଯାଉଛି । ରାଉରକେଲା ଇସ୍ପାତ କାରଖାନା ଅଧୀନରେ ଥିବା ଏହି ଗ୍ୟାରେଜରେ ବେଆଇନ କଳାବଜାରୀ ପାଇଁ କିଏ ଗ୍ୟାସ୍ ସିଲିଣ୍ଡର ରଖିଥିଲେ ଏବଂ କାହା ନେତୃତ୍ୱରେ ଏହି ବେଆଇନ ବ୍ୟବସାୟ ଚାଲିଥିଲା ତାହାର ତଦନ୍ତ କରାଯାଉଛି । ଏହି ଗ୍ୟାରେଜକୁ କିଏ ଭଡାରେ ନେଇଥିଲା ତାହାର ତଦନ୍ତ କରାଯାଉଛି ।

ଗୋଟିଏ ପଟେ ସହରରେ ଗ୍ୟାସ୍ ସିଲିଣ୍ଡରର ଏକ ବଡ଼ ଅଭାବ ରହିଛି, ଅନ୍ୟପଟେ ବେଆଇନ ବ୍ୟବସାୟୀମାନେ କଳାବଜାରୀ ପାଇଁ ଗ୍ୟାରେଜରେ ଗ୍ୟାସ୍ ସିଲିଣ୍ଡର ଲୁଚାଇ କଳାବଜାରୀ କରିବା ପାଇଁ ଏହି ବଡ଼ ଚଢାଉ କରାଯାଉଛି । ଏହି ଚଢାଉ ଗ୍ୟାସ୍ ସିଲିଣ୍ଡରର କଳାବଜାରୀକାରୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିଛି । ପୋଲିସ୍ ମଧ୍ୟ ଏହି ଘଟଣାର ତଦନ୍ତ କରୁଛି । ଯୋଗାଣ ବିଭାଗର ଅଧିକାରୀମାନେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଘଟଣାର ତଦନ୍ତ କରୁଛନ୍ତି ।

## ବିଜେପି ବଣାଇ ପକ୍ଷରୁ ୪୭ ତମ ପ୍ରତିଷ୍ଠା ଦିବସ



ବଣାଇ(ନି.ପ୍ର)ଭାରତୀୟ ଜନତା ପାର୍ଟି ବଣାଇ ବିଧାନସଭା ପକ୍ଷରୁ ବିଜେପିର ୪୭ ତମ ପ୍ରତିଷ୍ଠା ଦିବସ ରାଜାମୁଣ୍ଡା ଦଳୀୟ କାର୍ଯ୍ୟାଳୟରେ ପାଳିତ ହୋଇ ଯାଇଛି । ଦଳର ବରିଷ୍ଠ କାର୍ଯ୍ୟକର୍ତ୍ତା ଗୋବିନ୍ଦ ଚନ୍ଦ୍ର ସାହୁ ଦଳୀୟ ପତାକା ଉତ୍ତୋଳନ କରି ଥିବା ବେଳେ କାର୍ଯ୍ୟକର୍ତ୍ତା ଓ ପଦାଧିକାରୀ ମାନେ ଭାରତ ମାତା,ଜନସଂଘ ର ପ୍ରତିଷ୍ଠାତା ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀ ତଥା ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରି ଦଳର ଇତିହାସ, ବିଚାର ଧାରା ଓ ଲକ୍ଷ୍ୟ ତଥା ଦଳର ଉନ୍ମେଷ ସମ୍ପର୍କରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ଆୟୋଜିତ ସଭା ରେ ଦଳର ବରିଷ୍ଠ ନେତା ରାହାସ ବିହାରୀ ପ୍ରଧାନ, ମନୋଜ ପ୍ରଧାନ, ଜିଲ୍ଲା ସାଧାରଣ ସମ୍ପାଦକ ଅଭିରାମ ମହାକୁଳ, ଜିଲ୍ଲା ଉପ ସଭାପତି ଯମୁନା ମୁଣ୍ଡା, ଜିଲ୍ଲା ସମ୍ପାଦକ ଜୟନ୍ତୀ ମାହାନ୍ତ, ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଅନିଲ କୁମାର ମାହାନ୍ତ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଗୁରୁଚରଣ ଓରାମ, ଗୀତା ଜୈସ୍ୱାଲ,ରାଜ୍ୟ ଯୁବ ମୋର୍ଚ୍ଚା ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଶାନ୍ତନୁ କୁମାର ଦାସ,ଦଳର ବରିଷ୍ଠ କାର୍ଯ୍ୟକର୍ତ୍ତା ହେମନ୍ତ କୁମାର ସାହୁ, ଚେତନ ଦୀପ୍ତ ନାଏକ, ଉପେନ୍ଦ୍ର ବେହେରା, ନମିତା ମାହାନ୍ତ, ଦିବ୍ୟ ମଞ୍ଜରୀ ଶେଖର ଦେଓ, ମେଲୋରି ବାରିକ, ବାଗୁନ ଗାଗରାଇ, କର୍ମତି ଓରାମ, ଆହ୍ଲାଦ ବଢେଇ, ଏମ ଡି ମୋଇମ୍,ଗଙ୍ଗାଧର ମାହାନ୍ତ, ପ୍ରଦୀପ କୁମାର ସ୍ୱାଇଁ, ନାରାୟଣ କୁମ୍ଭାର, ମୁକୁନ୍ଦ ନାଏକ, ଅଭିମନ୍ୟୁ ମହାକୁଳ, କର୍ମୁ କିସାନ, ସୁଶାନ୍ତ ବେହେରା, ଶିବ ସୁନ୍ଦର ରାଉତ, ପ୍ରଶାନ୍ତ କୁମାର ସାହୁ,ମଣ୍ଡଳ ସଭାପତି ବିରେନ୍ଦ୍ର ବଡ ନାୟକ, ମିଥିଳା ପାତ୍ର, ପୂର୍ଣ୍ଣଚନ୍ଦ୍ର ଓରାମ, ନିରାକାର ନାଏକ, ରାମ ଚନ୍ଦ୍ର ପଲେଇ, ମନୋଜ ସାହୁ , ଓ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

## 'ଓଡ଼ିଆ ଭାଷା ଓ ସାହିତ୍ୟର ସୁରକ୍ଷା ନିମନ୍ତେ ବର୍ଣ୍ଣବୋଧ ଆବଶ୍ୟକ'

ରାୟଗଡ଼,(ନି:ପ୍ର): ରାୟଗଡ଼ ଜିଲ୍ଲା ପ୍ରଶାସନ ତରଫରୁ ମଙ୍ଗଳବାର ବର୍ଣ୍ଣବୋଧ ଦିବସ ପାଳିତ ହୋଇଛି । ସ୍ଥାନୀୟ ଗାନ୍ଧିନଗର ଏବଂ ଇନ୍ଦିରା ନଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଳିତ ଏହି ଦିବସରେ ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ସୁସ୍ମିତା ବାଉରୀ , ରାୟଗଡ଼ ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ କାଳୁ ଚରଣ ନାୟକ, ଗ୍ରାମ ପଞ୍ଚାୟତ ବିକାଶ ଅଧିକାରୀ ସ୍ମୃତି ରେଖା ନାୟକ, ବରିଷ୍ଠ ଶିକ୍ଷକ ନୀଳାଞ୍ଚଳ ମିଶ୍ର , ପ୍ରଧାନ ଶିକ୍ଷକ ପ୍ରତାପ ଚନ୍ଦ୍ର ବାତରିଆ ଓ ପ୍ରମିଳା ପଣ୍ଡା ପ୍ରମୁଖ ଯୋଗଦେଇ ଶିଶୁବାଟିକା, ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପିଲାଙ୍କୁ ଛବିଳ ବର୍ଣ୍ଣବୋଧ ଏବଂ ତୃତୀୟ ଓ ଚତୁର୍ଥ ଶ୍ରେଣୀ ପିଲାଙ୍କୁ ଶିଶୁ ଲେଖା ଗଳ୍ପ ପୁସ୍ତକ ବଣ୍ଟନ କରିଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଏଥିରେ ସହଯୋଗ କରିଥିଲେ । ଜିଲ୍ଲାପାଳ ରାୟଗଡଙ୍କ ପତ୍ର ସଂଖ୍ୟା ୯୪୯ ତା ୩୦.୩.୨୦୨୬ ଅନୁସାରେ ଜିଲ୍ଲାରେ ଓଡ଼ିଶା ଦିବସ ଠାରୁ ଓଡିଆ ପକ୍ଷ ପାଳନ କରାଯାଉଛି । ପଞ୍ଚାୟତ ସମିତି ରାୟଗଡ଼ ତରଫରୁ କୁନି କୁନି ପିଲାଙ୍କୁ ବର୍ଣ୍ଣବୋଧ ସହ ମିଷ୍ଟାନ୍ନ ମଧ୍ୟ ବଣ୍ଟନ କରାଯାଇଥିଲା । ଓଡିଆ ଭାଷା ଓ ସାହିତ୍ୟର ସୁରକ୍ଷା ନିମନ୍ତେ ବର୍ଣ୍ଣବୋଧର ଆବଶ୍ୟକତା ବିଷୟରେ ପିଲାଙ୍କୁ ସଚେତନ କରାଯାଇଥିଲା । ଏହି ଅବସରରେ ପିଲାଏ ମାନଛୁଆଁ ଗୀତ ଓ ଗପ କହି ସମସ୍ତ ଶିଶୁଙ୍କ ମନ ମୋହିଥିଲେ । ସେହିଭଳି ଅନେକ ବିଦ୍ୟାଳୟ ସ୍ତରରେ ଛବିଳ ବର୍ଣ୍ଣବୋଧ ପିଲାଙ୍କୁ ବଣ୍ଟନ କରାଯାଇ ବ୍ଲକ ସ୍ତରୀୟ ବର୍ଣ୍ଣବୋଧ ଦିବସ ପାଳନ କରାଯାଇଥିଲା । ବର୍ଣ୍ଣବୋଧ ରେ ସୁଲଳିତ କବିତା, କ୍ଷୁଦ୍ର ଗଳ୍ପ ସହ ଯୁକ୍ତାକ୍ଷର ଆଦି ଶିକ୍ଷାର ବ୍ୟବସ୍ଥା ଥିବାରୁ ଏହା ଓଡିଆ ଭାଷା ଓ ସଂସ୍କୃତିର ପ୍ରାଣକେନ୍ଦ୍ର ଅଟେ । ଶିଶୁବାଟିକା ତଥା ବିଦ୍ୟାଳୟ ଶିକ୍ଷାର ପ୍ରାରମ୍ଭରେ ବର୍ଣ୍ଣବୋଧ ପିଲାଙ୍କ ଭାଷାଶୁଦ୍ଧି ସହ ମାତୃଭାଷାର ମୂଳଦୁଆକୁ ସୁଦୃଢକରେ । ଏଣୁ ଓଡ଼ିଶା ସରକାରଙ୍କ ଓଡିଆ ଭାଷା , ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଓଡିଆ ଭାଷା ପ୍ରତିଷ୍ଠାନ ତରଫରୁ ଏହାକୁ ବିଶେଷ ଗୁରୁତ୍ୱ ପ୍ରଦାନ କରାଯାଉଥିବା ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ସୁସ୍ମିତା ବାଉରୀ କହିଛନ୍ତି ।



## ଓଡ଼ିଆ ପକ୍ଷ-୨୦୨୬ ଅବସରରେ ସ୍ୱଚ୍ଛତା ଅଭିଯାନ

ବଲାଙ୍ଗିର,(ନିପ୍ର): ବଲାଙ୍ଗିର ଜିଲ୍ଲାର ବିଭିନ୍ନ ସ୍ଥାନରେ ଓଡ଼ିଆ ପକ୍ଷ-୨୦୨୬ ପାଳନ ଉପଲକ୍ଷେ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଛି । ଏହି ଅବସରରେ ସ୍ୱଚ୍ଛ ପରିମଳ, ସୁସ୍ଥ ପରିବେଶ ସ୍ଲୋଗାନକୁ ପାଥେୟ କରି ବ୍ଲକ ଓ ପୌରପରିଷଦ ପ୍ରଶାସନ ପକ୍ଷରୁ ଭିନ୍ନ ଭିନ୍ନ ସ୍ଥାନରେ ସମୂହ ସଫେଇ କରାଯାଇଥିଲା । ତେବେ ବଙ୍ଗୋମୁଣ୍ଡା ପଞ୍ଚାୟତ ସମିତି ପକ୍ଷରୁ ବିଡିଓଙ୍କ ନେତୃତ୍ୱରେ ରାଣୀପୁର ଝରିଆଲ ପଞ୍ଚାୟତର ପ୍ରସିଦ୍ଧ ସମେଶ୍ୱର୍ ମନ୍ଦିର ପ୍ରାଙ୍ଗଣରୁ ଏହି ଅଭିଯାନ ଆରମ୍ଭ ହୋଇଥିଲା । ବ୍ଲକର ସମସ୍ତ କର୍ମଚାରୀ ମନ୍ଦିରର ବିରାଟ ପରିସରକୁ ସଫା କରି ସ୍ୱଚ୍ଛତାର ବାର୍ତ୍ତା ଦେଇଥିଲେ । ଉକ୍ତ ଶ୍ରମଦାନ କାର୍ଯ୍ୟକ୍ରମରେ ସରପଞ୍ଚ, ଉପାଧକ୍ଷା, ବ୍ଲକ କର୍ମଚାରୀ, ସିଆରପିମାନେ ସାମିଲ ହୋଇଥିଲେ । ଖପ୍ରାଖୋଲ ପଞ୍ଚାୟତ ସମିତି ପକ୍ଷରୁ ମଧ୍ୟ ଐତିହ୍ୟ ପୀଠ ହରିଶଙ୍କର ମନ୍ଦିର ପରିସରକୁ ସଫେଇ କରାଯାଇଥିଲା । ବିଡିଓଙ୍କ ନେତୃତ୍ୱରେ ଆୟୋଜିତ ଏହି ସାମୂହିକ ସଫେଇ କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ କର୍ମଚାରୀ ଓ ଜନସାଧାରଣ ଅଂଶ ଗ୍ରହଣ କରିଥିଲେ । ସେହିପରି ବଲାଙ୍ଗିର ପୌରପରିଷଦ ପକ୍ଷରୁ ସ୍ଥାନୀୟ ମା ମଙ୍ଗଳା ମନ୍ଦିର ପ୍ରାଙ୍ଗଣରେ ସଫେଇ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏଥିରେ ପୌରାଧକ୍ଷା ଲିକା ସାହୁ, ଉପାଧକ୍ଷା ଗାୟତ୍ରୀ ଭୋଇ, ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ ବେହେରାଙ୍କ ସହ ନିର୍ବାଚିତ ଜନପ୍ରତିନିଧି, ସ୍ୱଚ୍ଛ ସାଥୀ, ସୁପରଭାଇଜର ଏବଂ କାର୍ଯ୍ୟାଳୟର କର୍ମଚାରୀ ଯୋଗଦେଇଥିଲେ । ଏଥିସହିତ ସହରର ବରିଷ୍ଠ ନାଗରିକ, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଓ ସଫେଇ କର୍ମୀମାନେ ସ୍ୱେଚ୍ଛାକୃତ ଭାବେ ଶ୍ରମଦାନ କରି ପରିବେଶକୁ ସଫା ରଖିବା ପାଇଁ ସଂକଳ୍ପ ନେଇଥିଲେ ।

ଏହି ସ୍ୱଚ୍ଛତା ଅଭିଯାନ ଓଡ଼ିଆ ପକ୍ଷ-୨୦୨୬ ର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ଓଡ଼ିଆ ପକ୍ଷ-୨୦୨୬ ଏପ୍ରିଲ ୧ ରୁ ୧୪ ତାରିଖ ପର୍ଯ୍ୟନ୍ତ ସମଗ୍ର ଓଡ଼ିଶାରେ ୧୪ ଦିନ ବ୍ୟାପି ଏକ ଭବ୍ୟ ସାଂସ୍କୃତିକ ଉତ୍ସବ ଭାବେ ପାଳନ କରାଯାଉଛି । ଏହି ଅଭିଯାନ ଓଡ଼ିଆ ସଂସ୍କୃତି, ପରମ୍ପରା ଏବଂ ଐତିହ୍ୟର ସଂରକ୍ଷଣ ପାଇଁ ଏକ ପଦକ୍ଷେପ । ଉକ୍ତ ସ୍ୱଚ୍ଛତା ଅଭିଯାନ ପରିବେଶ ସଂରକ୍ଷଣ ଏବଂ ସ୍ୱଚ୍ଛତା ରକ୍ଷା କରିବା ପାଇଁ ଏକ ପ୍ରେରଣା ପ୍ରେରଣାଦାୟକ ପଦକ୍ଷେପ ।



## ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟରେ ପ୍ରବେଶ ଉତ୍ସବ

ନିମାପଡ଼ା,(ନି.ପ୍ର.): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ନିମାପଡ଼ା ପିଏମଶ୍ରୀ ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରବେଶ ଉତ୍ସବ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ସଭାପତି ଯୋଗ ଦେଇ ଜାତୀୟ ଶିକ୍ଷା ନୀତିର ଗୁରୁତ୍ୱ ଉପଲବ୍ଧି କରି ସଠିକ୍ ବୟସ ଛାତ୍ରଙ୍କ ନାମ ଲେଖାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ପ୍ରଧାନ ଧନୁର୍ଦ୍ଧର ଦାସ, ପରିଚାଳନା କମିଟି ସଭାପତି ସମିମା ବେଗମ୍, ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ମହାନ୍ତି ପ୍ରମୁଖ ସମ୍ମାନୀତ ଅତିଥି ଭାବେନ ଯୋଗ ଦେଇ ଶିଶୁମାନଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରିଥିଲେ । ସରକାରୀ ସ୍କୁଲରେ ପଢ଼ାଇବା ନିମନ୍ତେ ଅଭିଭାବକ ମାନଙ୍କୁ ଅନୁରୋଧ କରିବା ସାଙ୍ଗକୁ ସରକାରୀ ସହାୟତାର ସୁଯୋଗ ନେବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ । ଶିକ୍ଷକ ଦୁର୍ଗା ପ୍ରସାଦ ବାରିକ, ଅକ୍ଷୟ ମହାନ୍ତି, ଜ୍ୟୋତି ରଂଜନ ରଥ, ବୀଣାପାଣି ଆଚାର୍ଯ୍ୟ, ରଣଜିତ କେଶରୀ ନାୟକଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ଉପସ୍ଥିତିରେ ନବାଗତ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟରେ ଗ୍ରହଣ କରାଯାଇ ପୁସ୍ତକ ବଂଟନ କରାଯାଇଥିଲା ।

## ଉଦାହରଣ ସାଜିଲେ ଦୁଇ ହାତ ନ ଥିବା ମୁନା ମାଝି

ଦେବଗଡ଼(ନି.ପ୍ର): ରିଆମାଳ ବ୍ଲକ ବାଗବର ପଞ୍ଚାୟତ ଅନ୍ତର୍ଗତ ବରଡାନାଳି ଗ୍ରାମର ଜିଲୁ ମାଝିଙ୍କ ପୁଅ ମୁନା ମାଝି କିଛି ବର୍ଷ ପୂର୍ବେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ତାଙ୍କ ଦୁଇ ହାତ ହରେଇ ଥିଲେ ଓ ଦୁଇ ହାତ ନ ଥାଇ ମଧ୍ୟ କୌଣସି ପରିସ୍ଥିତିରେ ହାର୍ ମାନି ନ ଥିଲେ ମୁନା ଓ ନିଜ ଚେଷ୍ଟାରେ ସେ ଏବେ ନବୋଦୟ ଓ ଆଦର୍ଶ ବିଦ୍ୟାଳୟ ରେ ଅଧ୍ୟୟନ କରିବା ପାଇଁ ଦେଇଥିବା ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ସର୍ବସାଧାରଣରେ ଉଦାହରଣ ପାଲଟିଛନ୍ତି ମୁନା ମାଝି ଓ ଏଠାରେ ସୂଚନା ଥାଉ କି ମୁନା ମାଝି ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଲା ପରେ ତତ୍କାଳୀନ ଦେବଗଡ଼ ଜିଲ୍ଲାପାଳ ୩୦୦୦୦ ଓ ସରକାରୀ ସ୍ତରରୁ ୭ ଲକ୍ଷ ଟଙ୍କା ତାଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଥିଲା ଓ ମୁନା ମାଝି ରେଙ୍ଗାଲବେଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଧ୍ୟୟନରତ ଥିଲେ ।



## 'ଶିଶୁପାଇଁ କଥାଟିଏ' କାର୍ଯ୍ୟକ୍ରମ

କାଶୀନଗର,(ନିପ୍ର): ଓଡ଼ିଆ ପକ୍ଷ ପାଳନର ଷଷ୍ଠ ଦିବସରେ 'ଶିଶୁ ପାଇଁ କଥା ଟିଏ' କାର୍ଯ୍ୟକ୍ରମ ବଂଶ ଧାରା ପାଠାଗାର ଠାରେ ପାଳିତ ହୋଇଥିଲା । ନୂତନ ଭାବେ ଅଙ୍ଗନବାଡି କେନ୍ଦ୍ରରେ ପ୍ରବେଶ କରିଥିବା ଶିଶୁ ଛୁଆମାନଂକୁ ପାରମ୍ପରିକ ବର୍ଣ୍ଣବୋଧ ପୁସ୍ତକ ବଣ୍ଟନ କରାଯାଇଥିଲା । କାର୍ଯ୍ୟକ୍ରମରେ ପାଠାଗାରର ସଭାପତି ହୃଷିକେଶ ଗୌଡ଼, ମେଡ଼ିଆ କ୍ଲବ ସଭାପତି ଆନନ୍ଦ ପାତ୍ର, ସାମ୍ବାଦିକ ଅଜିତ ପଟନାୟକ ଉପସ୍ଥିତ ଥିଲେ ।

## ଦଣ୍ଡ ନାଟ ପରମ୍ପରା ଓ ଆଧ୍ୟାତ୍ମିକତାର ଅପୂର୍ବ ସଂଗମ

ନିରାକାରପୁର,(ନିପ୍ର): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଅଞ୍ଚଳରେ ଲୋକନୃତ୍ୟ 'ଦଣ୍ଡ ନାଟ' ଏକ ନିଆରା ପରମ୍ପରା ଭାବେ ବେଶ୍ ଜଣାଶୁଣା । ପ୍ରତିବର୍ଷ ମା' ଚଣ୍ଡୀକା ଓ ରୁଦ୍ର ମହାଦେବଙ୍କ ଆଶୀର୍ବାଦ ଭିକ୍ଷା କରି ଭକ୍ତମାନେ କଠୋର ବ୍ରତ ପାଳନ ପୂର୍ବକ ଏହି ନୃତ୍ୟ ପ୍ରଦର୍ଶନ କରିଥାନ୍ତି । ଚୈତ୍ର ପୂର୍ଣ୍ଣିମା ଅବସରରେ ଏହି ଯାତ୍ରା ଅନୁଷ୍ଠିତ ହୁଏ, ଯାହା କେବଳ ମନୋରଞ୍ଜନ ପାଇଁ ନୁହେଁ, ବରଂ ବିଶ୍ୱାସ ଓ ଆଧ୍ୟାତ୍ମିକତାର ଏକ ମାଧ୍ୟମ । ଦଣ୍ଡୁଆମାନେ ୨୧ ଦିନ ଧରି ଆମିଷ ଓ ରସୁଣ ପରିତ୍ୟାଗ କରି କଠୋର ନିଷ୍ଠାର ସହ ଏହି ବ୍ରତ ପାଳନ କରନ୍ତି । ଧୂଳି ଦଣ୍ଡ, ପାଣି ଦଣ୍ଡ ଓ ଅଗ୍ନି ଦଣ୍ଡ ପରି ବିଭିନ୍ନ ପର୍ଯ୍ୟାୟ ଦେଇ ସେମାନେ ମା'ଙ୍କୁ ଆରାଧନା କରନ୍ତି । ବିଶେଷ କରି ମଧ୍ୟାହ୍ନ ସମୟରେ ପ୍ରଚଣ୍ଡ ଖରାରେ 'ଧୂଳି ଦଣ୍ଡ' ପ୍ରଦର୍ଶନ ସମୟରେ ଭକ୍ତମାନଙ୍କର ଧୈର୍ଯ୍ୟ ଓ ଭକ୍ତି ଦେଖିବାକୁ ମିଳେ । ସ୍ଥାନୀୟ ଶ୍ରୀ ନୀଳକଣ୍ଠେଶ୍ୱର ଦେବଙ୍କ ଦଣ୍ଡନୃତ୍ୟ ଗୋଷ୍ଠୀ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଳାକାରମାନେ ପୌରାଣିକ ବିଷୟବସ୍ତୁକୁ ନେଇ ସୁନ୍ଦର ଅଭିନୟ ଓ ନୃତ୍ୟ ପରିବେଷଣ କରନ୍ତି । କାମନା ମନ୍ଦିର ନିକଟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଉପଭୋଗ କରିବା ପାଇଁ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ । ଏହି ଦଣ୍ଡ ଯାତ୍ରା କାମନା ମନ୍ଦିରରୁ ଆରମ୍ଭ ହୋଇ ବିଭିନ୍ନ ଗ୍ରାମର ମାନସିକ ରଖିଥିବା ଭକ୍ତମାନଙ୍କ ଘର ସମ୍ମୁଖରେ ମାନସିକ ପୂରଣ ନିମନ୍ତେ ଅନୁଷ୍ଠିତ ହେଉଛି । ଅନୁଷ୍ଠାନର କର୍ମକର୍ତ୍ତା ଓ ସ୍ଥାନୀୟ ବୁଦ୍ଧିଜୀବୀଙ୍କ ମତରେ, ଏହି ପାରମ୍ପରିକ ଲୋକକଳାକୁ ବଞ୍ଚାଇ ରଖିବା ପାଇଁ ସରକାରୀ ସ୍ତରରେ ସହାୟତା ଏବଂ ସଂସ୍କୃତି ବିଭାଗର ଦୃଷ୍ଟି ଆକର୍ଷଣ ଜରୁରୀ । ଏହାଦ୍ୱାରା ଆମର ପ୍ରାଚୀନ ଐତିହ୍ୟ ଆଗାମୀ ପିଢ଼ି ପାଇଁ ସୁରକ୍ଷିତ ରହିପାରିବ । ଏହି ଦଣ୍ଡ ଯାତ୍ରା କମିଟିର ସମସ୍ତ କର୍ମକର୍ତ୍ତା ଅକ୍ଳାନ୍ତ ପରିଶ୍ରମରେ ଏହି କାର୍ଯ୍ୟକ୍ରମ ସୁଚାରୁ ରୂପେ ପ୍ରତିପାଦନ ହେଉଛି ।



# ଜିଲ୍ଲାସ୍ତରୀୟ ଯୁଗ୍ମ ଜନଶୁଣାଣି

**ଭବାନୀପାଟଣା, (ନି.ପ୍ର)-** କଳାହାଣ୍ଡି ଜିଲ୍ଲାସ୍ତରୀୟ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନଶୁଣାଣୀ ଓ ସମାଧାନ ଶିବିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଏବଂ ଆରକ୍ଷୀ ଅଧୀକ୍ଷକ ନାଗରାଜ ଦେବରକୋଣ୍ଡା ଯୋଗଦେଇ ଲୋକଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ଏହି ଶିବିରରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ୧୧୫ ଗୋଟି ଆପତ୍ତି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା ସେଥି ମଧ୍ୟରୁ ବ୍ୟକ୍ତିଗତ ୮୧ ଗୋଟି ଓ ସାମୂହିକ ୨୪ ଗୋଟି ରହିଥିବା ବେଳେ ୨୨ ଗୋଟି ଆପତ୍ତି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୦ ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା ଏବଂ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ତରଫରୁ ଜଣେ ଦିବ୍ୟାଙ୍ଗଙ୍କୁ ସ୍ୱୟଂ ଚାଳିତ କୃତ୍ରିମ ହାତ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ଏହି ଶିବିରରେ ପ୍ରଧାନମନ୍ତ୍ରୀ ଆବାସ, ଭତ୍ତା, ପାନୀୟଜଳ, ଜମିବିବାଦ, ରେଶନ କାର୍ଡ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବେସାମରିକ ଯୋଗାଣ, ଜଳସେଚନ, ସାମାଜିକ ସୁରକ୍ଷା, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ, ବିଦ୍ୟୁତ, ଶ୍ରମ, ତହସିଲ, ବ୍ଲକ ଇତ୍ୟାଦି ବିଭାଗୀୟ ଅଧୀନରେ କାର୍ଯ୍ୟକାରୀ ହେବାକୁ ଥିବା ସମ୍ପର୍କିତ ଆପତ୍ତି ଅଭିଯୋଗର ଶୁଣାଣି କରି ଏହି ସବୁ ସମସ୍ୟାର ତୁରନ୍ତ ସମାଧାନ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଏଥି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।



ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ସୌମ୍ୟ ରଞ୍ଜନ ପ୍ରଧାନ, ଉପଜିଲ୍ଲାପାଳ ଭବାନୀପାଟଣା ପ୍ରଭାତ କୁମାର ପରିଡା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡଃ. ହରେକୃଷ୍ଣ ଶତପଥି, ଅତିରିକ୍ତ ମୁଖ୍ୟ ନିର୍ବାହୀ ଯନ୍ତ୍ରୀ ପୂର୍ତ୍ତ ଶିବାଜୀ ପ୍ରଧାନ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରମୋଦ କୁମାର ବେହେରା, ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ଅବକାରୀ ଅଧୀକ୍ଷକ ରଜନ କୁମାର ନାଏକ, ସହକାରୀ ନିର୍ଦ୍ଦେଶକ ଜିଲ୍ଲା ସ୍ୱଚ୍ଛ ସଞ୍ଚୟ ତଥା ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ପ୍ରକଳ୍ପ ନିର୍ଦ୍ଦେଶକ ଜଳଛାୟା ପ୍ରକଳ୍ପ ପ୍ରଭାକର ନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୁଜୀବୁନ ନିଶା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିନେଶ କୁମାର କାହଁର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ର, ସ୍ଥାନୀୟ ବ୍ଲକ ଉନ୍ନୟନ ଅଧିକାରୀ ଚନ୍ଦନ କୁମାର ଭୋଇ ଓ ତହସିଲଦାର କ୍ଷୀରୋଦ ବିହାରୀ ଭାରତ ନାଗ, ନିର୍ବାହୀ ଅଧିକାରୀ ପୌରପାଳିକା ପ୍ରମୋଦ ପାଢୀଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।

**ହିଞ୍ଜିଳିକାଟୁ, :** ଜିଲ୍ଲା ପ୍ରଶାସନ, ଗଞ୍ଜାମ ଆନୁକୁଲ୍ୟରେ ସୋମବାର ହିଞ୍ଜିଳିକାଟୁ ବ୍ଲକ ଗଣ୍ଡଳା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ହିଞ୍ଜିଳିକାଟୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶ୍ରୀ ସାଗରୀକା ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସରପଞ୍ଚ ସ୍ଥିତିପ୍ରଜ୍ଞା ସେଠି, ସମିତିସଭ୍ୟ ପ୍ରଶାନ୍ତ କୁମାର ସାହୁ, ଅତିରିକ୍ତ ତହସିଲଦାର ସୁରଜ କୁମାର ନାୟକ ବେହେରା, ବେଲଗାଁ ଥାନା ଆଇଆଇସି ସ୍ମିତାଞ୍ଜଳି ପ୍ରଧାନ, ସିଡ଼ିପିଓ ବିଜୟଲକ୍ଷ୍ମୀ ପାଢ଼ି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ସଂପୃକ୍ତ ପଞ୍ଚାୟତରେ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନାରୁ ବଞ୍ଚିତ ଓ ସରକାରୀ ସୁବିଧାରୁ ଉପେକ୍ଷିତ ହୋଇଥିବା ହିତାଧିକାରୀ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ । ରାସନ୍ କାର୍ଡ, ଗ୍ରାମୀଣ ଆବାସ, ସ୍ୱାସ୍ଥ୍ୟ, ବାର୍ଦ୍ଧକ୍ୟ ଭତ୍ତା, ରାଜସ୍ୱ, ମନରେଗା ,ବିଦ୍ୟୁତ ଓ ସୁଭଦ୍ରା ଆଦି ଭିନ୍ନ ଭିନ୍ନ ଯୋଜନା ପାଇଁ ସମୁଦାୟ ୧୯ ଟି ଅଭିଯୋଗ ଦାଖଲ ହୋଇଥିଲା । ସେଥିମଧ୍ୟରୁ ଗ୍ରାମୀଣ ଆବାସ ୮, ରାଜସ୍ୱ ବିଭାଗର ୩ଟି, ବାର୍ଦ୍ଧକ୍ୟ ଭତ୍ତା ୬, ଉନ୍ନୟନ ଓ କମ୍ୟୁନିଟି ବିଭାଗର ୨ଟି ଅଭିଯୋଗ ଦାଖଲ ହୋଇଥିଲା । ଶିବିରରେ ଏବିଡିଓ ଅରୁଣ କୁମାର ପ୍ରଧାନଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ ।

**କୁଚିଣ୍ଡା, :** ସମ୍ବଲପୁର ଜିଲ୍ଲା କୁଚିଣ୍ଡା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ସୋମବାର କୁଚିଣ୍ଡା ବ୍ଲକସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ସମ୍ବଲପୁର ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଜିଲ୍ଲାପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାତ୍ର ଏଥିରେ ଅଧକ୍ଷତା କରି ଆଗତ ହୋଇଥିବା ବିଭିନ୍ନ ସମସ୍ୟା ଓ ଅଭିଯୋଗର ଶୁଣାଣି କରି ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏଥିରେ ମୋଟ ୩୪ଟି ଅଭିଯୋଗ ଆସିଥିଲା । ୨୩ ଟି ବ୍ୟକ୍ତିଗତ ଓ ୧୧ଟି ସାମୂହିକ ଅଭିଯୋଗ ଆସିଥିଲା । ଏଥିରେ ଅଧିକାଂଶ ଅଭିଯୋଗ ପାନୀୟଜଳ ସମସ୍ୟା ଓ ରାସ୍ତାଘାଟ ସମ୍ବନ୍ଧୀୟ ରହିଥିଲା । ଶିବିରରେ କୁଚିଣ୍ଡା ଉପଜିଲ୍ଲାପାଳ ସରଓ୍ୱନନ୍ ସ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ପ୍ରଦୀପ କୁମାର ଦାସ, ତହସିଲଦାର ସରିତା ଓରାମଙ୍କ ସମେତ ସମସ୍ତ ଲାଇନ ଡିପାର୍ଟମେଣ୍ଟର ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ଅବସରରେ ୨ଜଣଙ୍କୁ ହ୍ୱିଲ ଚେୟାର ଓ ୫ଜଣ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ଜଗମୋହନ କିଷାନ, ବ୍ଲକ ସେକ୍ସନ ଅଫିସର ତରୁଣ ପ୍ରସାଦ ବିଶ୍ୱାଳ,ସିପି ସୁଦୀପ ଲାକ୍ରା,ଆକାଉଣ୍ଟ ଅଫିସର ଅଜୟ ବାଗେ ପ୍ରମୁଖ ସହଯୋଗ କରିଥିଲେ ।



# ମହିଳାଙ୍କୁ ତିନି ଦିନ ପାଇଁ ଅଛୁଆଁ ଭାବେ ବିବେଚନା କରାଯାଇପାରିବ ନାହିଁ: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୭/୪ : ପୁଣି ଥରେ ଚର୍ଚ୍ଚାରେ କେରଳମର ପ୍ରସିଦ୍ଧ ସବରୀମାଳା ମନ୍ଦିର । ଦୀର୍ଘ ବର୍ଷ ଧରି ଏଠାରେ ମହିଳାଙ୍କ ପ୍ରବେଶ ନେଇ ଚାଲିଥିବା ବିବାଦ ଏବେ ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚି ଯାଇଛି । ସୁପ୍ରିମକୋର୍ଟ ମାମଲାରେ ଶୁଣାଣି ଆରମ୍ଭ କରିଛନ୍ତି । ଏହାସହ ମାମଲାର ଶୁଣାଣି ପାଇଁ ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ୯ଜଣ ବିଚାରପତିଙ୍କୁ ନେଇ ସାମ୍ବିଧାନିକ ଖଣ୍ଡପୀଠ ଗଠନ କରିଛନ୍ତି । ଏହି ଖଣ୍ଡପୀଠକୁ ନିଜେ ପ୍ରଧାନ ବିଚାରପତି ଅଧ୍ୟକ୍ଷତା କରିବେ। ସବରୀମାଳା ମନ୍ଦିରରେ ୧୦ରୁ୫୦ ବର୍ଷ ବୟସ୍କ ମହିଳାଙ୍କ ପ୍ରବେଶ ଉପରେ ପ୍ରତିବନ୍ଧକ ଲାଗିଛି । ଏଠାରେ ପୂଜା ପାଉଥିବା ଭଗବାନ ଆୟପ୍ପାଙ୍କୁ ନୈଷ୍ଠିକ ବ୍ରହ୍ମଚାରୀ ବୋଲି ଭକ୍ତମାନେ ଭାବିଥାନ୍ତି । ତେଣୁ ଏଠାରେ ମହିଳାଙ୍କ ପ୍ରବେଶ ଉପରେ କଟକଣା ରହିଛି । ପୂର୍ବରୁ ୨୦୧୮ରେ ସୁପ୍ରିମକୋର୍ଟଙ୍କ ୫ଜଣିଆ ଖଣ୍ଡପୀଠ ମାମଲାର ଶୁଣାଣି କରିଥିଲେ । ଏହି କଟକଣାକୁ କୋର୍ଟ ଅସାମ୍ବିଧାନିକ କହିଥିଲେ । ମହିଳାଙ୍କ ସହ ଅନ୍ୟାୟ ବୋଲି କୋର୍ଟ ପ୍ରକାଶ କରିଥିଲେ । ଯାହା ସମ୍ବିଧାନର ଧାରା ୧୪ ଏବଂ ୨୫କୁ ଉଲ୍ଲଙ୍ଘନ କରୁଛି । ତେବେ କୋର୍ଟଙ୍କ ନିଷ୍ପତ୍ତିକୁ ଅନେକ ସଙ୍ଗଠନ ବିରୋଧ କରିଥିଲେ । କୋର୍ଟରେ ଅନେକ ପୁନଃବିଚାର ଆବେଦନ ହୋଇଥିଲା ।ଏବେ ମାମଲାର ପୁଣି ଶୁଣାଣି ଆରମ୍ଭ ହୋଇଛି । ଜଷ୍ଟିସ ବିଭି ନାଗରତ୍ନା କହିଛନ୍ତି ଯେ, ସବରୀମାଳା ପ୍ରସଙ୍ଗରେ ଧାରା ୧୭କିପରି ଲାଗୁ ହୋଇପାରେ ତାହା ସେ ବୁଝିପାରୁ ନାହାଁନ୍ତି । ଜଣେ ମହିଳା ଭାବେ ସେ ନିଜେ ମତ ପ୍ରକାଶ କରିଥିଲେ । ଏହାସହ କହିଛନ୍ତି ଯେ, ମାସକୁ ତିନି ଦିନ ପାଇଁ ଅଛୁଆଁ ଭାବେ ବିବେଚନା କରାଯିବା ଏବଂ ଚତୁର୍ଥ ଦିନରେ ସବୁ ଠିକ୍ ହୋଇଯିବା କେବେହେଲେ ପ୍ରଥା ନୁହେଁ । ଏହାସହ ଜଷ୍ଟିସ ନାଗରତ୍ନା, ଜଷ୍ଟିସ ଏସ୍ ବାଗଚୀ ଏବଂ ଜଷ୍ଟିସ ଏମଏମ୍ ସୁନ୍ଦରେଶ ସମ୍ବିଧାନର ଅନୁଚ୍ଛେଦ ୨୫ଏବଂ ୨୬ର ବାଖ୍ୟା ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠାଇଛନ୍ତି । ଅନୁଚ୍ଛେଦ ୨୫(୨) ଆଧାରରେ ତିଆରି ହୋଇଥିବା ନିୟମ ଅନୁଚ୍ଛେଦ ୨୫(୧)ର ଅଧିକାରକୁ ସୀମିତ କରିପାରେ ବୋଲି ବିଚାରପତି ଆଶଙ୍କା ପ୍ରକାଶ କରିଛନ୍ତି । କୋର୍ଟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେତା ପକ୍ଷ ରଖିଛନ୍ତି । ସେ କହିଛନ୍ତି ଯେ, ସେ କୌଣସି ପକ୍ଷର ସମର୍ଥନ କରୁ ନାହାଁନ୍ତି । କେବଳ ଆଇନ ବାବଦରେ କହୁଛନ୍ତି । ପୁନଃବିଚାର ଆବେଦନରେ କଟକଣା ମହିଳା ବିରୋଧୀ ନୁହେଁ ବରଂ ଭଗବାନଙ୍କ ଧାର୍ମିକ ପରମ୍ପରାର ଅଂଶ ବୋଲି ଉଲ୍ଲେଖ ରହିଛି । କୌଣସି ଧର୍ମପ୍ରଥା ଉପରେ ଅଯଥା ହସ୍ତକ୍ଷେପ କରାନଯିବା ନେଇ ସମ୍ବିଧାନରେ ଉଲ୍ଲେଖ ରହିଛି । ହିନ୍ଦୁ ଧର୍ମ କେବଳ ଏକ ଧର୍ମ ନୁହେଁ । ଏହା ଜୀବନ ବଞ୍ଚିବାର ଏକ ଶୈଳୀ ଅଟେ । କେବଳ ହିନ୍ଦୁ ନୁହେଁ ଖ୍ରୀଷ୍ଟିଆନ ଏବଂ ଇସଲାମରେ ଅନେକ ସମ୍ପ୍ରଦାୟ ରହିଛି । ଧର୍ମକୁ ଏକ ବ୍ୟାପକ ଶ୍ରେଣୀ ଭାବେ ଦେଖିହେବ ନାହିଁ । ଏଥିରେ ଥିବା ସମ୍ପ୍ରଦାୟ ଏବଂ ଉପ ସମ୍ପ୍ରଦାୟକୁ ବୁଝିବା ଦରକାର ବୋଲି ସଲିସିଟର ଜେନେରାଲ ପ୍ରକାଶ କରିଛନ୍ତି ।

# ଇରାନରେ ଥିବା ଭାରତୀୟଙ୍କ ପାଇଁ ନିର୍ଦ୍ଦେଶାବଳୀ ଜାରି

## ଆଗାମୀ ୪୮ ଘଣ୍ଟା ପର୍ଯ୍ୟନ୍ତ ଯେଉଁଠାରେ ଯିଏ ସେଠାରେ ରୁହନ୍ତୁ




ନୂଆଦିଲ୍ଲୀ,୭।୪: ଇରାନ ଉପରେ ଇସ୍ରାଏଲ ଓ ଆମେରିକାର ମିଳିତ ସାମରିକ ଆକ୍ରମଣ ପରେ ପଶ୍ଚିମ ଏସିଆର ସ୍ଥିତି ଅତ୍ୟନ୍ତ ଜଟିଳ ହୋଇପଡ଼ିଛି। ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ସମୟସୀମା ଶେଷ ହେବା ପରେ ଇରାନର ବିଭିନ୍ନ ପ୍ରାନ୍ତରେ ହୋଇଥିବା ବୋମାମାଡ଼ ଏବଂ ଏହାର ପାଲଟା ଜବାବରେ ଇରାନର ମିସାଇଲ ଆକ୍ରମଣ ସମଗ୍ର ଅଞ୍ଚଳକୁ ଏକ ଭୟାନକ ଯୁଦ୍ଧକ୍ଷେତ୍ରରେ ପରିଣତ କରିଛି। ଏହି ପରିପ୍ରେକ୍ଷୀରେ, ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ତୁରନ୍ତ ହସ୍ତକ୍ଷେପ କରି ଇରାନରେ ରହୁଥିବା ହଜାର ହଜାର ଭାରତୀୟଙ୍କ ସୁରକ୍ଷା ପାଇଁ ଏକ ରଣନୀତିକ ନିର୍ଦ୍ଦେଶାବଳୀ ଜାରି କରିଛି। ଯୁଦ୍ଧର ଅନିଶ୍ଚିତତା ମଧ୍ୟରେ ନିଜ ନାଗରିକଙ୍କ ଜୀବନ ରକ୍ଷା କରିବା ପାଇଁ ଭାରତ ସରକାର ବିଭିନ୍ନ ଆଗୁଆ ପଦକ୍ଷେପ ଗ୍ରହଣ କରିଛନ୍ତି। ଆଜି ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ଅନୁଯାୟୀ, ଇରାନରେ ଥିବା ସମସ୍ତ ଭାରତୀୟ ନାଗରିକ ଆଗାମୀ ୪୮ ଘଣ୍ଟା ପର୍ଯ୍ୟନ୍ତ ଯେଉଁଠି ଅଛନ୍ତି ସେଇଠି ହିଁ ରହିବାକୁ କୁହାଯାଇଛି। ବର୍ତ୍ତମାନର ସୁରକ୍ଷା ସ୍ଥିତି ଓ ଯାତାୟାତ ପାଇଁ ଥିବା ବିପଦକୁ ଦୃଷ୍ଟିରେ ରଖି ଅସ୍ଥାୟୀ ଭାବେ ଗୋଟିଏ ସ୍ଥାନରେ ରହିବାକୁ ପରାମର୍ଶ ଦିଆଯାଇଛି। ବିଶେଷ କରି ତେହେରାନ, କାଶାନ୍ ଏବଂ ଖାର୍ଗ ଦ୍ୱୀପ ନିକଟବର୍ତ୍ତୀ ଅଞ୍ଚଳରେ ଥିବା ଭାରତୀୟଙ୍କୁ ଅଧିକ ସତର୍କ ରହିବାକୁ କୁହାଯାଇଛି। ଭାରତୀୟ କର୍ତ୍ତୃପକ୍ଷ ସ୍ପଷ୍ଟ କରିଛନ୍ତି ଯେ ନାଗରିକମାନଙ୍କ ସୁରକ୍ଷା ହେଉଛି ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା। ଆକ୍ରମଣ ଯୋଗୁଁ ଇରାନର ରେଳପଥ, ବ୍ରିଜ୍ ଏବଂ ହାଇୱେଗୁଡ଼ିକ କ୍ଷତିଗ୍ରସ୍ତ ହୋଇଥିବାରୁ ଏଭଳି ସମୟରେ ଯାତ୍ରା କରିବା ଅତ୍ୟନ୍ତ ବିପଜ୍ଜନକ ହୋଇପାରେ। ନୂଆଦିଲ୍ଲୀ ସ୍ଥିତ ବୈଦେଶିକ ମନ୍ତ୍ରଣାଳୟ ଏବଂ ତେହେରାନରେ ଥିବା ଭାରତୀୟ ଦୂତାବାସ ପରସ୍ପର ସହ ନିରନ୍ତର ଯୋଗାଯୋଗରେ ଅଛନ୍ତି। ସ୍ଥିତିର ପ୍ରତି ମୁହୂର୍ତ୍ତର ଅପଡେଟ୍ ନିଆଯାଉଛି। ଯଦି ପରିସ୍ଥିତି ଆହୁରି ବିଗିଡ଼ିଯାଏ, ତେବେ ଭାରତୀୟଙ୍କୁ ସେଠାରୁ ସୁରକ୍ଷିତ ଭାବେ ବାହାର କରିବା ପାଇଁ ଉଦ୍ଧାର କାର୍ଯ୍ୟ ଉପରେ ମଧ୍ୟ ବିଚାର କରାଯାଇପାରେ।

## ଭୋଟର ତାଲିକାରୁ ନାଁ ଗୁଡ଼ିକୁ ଉକୁଣି ପରି ବାଛି କଢ଼ାଯାଇଛି: ମମତା



କୋଲକାତା,୭।୪ : ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଙ୍ଗଳବାର ଅଭିଯୋଗ କରିଛନ୍ତି ଯେ ରାଜ୍ୟରେ ଏସ୍ଆଇଆର ( ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ) ପ୍ରକ୍ରିୟାରେ ମତୁଆ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟର ଭୋଟରମାନଙ୍କୁ ଜାଣିଶୁଣି କାଟି ଦିଆଯାଇଛି। ନଦିଆ ଜିଲ୍ଲାର ଚକଦାହାରେ ଏକ ରାଲିରେ ଉଦ୍‌ବୋଧନ ଦେଇ ମମତା କହିଛନ୍ତି, ଯେଉଁ ଭୋଟରମାନଙ୍କ ନାଁ କଟାଯାଇଛି ତାଙ୍କ ଦଳ ତୃଣମୂଳ କଂଗ୍ରେସ ସେମାନଙ୍କୁ ସମର୍ଥନ କରିବ। ମମତା କହିଛନ୍ତି, କେନ୍ଦ୍ର ସରକାର ପକ୍ଷପାତ କରୁଛନ୍ତି ଏବଂ ସ୍ୱତନ୍ତ୍ର ଭାବେ କିଛି ନିର୍ଦ୍ଦିଷ୍ଟ ସମ୍ପ୍ରଦାୟକୁ ଟାର୍ଗେଟ୍ କରି ଭୋଟର ତାଲିକାରୁ ନାଁ କାଟି ଦେଉଛନ୍ତି। ମମତା କହିଛନ୍ତି, ଏହି ପକ୍ଷପାତ କ'ଣ ପାଇଁ। ଆପଣ ମତୁଆ, ରାଜବଂଶୀ ଏବଂ ସଂଖ୍ୟାଲଘୁଙ୍କୁ ବାଦ୍ ଦେଉଛନ୍ତି। ଆପଣ କ'ଣ ଭାବୁଛନ୍ତି ଲୋକ ଏହା ବୁଝିପାରୁନାହାନ୍ତି। ମମତା ମଧ୍ୟ ଦାବି କରିଛନ୍ତି ଯେ ମୁର୍ଶିଦାବାଦ, ମାଲଦା ଏବଂ ଉତ୍ତର ଦିନାଜପୁର ଯେଉଁଠାରେ ସଂଖ୍ୟାଲଘୁ ଜନସଂଖ୍ୟା ଅଧିକ ସେଠାରେ ନାଁ ଗୁଡ଼ିକୁ ତାଲିକାରୁ ଉକୁଣି ପରି ବାଛି କାଟି ଦିଆଯାଇଛି। ଏସ୍ଆଇଆର ପରେ ୯୧ ଲକ୍ଷ ଭୋଟର କଟିଛନ୍ତି। ନିର୍ବାଚନ କମିସନ୍ ତଥ୍ୟ ଅନୁଯାୟୀ ଚୂଡ଼ାନ୍ତ ଭୋଟର ତାଲିକାରୁ ପାଖାପାଖି ୯୧ ଲକ୍ଷ ନାଁ କଟାଯାଇଛି। ଉଲ୍ଲେଖଯୋଗ୍ୟ ଯେ ଫେବୃଆରି ୨୮ରେ ଜାରି ହୋଇଥିବା ସରକାରୀ ତଥ୍ୟ ଅନୁଯାୟୀ ୬୩.୬୬ ଲକ୍ଷ ଭୋଟରଙ୍କ ନାଁ ତଥା ପାଖାପାଖି ୮.୩ ପ୍ରତିଶତ ଭୋଟରଙ୍କ ନାଁ ଗତବର୍ଷ ନଭେମ୍ବରରେ ଏସ୍ଆଇଆର ପ୍ରକ୍ରିୟାରୁ କଟାଯାଇଛି।

## ଖଡ଼ଗେଙ୍କ ବିରୋଧରେ ଅଭିଯୋଗ

ଗୁଆହାଟୀ,୭।୪: ଆସାମରେ ଏକ ନିର୍ବାଚନ ରାଲିରେ ଘୃଣା ଭାଷଣ ଦେଇଥିବା ଅଭିଯୋଗରେ ବିଜେପି ମଙ୍ଗଳବାର ଦିନ ଆସାମ ପୋଲିସ ଏବଂ ନିର୍ବାଚନ କମିସନ୍‌ଙ୍କ ନିକଟରେ ମଲ୍ଲିକାର୍ଜୁନ ଖଡ଼ଗେଙ୍କ ବିରୋଧରେ ଅଭିଯୋଗ ଦାଏର କରିଛି। ଦଳ ଅନୁଯାୟୀ ଖଡ଼ଗେ ଏକ ନିର୍ବାଚନ ରାଲିରେ ଦେଇଥିବା ଟିପ୍ପଣୀ ହିନ୍ଦୁ ବିଶ୍ୱାସ ଏବଂ ସାମାଜିକ ସଦଭାବନା ପାଇଁ ଏକ ବିପଦ। ଆସାମ ବିଜେପି ମୁଖପାତ୍ର ପ୍ରଞ୍ଜଲ କଲିତା ଏକ ବିବୃତି ଜାରି କରି କହିଛନ୍ତି ଯେ କଂଗ୍ରେସ ନେତାମାନେ ଲଗାତାର ଭାବେ ସମ୍ବିଧାନକୁ ସମ୍ମାନ ଦେଉଥିବା କହୁଛନ୍ତି। କିନ୍ତୁ ସେମାନଙ୍କ କାର୍ଯ୍ୟକଳାପ ସବୁ ସାମ୍ବିଧାନିକ ସ୍ୱାଧୀନତାର ବିରୁଦ୍ଧାଚରଣ କରିଛି ଏବଂ ସବୁ ଧର୍ମ ପ୍ରତି ସମ୍ମାନ ନାହିଁ। ସେ କହିଛନ୍ତି, ଖଡ଼ଗେଙ୍କ ବିରୋଧରେ ଗୁଆହାଟି ବଶିଷ୍ଠ ଥାନାରେ ଏକ ଅଭିଯୋଗ ଦାଏର କରାଯାଇଥିବାବେଳେ ନିର୍ବାଚନ କମିସନ୍‌ଙ୍କ ନିକଟରେ ଅନ୍ୟ ଏକ ଅଭିଯୋଗ କରାଯାଇଛି।

## ଆରଏସ୍‌ଏସ୍ ମୁଖ୍ୟାଳୟ ନିକଟରୁ ମିଳିଲା ପ୍ରଚୁର ପରିମାଣର ବିସ୍ଫୋରକ

ନୂଆଦିଲ୍ଲୀ,୭ ।୪: ମହାରାଷ୍ଟ୍ରର ନାଗପୁରରେ ଚକିତ କଲା ଭଳି ଘଟଣା ସାମନାକୁ ଆସିଛି। ସହରର ବ୍ୟସ୍ତମୟ ଅଞ୍ଚଳ ମଧ୍ୟରୁ ଅନ୍ୟତମ ସିଏ ରୋଡ୍ ସ୍ଥିତ ଦୋସର ଭବନ ଛକ ନିକଟରୁ ପ୍ରଚୁର ମାତ୍ରାରେ ବିସ୍ଫୋରକ ସାମଗ୍ରୀ ଉଦ୍ଧାର କରାଯାଇଛି। ମିଳିଥିବା ସୂଚନା ଅନୁସାରେ ଉଜ୍ଜଳ ଅମ୍ବାଦାସ ଲାଞ୍ଜେୱରନାମକ ବ୍ୟକ୍ତିଙ୍କ ଘରର ଠିକ୍ ପାଖରେ ଏକ ସନ୍ଦିଗ୍ଧ ବ୍ୟାଗ୍ ମିଳିଛି। ଏହାର ଯାଞ୍ଚ କରିବା ପରେ ପୋଲିସ ମଧ୍ୟ ଚକିତ ହୋଇଛି। ଘଟଣା ସମ୍ପର୍କରେ ସୂଚନା ପାଇବା ମାତ୍ରେ ଗଣେଶପେଠ ପୋଲିସ ଏବଂ ବୋମା ନିଷ୍କ୍ରିୟକାରୀ ଦଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ସନ୍ଦିଗ୍ଧ ବ୍ୟାଗକୁ ଭଲଭାବେ ଯାଞ୍ଚ କରିବା ପରେ, ୧୫ ଟି ଜିଲେଟିନ୍ ଷ୍ଟିକ୍, ୫୦ ଟି ଡେଟୋନେଟର ଏବଂ ୮ ଟି କନେକ୍ଟର୍ ଜବତ କରାଯାଇଥିଲା। ଏକ ଆବାସିକ ଅଞ୍ଚଳରେ ଏତେ ପରିମାଣର ବିସ୍ଫୋରକ ମିଳିବା ବଡ଼ ଧରଣର ଷଡ଼ଯନ୍ତ୍ରକୁ ସୂଚିତ କରୁଛି।

# ପାକିସ୍ତାନକୁ ଜବାବ ଦେଲେ ରାଜନାଥ

## କୋଲକାତା ଉପରେ ଆଖି ପକାଇଲେ ଖଣ୍ଡ ଖଣ୍ଡ ହୋଇଯିବ



ନୂଆଦିଲ୍ଲୀ, ୭/୪ : ପାକିସ୍ତାନକୁ ଜବାବ ଦେଲେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ। କୋଲକାତାରେ ପଶି ଆକ୍ରମଣ କରିବା ନେଇ ବୟାନ ଦେଇଥିବା ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖାୱଜା ଆସିଫଙ୍କୁ ରାଜନାଥ କାଉଣ୍ଟର କରିଛନ୍ତି । ପାକିସ୍ତାନ ପୁରୁଣା ଭୁଲ କରୁଛି ବୋଲି ରାଜନାଥ ପ୍ରକାଶ କରିଛନ୍ତି। କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି ଯେ, ପାକିସ୍ତାନ ଏପରି ବୟାନବାଜିରୁ ଦୂରରେ ରହିବା ଦରକାର । ଇତିହାସ ସାକ୍ଷୀ ଅଛି ଯେ ପାକିସ୍ତାନ କିପରି ଭାରତଠୁ ପରାସ୍ତ ହୋଇଛି । ପାକିସ୍ତାନ ହାରିବା ଫଳରେ ବାଂଲାଦେଶ ଜନ୍ମ ନେଇଥିଲା । ପାକ୍ ପ୍ରତିରକ୍ଷା ମନ୍ତ୍ରୀ ଏପରି ଉତ୍ତେଜନାମୂଳକ ବୟାନ ଦେବା ଅନୁଚିତ । ୫୦ ବର୍ଷ ତଳେ ଭାରତ ପାକିସ୍ତାନକୁ ଦୁଇ ଭାଗ କରିଥିଲା । ଯଦି ସେମାନେ ପଶ୍ଚିମବଙ୍ଗ ଉପରେ ଆଖି ପକାଇବେ ତେବେ ପାକିସ୍ତାନ କେତେ ଖଣ୍ଡ ହେବ ତାହା କେବଳ ଭଗବାନ ଜାଣିଛନ୍ତି ବୋଲି ରାଜନାଥ କହିଛନ୍ତି ।କିଛି ଦିନ ତଳେ ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖାୱଜା ଆସିଫ୍ ଭାରତ ବିରୋଧୀ ବୟାନ ଦେଇଥିଲେ । ସେ କହିଥିଲେ ଯେ, ଯଦି ଭାରତ କିଛି ପଦକ୍ଷେପ ନିଏ ତାହାଲେ ସେମାନେ କୋଲକାତାକୁ ଟାର୍ଗେଟ୍ କରିବେ । ଭାରତ ଆଉ ଥରେ ଅପରେସନ କଲେ ପାକିସ୍ତାନ କୋଲକାତାକୁ ନେଇଯିବ। ନୂଆଦିଲ୍ଲୀ କିଛି ବଡ ଧରଣର କରିବା ନେଇ ଯୋଜନା କରୁଥିବା ମଧ୍ୟ ଆସିଫ୍ ପ୍ରକାଶ କରିଥିଲେ । କିନ୍ତୁ ଏ ବାବଦରେ ସେ କୌଣସି ପ୍ରମାଣ ଦେଇପାରିନଥିଲେ। ପହଲଗାମ୍ ଆକ୍ରମଣ ପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ଚରମସୀମାରେ ପହଁଚିଛି । ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ପାଇଁ ଭାରତ ଅପେରସନ ସିନ୍ଦୂର ଆରମ୍ଭ କରିଥିଲା । ଯେଉଁଥିରେ ପାକିସ୍ତାନର ଅନେକ ଆତଙ୍କବାଦୀ ବେସକୁ ଟାର୍ଗେଟ୍ କରାଯାଇଥିଲା । ଟପ୍ ଆତଙ୍କବାଦୀଙ୍କ ପରିବାର ଲୋକଙ୍କୁ ନିପାତ କରାଯାଇଥିଲା ।

# ଆସାମ, କେରଳ ଓ ପୁଡୁଚେରିରେ ପ୍ରଚାର ଶେଷ

ନୂଆଦିଲ୍ଲୀ,୭।୪ : ଆସାମ, କେରଳ ଓ ପୁଡୁଚେରି ବିଧାନସଭା ନିର୍ବାଚନ ପାଇଁ ଆଜି ଅପରାହ୍ନ ୫ଟାରେ ପ୍ରଚାର ଶେଷ ହୋଇଛି। ଆସନ୍ତା ଗୁରୁବାର ଏହି ତିନି ବିଧାନସଭା ପାଇଁ ଗୋଟିଏ ପର୍ଯ୍ୟାୟରେ ଭୋଟ୍ ଗ୍ରହଣ କରାଯିବ। ଆଉ ପ୍ରଚାରର ସୁଯୋଗ ନଥିବାରୁ ଆଜି ଶେଷଦିନରେ ସବୁ ଦଳ ଜୋରଦାର ପ୍ରଚାର କରିଛନ୍ତି। ବରିଷ୍ଠ ବିଜେପି ନେତା ତଥା କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଆଜି ଆସାମରେ ପ୍ରଚାର କରିଥିଲେ। ନିର୍ବାଚନୀ ରାଲିରେ ଶାହ ଅଭିଯୋଗ କରିଛନ୍ତି ଯେ ଆସାମ ପାଇଁ କଂଗ୍ରେସ କିଛି କରିନାହିଁ। ବରଂ ଅନୁପ୍ରବେଶକାରୀଙ୍କୁ ଆଶ୍ରୟ ଦେଇଛି। ବିଜେପି ପୁଣି ସରକାର ଗଠନ କଲେ ସବୁ ଅନୁପ୍ରବେଶକାରୀଙ୍କୁ ସେମାନଙ୍କ ନିଜ ଦେଶକୁ ପଠାଇ ଦିଆଯିବ। ଆସାମକୁ ବିଜେପି ଦେଶର ଅନ୍ୟ ବିକଶିତ ଅଞ୍ଚଳ ସହିତ ସମକକ୍ଷ କରିବ। ଅନେକ ପ୍ରତିଶ୍ରୁତି ଦେଇ ଶାହ ଆସାମରେ ପ୍ରଚାର କରିଥିଲେ। ଆସାମରେ ୧୨୬ ବିଧାନସଭା ଆସନ ଥିବା ବେଳେ ବିଭିନ୍ନ ଦଳରୁ ୭୨୨ ଜଣ ପ୍ରାର୍ଥୀ ଅଛନ୍ତି। କେରଳରେ ୧୪୦ ବିଧାନସଭା ଆସନରେ ଆସନ୍ତା ଗୁରୁବାର ନିର୍ବାଚନ ପାଇଁ ଆଜି ପ୍ରଚାର ଶେଷ ହୋଇଛି। ଏଠାରେ ବିଭିନ୍ନ ଦଳର ମୋଟ୍ ୮୯୦ ଜଣ ପ୍ରାର୍ଥୀ ଆଜି ଶେଷଦିନରେ ଜୋରଦାର ପ୍ରଚାର କରିଛନ୍ତି। ସେହିପରି କେନ୍ଦ୍ର ଶାସିତ ଅଞ୍ଚଳ ପୁଡୁଚେରିରେ ୩୦ଟି ବିଧାନସଭା ଆସନ ଲାଗି ପ୍ରଚାର ଶେଷ ହେଇଛି। ଏଠାରେ ମୋଟ୍ ୨୯୧ ଜଣ ପ୍ରାର୍ଥୀ ଶେଷଦିନରେ ଘମାଘୋଟ୍ ପ୍ରଚାର କରିଛନ୍ତି।

## ଇରାନକୁ ଜେଡି ଭାନ୍ସଙ୍କ ଚେତାବନୀ

# କୂଟନୈତିକ ସମାଧାନ ପାଇଁ ଧୈର୍ଯ୍ୟ ଶେଷ



ୱାସିଂଟନ,୭।୪: ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସ ଆଜି ଏକ ଗୁରୁତ୍ୱପୂର୍ଣ୍ଣ କୂଟନୈତିକ କାର୍ଯ୍ୟକ୍ରମରେ ଇରାନ ନେତୃତ୍ୱକୁ ଶେଷ ତଥା କଡ଼ା ଚେତାବନୀ ଦେଇଛନ୍ତି। ହଙ୍ଗେରୀ ପ୍ରଧାନମନ୍ତ୍ରୀ ଭିକ୍ଟର ଓର୍ବାନଙ୍କ ସହ ବୁଡାପେଷ୍ଟ ଗସ୍ତରେ ଥିବା ଭାନ୍ସ କହିଛନ୍ତି ଯେ, ଆମେରିକାର ନୀତି ଏବେ ସ୍ପଷ୍ଟ ଏବଂ ଏହା କଠୋର ପରିଣାମ ଦେବାକୁ ପ୍ରସ୍ତୁତ।

ଏହି ବାର୍ତ୍ତା ଦେବା ପାଇଁ ଏକ ୟୁରୋପୀୟ ମଞ୍ଚକୁ ବାଛିବା ପଛରେ ଟ୍ରମ୍ପ ପ୍ରଶାସନର ଲକ୍ଷ୍ୟ ହେଉଛି ଆଟଲାଣ୍ଟିକ୍ ସହଯୋଗୀଙ୍କୁ ଏକଜୁଟ କରିବା ଏବଂ ମଧ୍ୟପ୍ରାଚ୍ୟରେ ସ୍ଥିରତା ପାଇଁ ସାଂପ୍ରତିକ ଯୁଦ୍ଧକୁ ଏକ ନିର୍ଣ୍ଣାୟକ ମୋଡ଼ ଭାବେ ଉପସ୍ଥାପନ କରିବା। ଭାନ୍ସଙ୍କ ବକ୍ତବ୍ୟ ଅନୁଯାୟୀ, କୂଟନୈତିକ ସମାଧାନ ପାଇଁ ଦ୍ୱାର ଖୋଲା ଥିଲେ ମଧ୍ୟ, ଯଦି ତେହେରାନ ସର୍ତ୍ତ ନମାନେ, ତେବେ ଆମେରିକା ଏକ ଭୟଙ୍କର ସାମରିକ ପଦକ୍ଷେପ ନେବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ଉପରାଷ୍ଟ୍ରପତି ଭାନ୍ସ ସ୍ପଷ୍ଟ କରିଛନ୍ତି ଯେ, ଇରାନର ବୁଝାମଣାକାରୀଙ୍କ ସମୟ ଗଡ଼ାଇବା ରଣନୀତିକୁ ଆମେରିକା ଆଉ ସହ୍ୟ କରିବ ନାହିଁ। ବଲ୍ ଏବେ ସମ୍ପୂର୍ଣ୍ଣ ଭାବେ ଇରାନ କୋର୍ଟରେ ଅଛି, ବୋଲି ଭାନ୍ସ କହିଛନ୍ତି। ତେହେରାନର ନିଷ୍ପତ୍ତି ନେବାରେ ବିଳମ୍ବକୁ ସେ ସମାଲୋଚନା କରି କହିଛନ୍ତି ଯେ କୂଟନୈତିକ ଆଲୋଚନାର ସମୟ ଶେଷ ହୋଇ ଆସୁଛି ।ଅଧିକ ରକ୍ତପାତ ଏଡ଼ାଇବା ପାଇଁ ଆମେରିକା କୂଟନୈତିକ ସମାଧାନକୁ ପ୍ରାଥମିକତା ଦେଉଛି ବୋଲି ଭାନ୍ସ କହିଥିଲେ ହେଁ, ରାଷ୍ଟ୍ରପତି ଟ୍ରମ୍ପଙ୍କ ଅତି ଶକ୍ତିଶାଳୀ ଆକ୍ରମଣର ଚେତାବନୀକୁ ସେ ଦୋହରାଇଛନ୍ତି।

## ପୁଣି ୪ ସପ୍ତାହ ପାଇଁ ଟିଭି ଟିଆର୍‌ପି ଉପରେ ରୋକ୍ ଲଗାଇଲା ମନ୍ତ୍ରଣାଳୟ

ନୂଆଦିଲ୍ଲୀ,୭।୪: ସରକାର ପଶ୍ଚିମ ଏସିଆ ସଂଘର୍ଷ ମଧ୍ୟରେ "ଅତ୍ୟଧିକ ସେନସେସନାଲିଜମ୍ ଏବଂ ଅନୁମାନଭିତ୍ତିକ ସମ୍ବାଦ" କୁ ରୋକିବା ଉଦ୍ଦେଶ୍ୟରେ ଟିଭି ନ୍ୟୁଜ୍ ଚ୍ୟାନେଲଗୁଡ଼ିକର ଟେଲିଭିଜନ୍ ରେଟିଙ୍ଗ ପଏଣ୍ଟ୍ସ (ଟିଆରପି) ପ୍ରକାଶକୁ ଆଉ ୪ ସପ୍ତାହ ପାଇଁ ଅଟକାଇବା ଆଦେଶକୁ ବଢ଼ାଇଛନ୍ତି। ସୂଚନା ଓ ପ୍ରସାରଣ ମନ୍ତ୍ରାଳୟ ମାର୍ଚ୍ଚ ୬ ତାରିଖରେ ପ୍ରଥମେ ବ୍ରଡକାଷ୍ଟ ଆଡିଏନ୍ସ ରିସର୍ଚ୍ଚ କାଉନ୍ସିଲ୍ (ବିଏଆରସି) କୁ ନିର୍ଦ୍ଦେଶ ଦେଇଥିଲା ଯେ ଟିଭି ନ୍ୟୁଜ୍ ଚ୍ୟାନେଲମାନଙ୍କର ଟିଆରପି ରିପୋର୍ଟିଂକୁ ତୁରନ୍ତ ୪ ସପ୍ତାହ ପାଇଁ କିମ୍ବା ପରବର୍ତ୍ତୀ ଆଦେଶ ଆସିବା ପର୍ଯ୍ୟନ୍ତ ଅଟକାଇ ରଖିବାକୁ। ନୂତନ ଆଦେଶରେ କୁହାଯାଇଛି ଯେ ଏହି ପଦକ୍ଷେପ କିଛି ନ୍ୟୁଜ୍ ଚ୍ୟାନେଲ ଦ୍ୱାରା ପ୍ରଚାରିତ ଅନାବଶ୍ୟକ ସେନସେସନାଲିଜମ୍ ଓ ଅନୁମାନଭିତ୍ତିକ ବିଷୟବସ୍ତୁକୁ ନିୟନ୍ତ୍ରଣ କରିବା ପାଇଁ ନିଆଯାଇଥିଲା, ଯାହା ସାଧାରଣ ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିପାରେ, ବିଶେଷକରି ପ୍ରଭାବିତ ଅଞ୍ଚଳରେ ବସୁଥିବା କିମ୍ବା ସେଠାରେ ନିଜ ପରିଜନ ଥିବା ଲୋକଙ୍କ ମଧ୍ୟରେ। ମନ୍ତ୍ରାଳୟ କହିଛି ଯେ ବର୍ତ୍ତମାନ ମଧ୍ୟ ସଂଘର୍ଷ ପରିସ୍ଥିତି ଜାରି ରହିଥିବାରୁ ସାର୍ବଜନୀନ ହିତରେ ଟିଆରପିକୁ ଆଉ ୪ ସପ୍ତାହ ପାଇଁ କିମ୍ବା ପରବର୍ତ୍ତୀ ନିର୍ଦ୍ଦେଶ ଆସିବା ପର୍ଯ୍ୟନ୍ତ ପ୍ରକାଶ ଅଟକାଇବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଅମରାବତୀ ହେଲା ଆନ୍ଧ୍ରପ୍ରଦେଶର ରାଜଧାନୀ

ନୂଆଦିଲ୍ଲୀ,୭।୪: ଆନ୍ଧ୍ର ପ୍ରଦେଶ ପାଇଁ ଖୁସି ଖବର ଆସିଛି ଅମରାବତୀକୁ ରାଜ୍ୟର ସ୍ଥାୟୀ ରାଜଧାନୀ ଘୋଷଣା କରାଯାଇଛି। ମୁଖ୍ୟମନ୍ତ୍ରୀ ଏନ. ଚନ୍ଦ୍ରବାବୁ ନାଇଡୁ ଏବଂ ଉପମୁଖ୍ୟମନ୍ତ୍ରୀ ପବନ କଲ୍ୟାଣ ମଧ୍ୟ ସେମାନଙ୍କର ସୋସିଆଲ ମିଡିଆ ଏକ୍ସ ହ୍ୟାଣ୍ଡେଲରେ ଏହା ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଏକ୍ସରେ ବିଜ୍ଞପ୍ତି ସେୟାର କରି ଲେଖିଛନ୍ତି, 'ଆନ୍ଧ୍ର ପ୍ରଦେଶର ରାଜଧାନୀ ଅମରାବତୀ' ଉଲ୍ଲେଖଯୋଗ୍ୟ, ସଂସଦର ବଜେଟ ଅଧିବେଶନ ସମୟରେ, ଆନ୍ଧ୍ର ପ୍ରଦେଶ ପୁନର୍ଗଠନ ଆଇନ (ସଂଶୋଧନ) ବିଲ୍, ୨୦୨୬, ଉଭୟ ଗୃହରେ ବହୁମତରେ ଗୃହୀତ ହୋଇଥିଲା। ରାଷ୍ଟ୍ରପତିଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରି ଚନ୍ଦ୍ରବାବୁ ନାଇଡୁ ଏକ୍ସ ରେ ଲେଖିଛନ୍ତି, ଆନ୍ଧ୍ରପ୍ରଦେଶର ଲୋକଙ୍କ ପକ୍ଷରୁ, ମୁଁ ଆନ୍ଧ୍ରପ୍ରଦେଶ ପୁନର୍ଗଠନ (ସଂଶୋଧନ) ଆଇନ, ୨୦୨୬କୁ ଅନୁମୋଦନ କରିଥିବାରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜୀଙ୍କୁ ହୃଦୟରୁ କୃତଜ୍ଞତା ଜଣାଉଛି। ଏହା ଆମର ରାଜଧାନୀ ପାଇବାର ଦୀର୍ଘଦିନର ସ୍ୱପ୍ନକୁ ପୂରଣ କରିଛି। ମୁଁ କେନ୍ଦ୍ର ସରକାର ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତି ସେମାନଙ୍କର ପ୍ରତିଶ୍ରୁତି ପାଳନ କରି ଆମ ରାଜ୍ୟକୁ ମାର୍ଗଦର୍ଶନ ପ୍ରଦାନ କରିଥିବାରୁ ମଧ୍ୟ କୃତଜ୍ଞତା ଜଣାଉଛି।

## ମହଙ୍ଗା ହେବ ଏୟାର ଇଣ୍ଡିଆର ଯାତ୍ରା

ନୂଆଦିଲ୍ଲୀ,୭ ।୪: ଟାଟା ଗ୍ରୁପ୍ ନେତୃତ୍ୱରେ ପରିଚାଳିତ ବିମାନ କମ୍ପାନୀ ଏୟାର ଇଣ୍ଡିଆ ଯାତ୍ରୀମାନଙ୍କୁ ଏକ ଝଟକା ଦେଇଛି । ବଢ଼ିପାରେ ଭଡ଼ା । କମ୍ପାନୀ ୮ ଏପ୍ରିଲରୁ ଏହାର ଇନ୍ଧନ ସରଚାର୍ଜ ଢାଞ୍ଚାରେ ପରିବର୍ତ୍ତନ ଘୋଷଣା କରିଛି, ଯାହା ଫଳରେ ଘରୋଇ ଏବଂ ଆନ୍ତର୍ଜାତୀୟ ଉଭୟ ରୁଟରେ ଟିକେଟ ମୂଲ୍ୟ ଅଧିକ ହେବ । ରିପୋର୍ଟ ଅନୁଯାୟୀ, ୭ ଏପ୍ରିଲରେ ଜାରି ଏକ ବିବୃତ୍ତିରେ ଏୟାର ଇଣ୍ଡିଆ କହିଛି ଯେ ବିଶ୍ୱବ୍ୟାପୀ ଜେଟ୍ ଇନ୍ଧନ ମୂଲ୍ୟରେ ତୀବ୍ର ବୃଦ୍ଧି ଯୋଗୁଁ ଏହି ନିଷ୍ପତ୍ତି ନିଆଯାଇଛି ।ଏୟାର ଇଣ୍ଡିଆ ଘରୋଇ ବିମାନ ଉଡ଼ାଣ ପାଇଁ ଫ୍ଲାଟ୍ ରେଟ୍ ହଟାଇ ଦେଇଛି ଏବଂ ଏବେ ଦୂରତା ଉପରେ ଆଧାରିତ ଏକ ନୂତନ ସରଚାର୍ଜ ବ୍ୟବସ୍ଥା କାର୍ଯ୍ୟକାରୀ କରିଛି।

## ନୂଆ ଦଳ ଗଢିଲେ ନବଜୌତ କୌର ସିଦ୍ଧୁ

ନୂଆଦିଲ୍ଲୀ,୭/୪; କଂଗ୍ରେସ ଦଳରୁ ବହିଷ୍କାର ହେବାର ଦୁଇ ମାସ ପରେ, ନବଜୋତ କୌର ସିଦ୍ଧୁ ଏକ ନୂତନ ରାଜନୈତିକ ଦଳ ଗଠନ କରିଛନ୍ତି । ନୂଆ ଦଳର ନାମ ଭାରତୀୟ ରାଷ୍ଟ୍ରବାଦୀ ପାର୍ଟି ଦେଇଛନ୍ତି । ନବଜୌତ ସିଦ୍ଧୁ ପଞ୍ଜାବ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ । ନବଜୋତ କୌର ଏକ ସୋସିଆଲ ମିଡିଆ ପୋଷ୍ଟ ମାଧ୍ୟମରେ ନୂତନ ଦଳ ଘୋଷଣା କରିଛନ୍ତି । କିଛି ମାସ ପୂର୍ବେ ନବଜୌତ କୌର ଏକ ଚାଞ୍ଚଲ୍ୟକର ଦାବି କରିଥିଲେ ଯେ ଦଳରେ ମୁଖ୍ୟମନ୍ତ୍ରୀଙ୍କ ପଦବୀ ୫୦୦ କୋଟି ମୂଲ୍ୟର । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପଞ୍ଜାବ ବିଧାନସଭା ନିର୍ବାଚନର ଗୋଟିଏ ବର୍ଷ ପୂର୍ବରୁ ନୂଆ ଦଳ ଗଢିଛନ୍ତି ନବଜୌତ ସିଦ୍ଧୁ ।

# ଜଳୁଛି ମଣିପୁର: ୫ ଜିଲ୍ଲାରେ ଇଣ୍ଟରନେଟ୍ ବନ୍ଦ, କର୍ଫ୍ୟୁ ଜାରି



ଇମ୍ଫାଲ,୭/୪ : ଅଶାନ୍ତ ମଣିପୁର। ରକେଟ୍ ଆକ୍ରମଣରେ ଦୁଇ ଜଣ ଶିଶୁଙ୍କ ମୃତ୍ୟୁ ଘଟଣାରେ ମଣିପୁର ଅଶାନ୍ତ ହୋଇ ଉଠିଛି । ରାଜ୍ୟର ଅନେକ ଜିଲ୍ଲାରେ ଉତ୍ତେଜନାମୂଳକ ସ୍ଥିତି ଦେଖାଦେଇଛି । ଫଳରେ ଇଣ୍ଟରନେଟ୍ ବନ୍ଦ କରାଯିବା ସହ କର୍ଫ୍ୟୁ ଲାଗୁ ହୋଇଛି। ମଙ୍ଗଳବାର ସକାଳେ ମଣିପୁରର ସମ୍ବେଦନଶୀଳ ପାହାଡ଼ିଆ-ଉପତ୍ୟକା ସୀମାରେ ଅବସ୍ଥିତ ଗାଁ ମୋଇରଙ୍ଗର ଟ୍ରୋଙ୍ଗଲାବି ଆୱାଙ୍ଗ ଲାଇକାଇରେ ଥିବା ଏକ ଘରକୁ ଟାର୍ଗେଟ୍ କରାଯାଇଥିଲା। ଏଥିରେ ଗୋଟିଏ ପରିବାର ଦୁଇ ଯୁବକଙ୍କର ମୃତ୍ୟୁ ହୋଇଥିବା ବେଳେ ଜଣେ ମହିଳା ଗୁରୁତର ହୋଇଛନ୍ତି। ତେବେ ଏହା ମୋର୍ଟାର୍ ଥିଲା କି ରକେଟ୍ ମାଡ଼ ଥିଲା ତାହା ଏପର୍ଯ୍ୟନ୍ତ ଜଣାପଡ଼ି ନାହିଁ। ରିପୋର୍ଟ ଅନୁସାରେ, ନିକଟବର୍ତ୍ତୀ ପାହାଡିଆ ଅଞ୍ଚଳରୁ ଏହି ଆକ୍ରମଣ କରାଯାଇଥିବାବେଳେ, ଏଥିରେ ସୀମା ସୁରକ୍ଷା ବାହିନୀର ଜଣେ ଭାରତୀୟ ଯବାନଙ୍କ ଘର ନଷ୍ଟ ହୋଇଯାଇଛି। ତାଙ୍କ ନାଁ ହେଲା ଓଇନାମ୍ ମାଲେମଙ୍ଗାନବା। ସେ ରାଜ୍ୟ ବାହାରେ ନିୟୋଜିତ ଅଛନ୍ତି। ବିସ୍ଫୋରଣ ସମୟରେ ତାଙ୍କ ପତ୍ନୀ,୩୭ ବର୍ଷୀୟ ଓଇନାମ୍ ଓଙ୍ଗବି ବିନିତା ଏବଂ ସେମାନଙ୍କର ଦୁଇ ପିଲାଘରେ ଥିଲେ। ଦୁଇ ପୁଅଙ୍କ ମଧ୍ୟରୁ ଜଣଙ୍କ ବୟସ ପାଞ୍ଚ ବର୍ଷ ହୋଇଥିବା ବେଳେ ଆଉ ଜଣେ ୫ ମାସର ଶିଶୁ। ଏହି ଦୁଇ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଯବାନଙ୍କ ପତ୍ନୀ ବିନିତା ଗୁରୁତର ଆହତ ହୋଇଛନ୍ତି। ଏହି ଘଟଣା ପରେ ରାଜ୍ୟରେ ସ୍ଥିତି ଅଣାୟତ ରହିଛି । ଯାହାକୁ ରୋକିବାକୁ ସରକାର ବିଷ୍ଣୁପୁର ଜିଲ୍ଲାରେ କର୍ଫ୍ୟୁ ଲଗାଇଛନ୍ତି । ସେହିପରି ଘାଟି ନିକଟବର୍ତ୍ତୀ ୫ଟି ଜିଲ୍ଲାରେ ଇଣ୍ଟରନେଟ୍ ସେବା ବନ୍ଦ କରାଯାଇଛି । କେବଳ ଏତିକି ନୁହେଁ ଅନେକ ସ୍ଥାନରେ ସୁରକ୍ଷାକର୍ମୀ ଏବଂ ଜନତା ମୁହାଁମୁହିଁ ହୋଇଛନ୍ତି । ଯେଉଁଥିରେ ୧୯ ଜଣ ଆହତ ହୋଇଥିବା ସୂଚନା ମିଳିଛି ।

# ଧରାପଡ଼ିଲେ ସ୍ୱାମୀ-ସ୍ତ୍ରୀ ଚେନ୍ ଲୁଟେରା ଗ୍ୟାଙ୍ଗ

## ■ ପୋଲିସ ଅଫିସରଙ୍କ ମା'ଙ୍କଠୁ ବି ଲୁଟିଥିଲେ ■ ଚକମା ଦେବାକୁ ସ୍ତ୍ରୀଙ୍କୁ ବ୍ୟବହାର କରୁଥିଲେ

ଭୁବନେଶ୍ୱର(ନିପ୍ର): ରାଜଧାନୀରୁ ସୁନାଚେନ୍ ଲୁଟପାଟକରି ଆତଙ୍କ ଖେଳାଇଥିବା ସ୍ୱାମୀ-ସ୍ତ୍ରୀ ଗ୍ୟାଙ୍ଗକୁ ଧରିବାରେ ସଫଳ ହୋଇଛି ଚନ୍ଦ୍ରଶେଖରପୁର ଥାନା ପୋଲିସ । ରାଜଧାନୀ ସାରା ଭଡା ବାଇକରେ ବୁଲି ବୁଲି ଝାମ୍ପି ନେଉଥିଲା ସୁନା ଚେନ୍ । ଟାର୍ଗେଟରେ ଥିଲେ ବୟସ୍କ ମହିଳା । ପୋଲିସ ଆଖିରେ ଧୂଳି ଦେବା ପାଇଁ ନେଉଥିଲା ପତ୍ନୀର ସହାୟତା । ଭୁବନେଶ୍ୱରରେ କିଛିମାସ ହେବ ସୁନା ଚେନ୍ ଲୁଟ୍ କରି ମୁଣ୍ଡବିନ୍ଧାର କାରଣ ସାଜିଥିବା ପେସାଦାର ଲୁଟେରାକୁ ଧରିଛି କମିଶନରେଟ୍ ପୋଲିସ । ଏହି ମାମଲାରେ ମଙ୍ଗଳବାର ଦମ୍ପତିଙ୍କ ସମେତ ୩ ଜଣଙ୍କୁ ଚନ୍ଦ୍ରଶେଖରପୁର ଥାନା ପୋଲିସ ଗିରଫ କରିଛି । ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ସାମ୍ବାଦିକ ସମ୍ମିଳନୀରେ ଏନେଇ ସୂଚନା ଦେଇଛନ୍ତି । ଅଭିଯୁକ୍ତମାନେ ହେଲେ ମୁଖ୍ୟ ଲୁଟେରା ଭରତପୁରର ରକେଶ ରାଉତ (୩୫), ତା ସ୍ତ୍ରୀ ସ୍ୱେତଲିନା ବେହେରା (୨୭) ଓ ସୁନା ନେଉଥିବା କଟକ ନିଶ୍ଚିତକୋଇଲି ଅଞ୍ଚଳର ଗୋଲେଖ ଚନ୍ଦ୍ର ସଠୁଆ (୬୫)। ରାକେଶଠୁ ୮ଟି ସୁନା ଚେନ୍, କାର୍ ଓ ବାଇକ ଜବତ ହୋଇଛି । ଚନ୍ଦ୍ରଶେଖରପୁର ଥାନାରେ ଗତବର୍ଷ ଡିସେମ୍ବର ୨୪ରେ (ନଂ.୮୬୩/୨୦୨୫) ପଞ୍ଜିକୃତ ମାମଲାରେ ଅଭିଯୁକ୍ତମାନଙ୍କୁ ମଙ୍ଗଳବାର ଦିନ କୋର୍ଟଚାଲାଣ କରାଯାଇଥିଲା । ପରେ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ଭୁବନେଶ୍ୱରର ବିଭିନ୍ନ ଥାନାରେ ୮ ମାମଲାରେ ଅଭିଯୁକ୍ତମାନଙ୍କ ସମ୍ପୃକ୍ତି ରହିଛି । ଏଗୁଡିକ ମଧ୍ୟରୁ ଚନ୍ଦ୍ରଶେଖରପୁର ଥାନାରେ ୫ଟି, ନୟାପଲ୍ଲୀ ଥାନାରେ ୨ଟି ଓ ଇନଫୋସିଟି ଥାନାରେ ଗୋଟିଏ ମାମଲା ରହିଛି । ଅନ୍ୟପକ୍ଷରେ ଲୁଟ୍ ଚେନକୁ ପୀଡିତାମାନଙ୍କୁ ଫେରାଇ ଦିଆଯାଇଛି । ତେବେ ପୂର୍ବରୁ ରାକେଶ ଜେଲ ଯାଇଥିବା ବେଳେ ଜାମିନରେ ଆସି ଲୁଟ୍ କରୁଥିଲା । ପୁଲିସ ପକ୍ଷରୁ ପ୍ରେସ ବିଜ୍ଞପ୍ତି ଜରିଆରେ ଏନେଇ ଅଧିକ ତଥ୍ୟ ଦିଆଯାଇଛି । ବାଇକର ନମ୍ବର ପ୍ଲେଟକୁ ଘୋଡାଇ କରୁଥିଲେ ଲୁଟ୍ : ଅଭିଯୁକ୍ତ ରାକେଶ ବରମୁଣ୍ଡାସ୍ଥିତ ସାଇ ବାଇକ୍ ରେଣ୍ଟାଲ୍ ଅଫିସରୁ ଭଡାରେ ବାଇକ୍(ୟାମା ଏମଟି-୧୫)କୁ ନେଉଥିଲା । ଏହି ବାଇକରେ ହିଁ ସେ ଭୁବନେଶ୍ୱରରେ ଲୁଟପାଟ୍ କରୁଥିଲା । ସେ ନମ୍ବର ପ୍ଲେଟ୍‌କୁ କପଡାରେ ଲୁଚାଇ ଦେଉଥିଲା । ଅନେକ ମାମଲାରେ ସିସିଟିଭି ଯାଞ୍ଚ ଓ ମାନବୀୟ ବୁଦ୍ଧିମତ୍ତା ବ୍ୟବହାର କରି ରକେଶକୁ କାବୁ କରାଯାଇଛି ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି । ପାନ ଦୋକାନରେ ଲାଗିଲାନି ମନ-୨୦୧୫ ପରେ ରକେଶ ନିଜକୁ ପରିବର୍ତ୍ତନ କରି ଏକ ପାନ ଦୋକାନ ଖୋଲିଥିଲା । ହେଲେ କିଛିମାସ ହେବ ସେ ପତ୍ନୀ ସହ ମିଶି ପୁଣି ଅପରାଧ ଆରମ୍ଭ କରିଥିଲା । ପୋଲିସକୁ ବିଭ୍ରାନ୍ତ କରିବା ପାଇଁ କୌଶଳ ଆପଣାଇଥିଲା । ଚେନ୍ ଲୁଟ୍ କରିବାର କିଛି ଦୂରରେ ପତ୍ନୀକୁ ଛାଡିଦେଉଥିଲା । ଲୁଟ୍ ପରେ ବାଇକରେ ପତ୍ନୀ ସହ ପଳାଉଥିଲା । ୪ଟି ସୁନା ଚେନ୍ ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କ ବରମୁଣ୍ଡା ଶାଖାରେ ବନ୍ଧକ ରଖିଥିଲା । ଯାହା ଜବତ କରାଯାଇଛି । ୨ଟି ସୁନା ଚେନ୍ ଗୋଲେଖ ପାଖରୁ ମଧ ଜବତ କରାଯାଇଛି । ଅର୍ଣ୍ଣପୂର୍ଣ୍ଣା ଜୁଏଲର୍ସ ସମ୍ନାରୁ ଝାମ୍ପିଥିଲା ଚେନ୍-ଡିସେମ୍ବର ୨୪ରେ ନିଳାଦ୍ରୀ ବିହାରର ସଞ୍ଜୁକ୍ତା ପୃଷ୍ଟିଙ୍କୁ ରକେଶ ଟାର୍ଗେଟ୍ କରିଥିଲା । ସଞ୍ଜୁକ୍ତା ନିଳାଦ୍ରୀ ବିହାରସ୍ଥିତ ଅର୍ଣ୍ଣପୂର୍ଣ୍ଣା ଜୁଏଲର୍ସକୁ ଯାଇଥିଲେ । ଜୁଏଲର୍ସ ସାମ୍ନାରେ ସେ ବସିଥିବା ବେଳେ ରକେଶ ତାଙ୍କ ବେକରୁ ସୁନା ଚେନ୍ ଝାମ୍ପିନେଇଥିଲା । ଏନେଇ ତାଙ୍କ ପୁଅ ରଞ୍ଜନ କୁମାର ପୃଷ୍ଟି ଥାନାରେ ଏତଲା ଦେଇଥିଲେ । ପୋଲିସ ମାମଲା (ନଂ.୮୬୩/୨୦୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ପୋଲିସ ଅଫିସରଙ୍କ ମାଙ୍କଠୁ ବି ଚେନ୍ ଲୁଟ୍ କରିଥିଲା-ଗତ ଫେବୃଆରୀ ୧୭ରେ ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଶୈଳେଶ୍ରୀ ବିହାରରେ ଜଣେ ପୋଲିସ ଅଧିକାରୀଙ୍କ ମା'ଙ୍କ ଠାରୁ ରାକେଶ ସୁନା ଚେନ୍ ଲୁଟ୍ କରିଥିଲା । ଲୁଟର ଶିକାର ହୋଇଥିଲେ ଶକୁନ୍ତଳା ମହାନ୍ତି । ପ୍ରାତଃଭ୍ରମଣ ସାରି ସକାଳ ପ୍ରାୟ ୭ଟା ବେଳେ ସେ ଭିଆଇଏମ ଗଳି ରାସ୍ତା ଦେଇ ଘରକୁ ଫେରୁଥିଲେ । ପଛପାର୍ଶ୍ୱରୁ ଏକ ସ୍କୁଟିରେ ରାକେଶ ଓ ତା ସହଯୋଗୀ ତାଙ୍କୁ ପିଛା କରି ଆସି ସୁନା ଚେନ୍ କାଟି ନେଇଯାଇଥିଲା । ଏନେଇ ମାମଲା (ନଂ.୧୪୦/୨୦୨୬) ପଞ୍ଜିକୃତ କରାଯାଇଥିଲା ।

## ୩୫ଲକ୍ଷ ଟଙ୍କାର ବ୍ରାଉନସୁଗର ଜବତ

ଭୁବନେଶ୍ୱର(ନିପ୍ର): ଆକ୍ସନ ମୋଡରେ ଭୁବନେଶ୍ୱର ଅବକାରୀ ଟିମ୍ । ରାଜଧାନୀରେ ଧଳାଜହର ବିକ୍ରି ଆତଙ୍କ ସୃଷ୍ଟି କରିଥିବା କୁଖ୍ୟାତ ନିଶା ମାଫିଆକୁ କାବୁ କରିବାରେ ସଫଳତା ପାଇଛି ଅବକାରୀ ଟିମ । ଗିରଫ ନିଶା ମାଫିଆ ଜଣଙ୍କ ହେଲେ କାଳେନ୍ଦ୍ରୀ ଶ୍ରୀଚନ୍ଦନ(୩୪)। ତାଙ୍କ ଘର ବଡଗଡ ଥାନା ନିକଟସ୍ଥ କଳିଙ୍ଗାବସ୍ତିରେ ବୋଲି ଜଣାପଡିଛି । ନିଶା ମାଫିଆଠାରୁ ପୁଲିସ ୩୫ ଗ୍ରାମର ଧଳାଜହର ଜବତ କରିଛି । ଯାହାର ଆନୁମାନିକ ମୂଲ୍ୟ ୩୫ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି । ଗିରଫ କାଳେନ୍ଦ୍ରୀଙ୍କୁ ମଙ୍ଗଳବାର ଦିନ କୋର୍ଟ ଚାଲାଣ କରାଯାଇଛି । ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି । ଗିରଫ ନିଶା ମାଫିଆ ନାମରେ ଅନେକ ଅପରାଧୀକ ମାମଲା ଥିବା ଜଣାପଡିଛି । ଗିରଫ ନିଶା ମାଫିଆ ବାଲେଶ୍ୱର ଜିଲ୍ଲା ଜଳେଶ୍ୱରରୁ ଧଳାଜହର ଆଣି ରାଜଧାନୀରେ ବିକ୍ରି କରୁଥିବା ସମୟରେ ଅବକାରୀ ଟିମ୍ ବଡଗଡ ଥାନା ନିକଟସ୍ଥ ମଇଁଷିଆଖାଲ ବସ୍ତି ଅଞ୍ଚଳରୁ ଅଭିଯୁକ୍ତକୁ କାବୁ କରିବା ସହ ବ୍ରାଉନସୁଗର ଜବତ କରିଥିଲା ।

## ସ୍ୱେଚ୍ଛାସେବୀ ଅନୁଷ୍ଠାନ ସୁବାସ ସଂଗଠନ ପକ୍ଷରୁ ଏସସିବି ଅଧୀକ୍ଷକଙ୍କୁ ସ୍ମାରକପତ୍ର



କଟକ(ନିପ୍ର): ସ୍ୱେଚ୍ଛାସେବୀ ଅନୁଷ୍ଠାନ ସୁବାସ ସଂଗଠନ ପକ୍ଷରୁ ମଂଗଳବାର ଏସସିବି ମେଡ଼ିକାଲର ନବନିଯୁକ୍ତ ଅଧକ୍ଷଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା । ଏହି ଅବସରରେ ମେଡ଼ିକାଲର ବିଭିନ୍ନ ମୌଳିକ ସମସ୍ୟାର ସମାଧାନ କରିବା ନିମନ୍ତେ ଅନୁଷ୍ଠାନ ପକ୍ଷରୁ ଅଧିକ୍ଷକଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । କଟକ ବଡ଼ ମେଡ଼ିକାଲରେ ଅଧିକ ଷ୍ଟ୍ରେଚର, ହ୍ୱିଲ ଚେୟାର ଓ ବ୍ୟାଟେରୀ ଆମ୍ବୁଲାନ୍ସ ଆଦି ଯୋଗାଇ ଦେବାକୁ ଏହି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି । ଏହାଛଡ଼ା ନନଟ୍ରମା ଓ ଟ୍ରମା କାଜୁଆଲଟିର ବିଭିନ୍ନ ସମସ୍ୟା ବିଷୟରେ ଅଧିକ୍ଷକଙ୍କ ସହ ଅନୁଷ୍ଠାନର ପ୍ରତିଷ୍ଠାତା ସଭାପତି ସୁରେଶ ମହାନ୍ତି ଆଲୋଚନା କରିଥିଲେ । ସେହିପରି ମେଡ଼ିକାଲରୁ ବହୁ ରୋଗୀଙ୍କୁ ଦଲାଲଙ୍କ ମାଧ୍ୟମରେ ପ୍ରାଇଭେଟ ହସପିଟାଲକୁ ସ୍ଥାନାନ୍ତରିତ କରାଯାଉଥିବା ଅନୁଷ୍ଠାନ ପକ୍ଷରୁ ଅଭିଯୋଗ କରି ଏହାକୁ ବନ୍ଦ କରିବା ପାଇଁ ଅଧିକ୍ଷକଙ୍କୁ ନିବେଦନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସନ୍ତୋଷ ମହାନ୍ତି, ସୁରେଶ ଭୂୟାଁ, ଭବାନୀ ମହାପାତ୍ର, ରାମଚନ୍ଦ୍ର ରଣା, ସନ୍ତୋଷ ମିଶ୍ର, ପ୍ରଶାନ୍ତ ମହାରଣା, ଉପେନ୍ଦ୍ର ମହାରଣା, ଅଜିତ ଦାସ ଓ ବିବେକ ସେନାପତି ପ୍ରମୁଖ ଏହି ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

## ଡାକଘର ସ୍ଥାନାନ୍ତର ଉଦ୍ୟମକୁ ବିରୋଧ

ନିମାପଡ଼ା(ନିପ୍ର): ନିମାପଡ଼ା ପୌରାଂଚଳରେ ଥିବା ଦୀର୍ଘ ୪୬ ବର୍ଷର ଦୋଳବେଦୀ ଛକ ଡ଼ାକଘରକୁ ନିମାପଡ଼ା ମୁଖ୍ୟ ଡ଼ାକଘର କାର୍ଯ୍ୟାଳୟ ସହିତ ମିଶାଇ ଦେବା କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ନିମାପଡ଼ାବାସୀ ନାପସନ୍ଦ କରି ଏ ସଂକ୍ରାନ୍ତରେ ପୁନଃ ବିଚାର କରିବା ପାଇଁ ଦାବି କରିଛନ୍ତି । ଉକ୍ତ ଡ଼ାକଘରଟି ପୁରୀ ଜିଲ୍ଲାରେ ଅନ୍ୟତମ ଡ଼ାକଘର ଭାବେ ବିବେଚିତ ହୋଇଥିବା ଦୃଷ୍ଟାନ୍ତ ରହିଛି । ଏଠାରେ ଦୈନିକ ୧୦୦ରୁ ଉର୍ଦ୍ଧ୍ୱ ଗ୍ରାହକ ବିଭିନ୍ନ କାମ ଶାନ୍ତି ଶୃଙ୍ଖଳାରେ କରିଥିବା ସୂଚନା ଦେଇ ଏଠାରୁ ଡ଼ାକଘର ଉଠିଗଲେ ଅନେକ ଗ୍ରାହକ ଗହଳି ମଧ୍ୟରେ ଯିବା ପସନ୍ଦ କରିବେ ନାହିଁ ବୋଲି ରୋକ୍‌ଠୋକ୍ ମନା କରି ଦେଇଥିଲେ । ଏହି ଡ଼ାକଘର ଦ୍ୱାରା ବାର୍ଷିକ ୨୦ କୋଟି ଟଙ୍କାର ବ୍ୟବସାୟ ହୋଇଥାଏ ବୋଲି ଡ଼ାକ ବିଭାଗ ସହିତ ଜଡ଼ିତ କର୍ମଚାରୀ / ଏଜେଂଟ୍‌ମାନେ ସୂଚନା ଦେଇ ସରକାର ଜନସ୍ୱାର୍ଥ ଦୃଷ୍ଟିରୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି । ନିମାପଡ଼ା ପୂର୍ବତନ ବିଧାୟକ ବେଣୁଧର ସେଠୀ ଏ ସଂପର୍କରେ ବିଭାଗୀୟ ଉପଖଣ୍ଡ ଡ଼ାକ ନିରୀକ୍ଷକଙ୍କ ସହ ବିଚାର ବିମର୍ଷ କରିଥିଲେ ମଧ କୌଣସି ଫଳ ନ ମିଳିବାରୁ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କ ଦୃଷ୍ଟି ଆକର୍ଷଣ କରିଥିବା



ଗଣମାଧ୍ୟମକୁ ସୂଚନା ଦେଇଥିଲେ । ପୂର୍ବରୁ ନିମାପଡ଼ା କଲେଜ ପରିସରରେ ଏକ ଡ଼ାକଘର ଥିଲା କିନ୍ତୁ କର୍ତ୍ତୃପକ୍ଷ ତାହାକୁ ଉଠାଇ ନେଇ ନିମାପଡ଼ା ଉପ-ଡ଼ାକଘର ସହ ସାମିଲ କରିଥିବା ନଜିର ରହିଛି । ଏବେ ଦୋଳବେଦୀ ଛକ ଉପ-ଡ଼ାକଘର ଉଠାଇ ନେବା ପାଇଁ ବିଭିନ୍ନ କାରଣ ଦର୍ଶାଇ ଅନ୍ୟତ୍ର ନେଇଯିବା ପାଇଁ ଉଦ୍ୟମକୁ ନିମାପଡ଼ାବାସୀ ବରଦାସ୍ତ କରିବେ ନାହିଁ ବୋଲି ଜାଗ୍ରତ ଯୁବଶକ୍ତି ସଂଗଠନ ଆବାହକ ଆଦର୍ଶ ଦାଶ, ସିପିଆଇ ନେତା ଦେବେନ୍ଦ୍ର ସାହୁ, ଯୁବନେତା ବିଜୟାନନ୍ଦ ଦାଶ, କଂଗ୍ରେସ ନେତା ସତ୍ୟବ୍ରତ ପାତ୍ର, ଅଣ୍ଡିଆସାହି ଗ୍ରାମ୍ୟ କମିଟି କର୍ମକର୍ତାବୃନ୍ଦ, ଗୋପବନ୍ଧୁ ସେବା ସଂଘ ସଂପାଦକ କୃଷ୍ଣଚନ୍ଦ୍ର ପାତ୍ର, ଦାୟାଦ ସଂଗଠନ ସଭାପତି ଆର୍ତ୍ତବନ୍ଧୁ ସେନାପତି, ବରିଷ୍ଠ ନାଗରିକ ମଂଚ ସଭାପତି ପ୍ରମୋଦ ମହାନ୍ତି ପ୍ରମୁଖ ସୂଚନା ଦେଇ ପୁନଃ ବିଚାର ପାଇଁ ଦାବି ଜଣାଇଛନ୍ତି । ଡ଼ାକ ବିଭାଗ ନିରୀକ୍ଷକ ରମାକାନ୍ତ ଭୋଇଙ୍କ ମତାମତ ନେବାରେ ସରକାରଙ୍କ ନିଷ୍ପତ୍ତି ହିଁ ଚୂଡ଼ାନ୍ତ ବୋଲି କହିଥିଲେ ।

## ସ୍ତ୍ରୀକୁ ହତ୍ୟା ପରେ ସ୍ୱାମୀର ଆତ୍ମହତ୍ୟା



ବେଲଗୁଣ୍ଠା(ନିପ୍ର): ବେଲଗୁଣ୍ଠା ବ୍ଲକ ତନରଡ଼ା ପଞ୍ଚାୟତ ଅନ୍ତର୍ଗତ ସରନୁଆଁପଲ୍ଲୀଠାରେ ଏକ ଅଭବନୀୟ ଘଟଣା ଦେଖିବାକୁ ମିଳିଛି । ଗତ ସୋମବାର ବିଳମ୍ବିତ ରାତିରେ ଘରୋଇ କଳହରୁ ସ୍ତ୍ରୀକୁ ହତ୍ୟାକରି ସ୍ୱାମୀ ଚିତ୍ରସେନ ନାଇକ (୨୮) ନିଜେ ଦୌଡ଼ି ଦେଇ ଆତ୍ମହତ୍ୟା କରିଥିବା ଜଣାପଡିଛି । ସୂଚନା ପ୍ରକାରରେ ଗତ ପ୍ରାୟ ୭ବର୍ଷ ହେଲା ଚିତ୍ରସେନ ଏବଂ ପୂଜାଙ୍କ ମଧ୍ୟରେ ପ୍ରେମ ବିବାହ ହୋଇଥିଲା । ସ୍ତ୍ରୀର ଗ୍ରାମ ତନରଡ଼ା ଏବଂ ସ୍ୱାମୀର ଘର ସରନୁଆଁପଲ୍ଲୀ । ସେମାନେ ପ୍ରାୟ ୪ ବର୍ଷ ମିଶିକି ରହିବା ପରେ ଉଭୟଙ୍କ ମଧ୍ୟରେ ସବୁବେଳେ ଝଗଡା ଲାଗିରହିଥାଏ । ନନ୍ଦିନୀ ପ୍ରାୟତଃ ଭୁବନେଶ୍ୱରରେ ରହୁଥିଲେ । ଯେବେ ଘରକୁ ଆସନ୍ତି ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝଗଡା ହୋଉଥିବା ଜଣାପଡିଛି । ନନ୍ଦିନୀ ରବିବାର ରାତିରେ ଘର ସରନୁଆଁ ପଲ୍ଲୀକୁ ଆସିଥିଲେ । ସୋମବାର ରାତିରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝଗଡା ହୋଇଥିଲା । ଝଗଡାର ରୁଅ ଏତେ ଭୟଙ୍କର ହୋଇପଡ଼ିଲା ଯେ ଧାରୁଆ ଅସ୍ତ୍ରରେ ସ୍ତ୍ରୀକୁ ହତ୍ୟା କରି ନିଜେ ଗାଁ ନିକଟସ୍ଥ ଏକ ଗଛରେ ଦୌଡ଼ି ଦେଇ ଆତ୍ମହତ୍ୟା କରିଥିବା ଜଣାପଡିଛି । ପୋଲିସ ଉଭୟ ଶବକୁ ଜବତ କରି କେସ୍ ନଂ ୧୪୬/୨୬ରେ ଏକ ମାମଲା ରୁଜୁକରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ପଠାଇଥିବା ଜଣାପଡିଛି । ଭଞ୍ଜନଗର ଏସଡିପିଓ ଡା. ଦୀପକ ମିଶ୍ର, ବେଲଗୁଣ୍ଠା ଆଇଆଇସି ରେବତୀ ଶବର, ସାଇଣ୍ଟିଫିକ ଟିମ ଏବଂ ପୋଲିସ ଟିମ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି ।

## ନିଶା ମାଫିଆ ସାଗରକୁ କାବୁ କଲା ଜଟଣୀ ପୁଲିସ

ଭୁବନେଶ୍ୱର(ନିପ୍ର): କୁଖ୍ୟାତ ନିଶା ମାଫିଆକୁ ଧରିବାରେ ସଫଳ ହୋଇଛି ଜଟଣୀ ଥାନା ପୋଲିସ । ଗିରଫ ନିଶା ମାଫିଆ ହେଲେ ପୁରୀ ଜିଲ୍ଲା ପିପିଲିର ସାଗର ମୁଣ୍ଡା(୩୦) । ତାଙ୍କଠାରୁ ପୋଲିସ ୧୦ ଗ୍ରାମର ଧଳାଜହର ଜବତ କରିଛି । ଯାହାର ଆନୁମାନିକ ମୂଲ୍ୟ ୧୦ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି । ତା'ନାମରେ ପୂର୍ବରୁ ଅନେକ ଥାନାରେ ନିଶା କାରବାର ଭଳି ମାମଲା ରହିଛି । ସୂଚନାଯୋଗ୍ୟ ଯେ, ଜଟଣୀ ଥାନାଧିକାରୀ ଷ୍ଟାଲିନ ବିଶ୍ୱାଳଙ୍କ ନିର୍ଦ୍ଦେଶକ୍ରମେ ସମ୍ପୃକ୍ତ ଥାନାର ଏକ ସ୍ପେଶାଲ ଟିମ୍ ବୁଦ୍ଧପଡା ଖେଳ ପଡିଆ ନିକଟରେ ଅତର୍କିତ ଚଢଉ କରିବା ସହ ବେଆଇନ ବ୍ରାଉନସୁଗର ବିକ୍ରି ଅଭିଯୋଗରେ ସାଗର ମୁଣ୍ଡା ନାମକ ଜଣେ ଅଭିଯୁକ୍ତଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ । ଛାନଭିନ ସମୟରେ ପୁଲିସ ଟିମ ଅଭିଯୁକ୍ତ ସାଗର ମୁଣ୍ଡାଙ୍କ ହେପାଜତରୁ ମୋଟ ୧୦ ଗ୍ରାମ ଓଜନର ବ୍ରାଉନ ସୁଗାର ଜବତ କରିଥିଲେ । ପଚ୍ରାଉଚ୍ରା ବେଳେ ଅଭିଯୁକ୍ତ ସାଗର ଏହି ବ୍ରାଉନ ସୁଗାର ବ୍ୟବସାୟ ଗତ କିଛିଦିନ ହେବ ନିୟମିତ ଭାବେ କରିଆସୁଥିବା ବେଳେ, ପୁରୀ ଅଞ୍ଚଳରୁ ସଂଗ୍ରହ କରି ଆଣି ଜଟଣୀ ଅଞ୍ଚଳର ଯୁବଗୋଷ୍ଠୀଙ୍କୁ ବିକ୍ରୟ କରୁଥିବା ପ୍ରକାଶ କରିଥିଲେ । ଅଭିଯୁକ୍ତ ସାଗର ମୁଣ୍ଡା ପୂର୍ବରୁ ମଧ୍ୟ ରାଉରକେଲା ଜିଆରପି ଥାନା ଓ ପ୍ଲାଣ୍ଟସାଇଟ ଥାନାର ୨ଟି ମାମଲାରେ ଜଡିତ ଥିବା ଜଣାପଡିଛି ।

## ୩୫ ମୌଜା ପଣାଯାତ୍ରା ମହୋତ୍ସବ ଆଗାମୀ ୧୩ରୁ

କୃଷ୍ଣପ୍ରସାଦ(ନିପ୍ର): ପୁରୀ ଜିଲ୍ଲାର ପ୍ରସିଦ୍ଧ ଦ୍ୱିତୀୟ ବାଲିଯାତ୍ରା ଭାବେ ପରିଚିତ ପଣାଯାତ୍ରା ପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି । କୃଷ୍ଣପ୍ରସାଦ ବ୍ଲକର ଶ୍ରୀ ଶ୍ରୀ କମଳେଶ୍ୱର ଦେବ ବିଜେ ଦେଉଳପଡା ତିତିପ ଠାରେ ଅନୁଷ୍ଠିତ ହେଉଥିବା ଏହି ଦ୍ୱିତୀୟ ବାଲିଯାତ୍ରା ୧୩ ତାରିଖ ଠାରୁ ଆରମ୍ଭ ହୋଇ ୧୮ ତାରିଖ ଯାଏ ଚାଲିବ ବୋଲି ପରିଚାଳନା କମିଟି ସଭାପତି ସୁରେନ୍ଦ୍ର ନାଥ ମାଝୀ, ସମ୍ପାଦକ ଦିଲ୍ଲିପ କୁମାର ଦାଶ ପ୍ରକାଶ



କରିଛନ୍ତି । ୭୯ ବର୍ଷ ଧରି ହୋଇଆସୁଥିବା ଏହି ଐତିହାସିକ ବାଲିଯାତ୍ରାରେ ୩୫ ମୌଜାର ବିଭିନ୍ନ ଗ୍ରାମରୁ ୧୭ ଠାକୁର ସୁସଜ୍ଜିତ ବିମାନରେ ପାଟପଟୁଆର ରେ ଏକତ୍ରିତ ହେବେ । ଏହି ମହା ମିଳନ କୁ ଦେଖିବା ପାଇଁ ପୁରୀ, ଖୋର୍ଦ୍ଧା, ଗଞ୍ଜାମ, କଟକ, ନୟାଗଡ଼, ଗଜପତି ଆଦି ବିଭିନ୍ନ ଜିଲ୍ଲାରୁ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତଙ୍କ ସମାଗମ ହୋଇଥାଏ । ପ୍ରତିଦିନ ମନୋରଞ୍ଜନ ପାଇଁ ଲୋକନୃତ୍ୟର ବ୍ୟବସ୍ଥା କରାଯାଇଛି । ପ୍ରତ୍ୟହ ସନ୍ଧ୍ୟାରେ ଆତସବାଜି, ପାରମ୍ପରିକ ସାମରିକ କଳା ପାଇକ ଆଖଡା,ସଂକୀର୍ତ୍ତନ ପ୍ରତିଯୋଗିତା ହୋଇଥାଏ । ରାତ୍ର ମନୋରଞ୍ଜନ ପାଇଁ ଦୁଇଟି ପ୍ରତିଷ୍ଠିତ ଅପେରା ପାର୍ଟି ଖୋଲା ମଞ୍ଚରେ ନିଜର ନାଟ୍ୟ ପରିବେଷଣ କରିବେ । ଶାନ୍ତି ଶୃଙ୍ଖଳା ଯାତ୍ରାର ସୁରକ୍ଷା ପାଇଁ କୃଷ୍ଣପ୍ରସାଦ ଥାନା ଆଇଆଇସି ବିଚିତ୍ରାନନ୍ଦ ପ୍ରଧାନଙ୍କ ନେତୃତ୍ୱରେ ଆବଶ୍ୟକୀୟ ପୋଲିସ ଫୋର୍ସ ମୁତୟନ କରାଯିବ ବୋଲି ଜଣାପଡିଛି । ୩୫ ମୌଜା ପରିଚାଳନା କମିଟି ଅଧିନରେ ହେଉଥିବା ଏହି ଯାତ୍ରାରେ ୧୫୦ ଜଣ ସ୍ଥାୟୀ ସଦସ୍ୟ ବିଭିନ୍ନ ଦାୟିତ୍ୱ ନେଇ ସୁରକ୍ଷା କାର୍ଯ୍ୟ ତୁଲାଇଥାନ୍ତି । ଜନ ସମାଗମକୁ ଆଖି ଆଗରେ ରଖି ୨୦ଟି ନଳକୂପ ବସା ଯାଇଥିବା ବେଳେ ୪ଟି ପାଣି ଟ୍ୟାଙ୍କର ବ୍ୟବସ୍ଥା କରାଯାଇଥିବା ଜଣାଯାଇଛି । ବିଶୃଙ୍ଖଳା ସମ୍ପର୍କରେ ଜାଣିବା ପାଇଁ ଯାତ୍ରା ପଡ଼ିଆର ବିଭିନ୍ନ ସ୍ଥାନରେ ସିସି କ୍ୟାମେରା ଲଗାଯାଇଛି । ପରିଚାଳନା କମିଟିରେ ଏକ କାର୍ଯ୍ୟ ନିର୍ଘଣ୍ଟ ଏବଂ କେଉଁ ମାନେ କେଉଁ ଦାୟିତ୍ୱରେ ରହିବେ ତାହା ନିର୍ଦ୍ଧାରଣ କରାଯାଇଛି ।

## ଗାଡ଼ି ଦେବା ନାଁରେ ୧୨ଲକ୍ଷ ଠକେଇ: ଦଲାଲକୁ ବାନ୍ଧିଲା ପୋଲିସ

ଭୁବନେଶ୍ୱର(ନିପ୍ର): ଗାଡି ଦେବା ନାଁରେ ୧୨ଲକ୍ଷ ଟଙ୍କା ଠକେଇ କରି ଫେରାର ଥିବା ଜଣେ ଦଲାଲକୁ ଗିରଫ କରିଛି ବଡଗଡ ଥାନା ପୋଲିସ । ଗିରଫ ଦଲାଲ ଜଣଙ୍କ ହେଲେ ଜଗତସିଂହପୁର ଜିଲ୍ଲା ବିରାଙ୍ଗର ଜଗନ୍ନାଥ ଦାସ(୩୪) । ତାଙ୍କୁ ମଙ୍ଗଳବାର ଦିନ କୋର୍ଟଚାଲାଣ କରାଯାଇଛି । ଅଭିଯୋଗକାରୀ ଅନ୍ନଦା ଶଙ୍କର ପଟ୍ଟନାୟକଙ୍କ ଲିଖିତ ରିପୋର୍ଟ ଆଧାରରେ ବଡଗଡ ଥାନା ପୋଲିସ ତରଫରୁ ଉପରୋକ୍ତ ଠକେଇ ମାମଲା ରୁଜୁ କରାଯାଇ ତଦନ୍ତ କରାଯିବା ସହ ଅଭିଯୁକ୍ତ ଜଗନ୍ନାଥ ଦାସଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି । ସୂଚନାଯୋଗ୍ୟ ଯେ,ଅଭିଯୋଗକାରୀ ଅନ୍ନଦା ଶଙ୍କର ପଟ୍ଟନାୟକ ଟଙ୍କାପାଣି ଅଞ୍ଚଳରେ ରହୁଥିବା ବେଳେ, ପୁରୀ ବାଇପାସ୍ ରୋଡ୍‌ରେ ଅବସ୍ଥିତ "ନାଇସ୍ ମୋଟର"ର ମାଲିକ ଜଗନ୍ନାଥ ଦାସଙ୍କୁ ଏକ ସେକେଣ୍ଡ ହ୍ୟୁଣ୍ଡ କାର କିଣିବା ପାଇଁ ମୋଟ ୧୧ଲକ୍ଷ ୯୮ ହଜାର ୨ଶହ ୬୦ ଟଙ୍କା ଦେଇଥିଲେ । ପ୍ରଥମେ ସେ ଅଭିଯୁକ୍ତଙ୍କୁ ୭ଲକ୍ଷ ଟଙ୍କା ଦେଇଥିଲେ ଏବଂ ପରେ ଏକ ଭଲ ଗାଡି ଦେବାର ପ୍ରତିଶ୍ରୁତି ଦେଇ ଅଭିଯୁକ୍ତ ଜଣକ ଏସବିଆଇ କ୍ରେଡିଟ୍ କାର୍ଡ ମାଧ୍ୟମରେ ୪ଲକ୍ଷ୯୨ ହଜାର ୨ଶହ ୬୦ ଟଙ୍କା ଅଧିକ ନେଇଥିଲେ । ଏହାସହ ମାଲିକାନା ପରିବର୍ତ୍ତନ ପାଇଁ ମଧ ୬ ହଜାର ଟଙ୍କା ନେଇଥିଲେ । ମୋଟ ୧୧ ଲକ୍ଷ୯୮ ହଜାର ୨ଶହ ୬୦ ଟଙ୍କା ନେବା ପରେ ଅଭିଯୁକ୍ତ ଜଗନ୍ନାଥ ଦାସ ଅଭିଯୋଗକାରୀଙ୍କୁ ଗାଡି ହସ୍ତାନ୍ତର କରିଥିଲେ । କିନ୍ତୁ ପରେ ସେହି ଗାଡିଟି ଏକ ଦୁର୍ଘଟଣାଗ୍ରସ୍ତ ଗାଡି ଏବଂ ତାହାର ମାଲିକାନା ସଠିକ ଭାବରେ ପରିବର୍ତ୍ତନ ହୋଇନଥିବା ଅଭିଯୋଗକାରୀ ଜାଣିବାକୁ ପାଇଥିଲେ । ତେଣୁ ସେ ଅଭିଯୁକ୍ତଙ୍କୁ ଗାଡିଟି ଫେରାଇ ଦେଇ ତାଙ୍କ ଟଙ୍କା ଫେରସ୍ତ ଦେବାକୁ ଦାବି କରିଥିଲେ । ଏହି ଘଟଣାକୁ ନେଇ ଅଭିଯୋଗକାରୀ ଗତ ୨୦୨୪ ଜୁଲାଇ ୬ ତାରିଖରେ ବଡଗଡ ଥାନାରେ ଲିଖିତ ଅଭିଯୋଗ ମଧ କରିଥିଲେ । ପୋଲିସ ହସ୍ତକ୍ଷେପ ପରେ ଅଭିଯୁକ୍ତ ଜଗନ୍ନାଥ ଦାସ ଭିଯୋଗକାରୀଙ୍କ ନିକଟରୁ ନେଇଥିବା ମୋଟ ଟଙ୍କାରୁ ମାତ୍ର ୬ଲକ୍ଷ ୧୦ ହଜାର ଟଙ୍କା ଫେରସ୍ତ ଦେଇଥିବା ବେଳେ, ଅବଶିଷ୍ଟ ୫ଲକ୍ଷ ୯୦ ହଜାର ଟଙ୍କା ଆଉ ଫେରାଇନଥିଲେ । ଫଳରେ ଅଭିଯୋଗକାରୀ ଏନେଇ ଥାନାର ଦ୍ୱାରସ୍ଥ ହୋଇଥିଲେ । ତଦନ୍ତ ସମୟରେ ପୁଲିସ ଅଭିଯୁକ୍ତ ଜଗନ୍ନାଥ ଦାସଙ୍କୁ ଆଜି ସକାଳେ ଗିରଫ କରିଥିବା ବେଳେ, ସେ ନିଜର ଅପରାଧ ସ୍ୱୀକାର କରିଥିଲେ । ଅଭିଯୁକ୍ତ ଜଗନ୍ନାଥ ଦାସ ଜଣେ ଅଭ୍ୟାସଗତ ଅପରାଧୀ ହୋଇଥିବା ବେଳେ, ତାଙ୍କ ନାମରେ ବଡଗଡ ଥାନାରେ ଆହୁରି ମଧ ୪ଟି ଠକେଇ ମାମଲା ରହିଛି । ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଜାରି ରହିଛି ।

## ଶ୍ରମିକଙ୍କ ବକେୟା ପ୍ରାପ୍ୟ ଦାବିରେ ଧାରଣା ଓ ପ୍ରତିବାଦ ସଭା

କଟକ(ନିପ୍ର): ଆଠଗଡ଼ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଖୁଣ୍ଟୁଣି ସ୍ଥିତ କର୍ମା ରି-ରୋଲସର ମନମୁଖୀ କାର୍ଯ୍ୟ ଏବଂ ଏହି କାରଖାନାକୁ ଷଡଯନ୍ତ୍ର କରି ବନ୍ଦ କରିବା ପ୍ରତିବାଦ ଏବଂ ଏହି କାରଖାନାର ଶ୍ରମିକମାନଙ୍କୁ ସେମାନଙ୍କର ବକେୟା ପ୍ରାପ୍ୟ ଦାବି କରି ଭାରତୀୟ ମଜଦୁର ସଂଘ ସହବନ୍ଧିତ କର୍ମା ରି-ରୋଲସର ଶ୍ରମିକ ସଂଘ ପକ୍ଷରୁ ସ୍ଥାନୀୟ କ୍ୟାଣ୍ଟୋନମେଣ୍ଟ ଛକ ସ୍ଥିତ ଯୁଗ୍ମ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଚି । ଏହି ସଭାରେ କର୍ମା ରି-ରୋଲସର ଶ୍ରମିକ ସଂଘର ଶତାଧିକ ଶ୍ରମିକମାନେ ବିକ୍ଷୋଭରେ ସାମିଲ ହୋଇଥିଲେ । ସଂଘର ସଭାପତି ତଥା ଭାରତୀୟ ମଜଦୁର ସଂଘର ରାଜ୍ୟ ଉପସଭାପତି ସାନ୍ତ୍ୱନୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏହି ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିବାଦ ସଭାରେ ରାଜ୍ୟ କର୍ମକର୍ତ୍ତା ବସନ୍ତ ସାହୁ, ଅଶୋକ ସ୍ୱାଇଁ, ମୁକ୍ତିକାନ୍ତ ସାହୁ ଓ ମନୋଜ ବସନ୍ତରାୟ ପ୍ରମୁଖ ଉଦବୋଧନ ଦେଇଥିଲେ । ଶ୍ରମିକମାନଙ୍କୁ ସେମାନଙ୍କ ପ୍ରାପ୍ୟ ଦରମା ପ୍ରଦାନ କରିବା ପାଇଁ ଶ୍ରମ ବିଭାଗ ଏ କ୍ଷେତ୍ରରେ ହସ୍ତକ୍ଷେପ କରି କଂପାନୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପ୍ରତିବାଦ ସଭାରେ ବକ୍ତାମାନେ ଦାବି କରିଥିଲେ । ଶେଷରେ କର୍ମା ରି-ରୋଲସର ଶ୍ରମିକ ସଂଘ ପକ୍ଷରୁ ଯୁଗ୍ମ ଶ୍ରମ ଆୟୁକ୍ତଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା ।

### ଗଞ୍ଜାମ ୩୬୦ ଆଭିମୁଖ୍ୟ କାର୍ଯ୍ୟକ୍ରମ ଓ ତାଲିମ

## ଶିକ୍ଷା, ସ୍ୱାସ୍ଥ୍ୟ ଓ ସୁଶାସନର ଗୁଣାତ୍ମକ ମାନ ବୃଦ୍ଧି ପାଇଁ ପ୍ରୟାସ

ବ୍ରହ୍ମପୁର(ନିପ୍ର): ଗଞ୍ଜାମ ୩୬୦ ଆଭିମୁଖ୍ୟ କାର୍ଯ୍ୟକ୍ରମ ଓ ତାଲିମ କର୍ମଶାଳା ସ୍ଥାନୀୟ ଋଷିକୂଲ୍ୟା ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ଓ୍ୱି କୀର୍ତ୍ତି ଓ୍ୱାସନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହା ମାଧ୍ୟମରେ ଗଞ୍ଜାମ ଜିଲ୍ଲାର କାର୍ଯ୍ୟକାରୀ ହେଉଥିବା ଜନ କଲ୍ୟାଣକାରୀ କାର୍ଯ୍ୟକ୍ରମ ଗୁଡିକର ସଫଳ ଓ ତ୍ୱରିତ ରୂପାୟନ କରିବାର ଲକ୍ଷ୍ୟ ରଖାଯାଇଛି ।



ଜିଲ୍ଲାର ମେଧାବୀ ଛାତ୍ରଛାତ୍ରୀ ମାନଙ୍କୁ ଭାରତୀୟ ପ୍ରଶାସନିକ ସେବା ଏବଂ ଓଡିଶା ପ୍ରଶାସନିକ ସେବା ଭଳି ପ୍ରତିଯୋଗିତା ମୂଳକ ପରୀକ୍ଷା ପାଇଁ ଲକ୍ଷ୍ୟ ନିକେତନ ମାଧ୍ୟମରେ ଅଭିଜ୍ଞ ଆଇଏଏସ୍, ଆଇପିଏସ୍ ଏବଂ ଅବସରପ୍ରାପ୍ତ ଅଧିକାରୀମାନଙ୍କ ଦ୍ୱାରା ମାଗଣା କୋଚିଂ, ସ୍କୁଲ ଏବଂ ଛାତ୍ରଛାତ୍ରୀଙ୍କ ତଥ୍ୟ ଓ ଶିକ୍ଷା ଅଗ୍ରଗତି ତଦାରଖ ଗଞ୍ଜାମ ୩୬୦ ଆପ ମାଧ୍ୟମରେ କରାଯିବାର ଲକ୍ଷ୍ୟ ରଖାଯାଇଛି । ଛାତ୍ରଛାତ୍ରୀଙ୍କ ଉପସ୍ଥାନଠାରୁ ଆରମ୍ଭ କରି ସେମାନଙ୍କର ପରୀକ୍ଷାଫଳ ପର୍ଯ୍ୟନ୍ତ ସବୁକିଛି ଏହି ପୋର୍ଟାଲ ମାଧ୍ୟମରେ ଟ୍ରାକ କରାଯାଇପାରିବ । ସ୍କୁଲରେ ଦିଆଯାଉଥିବା ମଧ୍ୟାହ୍ନ ଭୋଜନ, ପାନୀୟ ଜଳ, ଶୌଚାଳୟର ପରିଚ୍ଛନ୍ନତା, ଏବଂ ଅନ୍ୟାନ୍ୟ ସୁବିଧାର ସ୍ଥିତି କିପରି ଅଛି ତାହା ଅଧିକାରୀ ମାନେ ତଦାରଖ କରି ଏହି ମୋବାଇଲ୍ ଆପ୍‌ରେ ଲିପିବଦ୍ଧ କରାଯିବାର ଲକ୍ଷ୍ୟ ରଖାଯାଇଛି । ସରକାରୀ କର୍ମଚାରୀମାନଙ୍କୁ ଦିଆଯାଇଥିବା ବିଭିନ୍ନ କାର୍ଯ୍ୟ କେତେଦୂର ଆଗେଇଛି, ତାହାର ଡିଜିଟାଲ ରିପୋର୍ଟିଂ ଏଠାରେ କରାଯିବ । ଜନସାଧାରଣଙ୍କ ମତାମତ ଏବଂ ବିଭିନ୍ନ ଯୋଜନାର ତୃଣମୂଳ ସ୍ତରରେ ସ୍ଥିତି ଜାଣିବା ପାଇଁ ଏହି ଆପ୍ ମାଧ୍ୟମରେ ସର୍ଭେ କରାଯିବ । ଏହି ଆପ୍‌ର ସଫଳ ଓ ପାରଦର୍ଶୀ ବ୍ୟବହାର ଗଞ୍ଜାମ ଜିଲ୍ଲାର ବିକାଶ ଧାରାକୁ ତ୍ୱରାନ୍ୱିତ କରିବ ବୋଲି ଜିଲ୍ଲାପାଳ କୀର୍ତ୍ତି ଓ୍ୱାସନ୍ ଆଶାବ୍ୟକ୍ତ କରିଛନ୍ତି । ଅଧିକାରୀମାନେ ଯେତେବେଳେ କୌଣସି ସ୍କୁଲ, ଅଙ୍ଗନୱାଡି କିମ୍ବା ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିବେ ସେମାନଙ୍କୁ ସେହି ସ୍ଥାନରୁ ଗଞ୍ଜାମ ୩୬୦ ଆପ୍ ମାଧ୍ୟମରେ ତଥ୍ୟ ଅପଲୋଡ୍ କରିବାକୁ ହେବ । ଶିକ୍ଷା, ସ୍ୱାସ୍ଥ୍ୟ ଓ ସୁଶାସନ ଦିଗରେ ଏହା ଏକ ନୂତନ ପ୍ରୟାସ । ଗଞ୍ଜାମ ୩୬୦ ଆପ୍ କିପରି ଡାଉନଲୋଡ୍ କରାଯାଇପାରିବ ଓ ଏହାକୁ କିପରି ବ୍ୟବହାର କରାଯିବ ସମସ୍ତ ବିଷୟରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ସମୀର କୁମାର ଜେନା ଜିଲ୍ଲାର ସମସ୍ତ ତହସିଲଦାର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଅତିରିକ୍ତ ତହସିଲଦାର ଓ ଅନ୍ୟାନ୍ୟ ଅଧିକାରୀମାନଙ୍କୁ ତାଲିମ୍ ପ୍ରଦାନ କରିଥିଲେ ।

## ବ୍ରାଉନସୁଗାର ସହ ନିଶା ବେପାରୀ ଗିରଫ

ଜଟଣୀ(ନିପ୍ର): ଏକ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନାକୁ ଆଧାରକରି ଜଟଣୀ ଥାନାଧିକାରୀ ଷ୍ଟାଲିନ ବିଶ୍ୱାଳଙ୍କ ନିର୍ଦ୍ଦେଶ କ୍ରମେ ଥାନାର ଏକ ସ୍ପେଶାଲ ଟିମ୍ ବୁଢ଼ାପଡା ଖେଳ ପଡିଆ ନିକଟରେ ଅତର୍କିତ ଚଢଉ କରିବା ସହ ବେଆଇନ ବ୍ରାଉନ ସୁଗାର ବିକ୍ରି ଅଭିଯୋଗରେ ସାଗର ମୁଣ୍ଡା ନାମକ ଜଣେ ଅଭିଯୁକ୍ତଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ । ଛାନଭିନ ସମୟରେ ପୁଲିସ ଟିମ ଅଭିଯୁକ୍ତ ସାଗର ମୁଣ୍ଡାଙ୍କ ନିକଟରୁ ୧୦ ଗ୍ରାମ ଓଜନର ବ୍ରାଉନ ସୁଗାର ଜବତ କରିଥିଲେ । ପଚରାଉଚରା ବେଳେ, ଅଭିଯୁକ୍ତ ସାଗର ଏହି ବ୍ରାଉନ ସୁଗାର ବ୍ୟବସାୟ ଗତ କିଛିଦିନ ହେବ ନିୟମିତ ଭାବେ କରିଆସୁଥିବା ବେଳେ ପୁରୀ ଅଞ୍ଚଳରୁ ସଂଗ୍ରହ କରି ଆଣି ଜଟଣୀ ଅଞ୍ଚଳର ଯୁବଗୋଷ୍ଠୀଙ୍କୁ ବିକ୍ରୟ କରୁଥିବା ପ୍ରକାଶ କରିଥିଲେ । ଏହି ଘଟଣାକୁ କେନ୍ଦ୍ରକରି ଜଟଣୀ ଥାନା ପୁଲିସ ୧୬୫/୨୬ରେ ଏକ ବେଆଇନ ବ୍ରାଉନ ସୁଗାର ବିକ୍ରିଜନିତ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ସାଗର ମୁଣ୍ଡାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ଅଭିଯୁକ୍ତ ସାଗର ମୁଣ୍ଡା ପୂର୍ବରୁ ମଧ୍ୟ ରାଉରକେଲା ଜିଆରପି ଥାନା ଓ ପ୍ଲାଣ୍ଟସାଇଟ ଥାନାର ୨ଟି ମାମଲାରେ ଜଡ଼ିତ ଥିବା ଜଣାପଡିଛି । ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଚାଲୁ ରହିଛି ।




ଭୁବନେଶ୍ୱର: 'ଡବଲ ଇଂଜିନ ଡବଲ ଧୋକା' ବିରୋଧରେ ବିଜେଡି ପକ୍ଷରୁ ବିକ୍ଷୋଭ (ଫଟୋ-ଦିନଲିପି)

# ସ୍ୱାନିସ ପାରା ବ୍ୟାଡମିଣ୍ଟନରେ କୁଳଦୀପଙ୍କୁ ବ୍ରୋଞ୍ଜ ପଦକ



କୁଚିଣ୍ଡା,୭/୪(ନିପ୍ର): ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ୍ ଭୋଜପୁରର କୁଳଦୀପ ମହାକୁଳ ସ୍ୱାନିସ ପାରା ବ୍ୟାଡମିଣ୍ଟନ ଇଣ୍ଟରନ୍ୟାସନାଲ ୨୦୨୬ରେ ଓଡ଼ିଶାର ଦୀପ ରଞ୍ଜନ ବିଶୋଇ ପୁରୁଷ ଡବଲ୍ସ ଏସଏଲ ୩-ଏସୟୁ ୫ରେ କୁଳଦୀପ ମହାକୁଳଙ୍କୁ ସାଥି କରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସୂଚନା ଅନୁସାରେ ବ୍ୟାଡମିଣ୍ଟନ ୱାର୍ଲ୍ଡ ଫେଡେରେସନ (ଡବ୍ଲ୍ୟୁଏଫ) ଆନୁକୂଲ୍ୟରେ ସ୍ପେନରେ ମାର୍ଚ୍ଚ ୧୬ ରୁ ୨୨ ପର୍ଯ୍ୟନ୍ତ ହୋଇଥିବା ଅନ୍ତର୍ଜାତୀୟ ପାରା ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ କୁଳଦୀପ ନିଜର ଜଲୱା ଦେଖାଇ ଡବଲ ମିକ୍ସରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ନିଜର କଠିନ ପରିଶ୍ରମ ଓ ଅଦମ୍ୟ ଇଚ୍ଛାଶକ୍ତି ବଳରେ ସେ ଆଜି ଯୁବପିଢ଼ିଙ୍କ ପାଇଁ ପ୍ରେରଣାର ଉତ୍ସ ସାଜିଛନ୍ତି। ୨୧ ବର୍ଷୀୟ କୁଳଦୀପ ବର୍ତ୍ତମାନ କେଶାଇବାହାଲ ବାସୁଦେବ ଗୋଦାବରୀ ଡିଗ୍ରୀ କଲେଜ ବିଜ୍ଞାନ ବିଭାଗର ଶେଷ ବର୍ଷ ଛାତ୍ର ଅଟନ୍ତି। କୁଳଦୀପ କୁଚିଣ୍ଡା ନିକଟ ଭୋଜପୁର ନିବାସୀ ରମାକାନ୍ତ ମହାକୁଳ ଓ ସୁପ୍ରଭା ମହାକୁଳଙ୍କ ସୁପୁତ୍ର ଅଟନ୍ତି। କୁଳଦୀପ ସରକାରୀ ସହଯୋଗ ମିଳିଲେ ବିଶ୍ୱର ବିଭିନ୍ନ ଦେଶରେ ହେବାକୁ ଥିବା ଆନ୍ତର୍ଜାତିକ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରି ସ୍ୱର୍ଣ୍ଣ ପଦକ ହାସଲ କରିବାର ଲକ୍ଷ୍ୟ ରଖିଛନ୍ତି ବୋଲି କହନ୍ତି। ତାଙ୍କର ଏହି ସଫଳତା ଖବର ପ୍ରସାରିତ ହେବା ପରେ ବିଭିନ୍ନ ମହଲରୁ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି।

# ଖୋର୍ଦ୍ଧାରୋଡ଼ ରେଳ ମଣ୍ଡଳର ଭିତ୍ତିଭୂମି ବିକାଶରେ ଉଲ୍ଲେଖନୀୟ ଅଭିବୃଦ୍ଧି



କଟଣୀ, ୭/୪(ନିପ୍ର): ପୂର୍ବତଟ ରେଳପଥର ଖୋର୍ଦ୍ଧାରୋଡ଼ ମଣ୍ଡଳ ୨୦୨୫-୨୬ ଆର୍ଥିକ ବର୍ଷରେ ଭିତ୍ତିଭୂମି ଏବଂ ଯାତ୍ରୀ ସୁବିଧା କ୍ଷେତ୍ରରେ ଅପୂର୍ବ ସଫଳତା ହାସଲ କରିଛି। ସୁରକ୍ଷା, କ୍ଷମତା ବୃଦ୍ଧି ଏବଂ ଯାତ୍ରୀମାନଙ୍କ ଉନ୍ନତ ସେବା ପ୍ରଦାନ ଦିଗରେ ବିଭାଗର ଅଟଳ ପ୍ରତିବଦ୍ଧତାକୁ ଏହା ପୁନର୍ବାର ପ୍ରମାଣିତ କରେ । କପିଳାସ ରୋଡ଼-ନିର୍ଗୁଣ୍ଡି ମଧ୍ୟରେ ଥିବା ୧୭୪ ନମ୍ବର ଲେଭଲ୍ କ୍ରସିଂରେ ଏକ ରୋଡ୍ ଓଭର ବ୍ରିଜ୍ କାର୍ଯ୍ୟକ୍ଷମ ହୋଇଛି। ଏହାସହ ଦୁଇଟି ମାନବ ଚାଳିତ ଲେଭଲ୍ କ୍ରସିଂକୁ ବନ୍ଦ କରାଯାଇ ରେଳ ଚଳାଚଳକୁ ଅଧିକ ନିରାପଦ କରାଯାଇଛି। ଯାତ୍ରୀମାନଙ୍କ ସୁବିଧା ପାଇଁ ୬ଟି ନୂତନ ଫୁଟ୍ ଓଭର ବ୍ରିଜ୍ ନିର୍ମାଣ କରାଯାଇଛି। ଏଥିମଧ୍ୟରେ ଇଚ୍ଛାପୁରମ୍ ଠାରେ ଏକ ୧୨ ମିଟରରୁ ଅଧିକ ଚଉଡ଼ା ବିଶିଷ୍ଟ ବ୍ରିଜ୍ ଏବଂ ସୁକିନ୍ଦା, ନୟାଭାଗୀରଥିପୁର, ନୟାଗଡ଼ ଟାଉନ୍, ଗୋଳବାଇ ଓ ସୁମ୍ମାଦେବୀ ଷ୍ଟେସନରେ ୫ଟି ବ୍ରିଜ୍ ଅନ୍ତର୍ଭୁକ୍ତ ପ୍ରାୟ ୧୫୨.୮୫୫ କିଲୋମିଟର ରେଳପଥରେ ଟ୍ରେନର ଗତି ୧୧୦ କିଲୋମିଟର ପ୍ରତି ଘଣ୍ଟାକୁ ବୃଦ୍ଧି କରାଯାଇଛି । ସାଳଗାଁ-ରାଜାଆଠଗଡ଼, ଢେଙ୍କାନାଳ-ହିନ୍ଦୋଳ, ମଞ୍ଚେଶ୍ୱର-ଭୁବନେଶ୍ୱର ,ନୟାଗଡ଼ ଟାଉନ୍- ନୂଆଗାଁ ଏବଂ -ନୂଆଗାଁ-ଦଶପଲ୍ଲା ଭଳି ଗୁରୁତ୍ୱପୂର୍ଣ୍ଣ ରୁଟ୍‌ରେ ଏହି ସଫଳତା କାର୍ଯ୍ୟ ହୋଇଥିବାରୁ ପରିଚାଳନା କ୍ଷମତା ବୃଦ୍ଧି ସହ ଯାତ୍ରା ସମୟ କମିଛି। ଏହି ବର୍ଷ ମଧ୍ୟରେ ୪୬.୨୩୦ କିଲୋମିଟର ଦୋହରୀକରଣ, ତୃତୀୟ ଏବଂ ଚତୁର୍ଥ ଲାଇନ୍ କାର୍ଯ୍ୟକ୍ଷମ ହୋଇଛି।

# ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିଦ୍ୟାଳୟଗୁଡ଼ିକ ପାଇଁ ଅଧିକ ଜମି ଅଧିଗ୍ରହଣ କରାଯିବ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୭/୪(ନିପ୍ର):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ମାନସ ସନ୍ତାନ ବୋଲାଉଥିବା ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପ୍ରକଳ୍ପର କଳେବର ସମ୍ପର୍କରେ ଆଜି ଲୋକସେବା ଭବନଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପାଇଁ ଜାଗା ନିରୁପଣ, ବିଦ୍ୟାଳୟ ବିଲ୍ଡିଂର ଢାଞ୍ଚା ସମେତ ଖେଳ ପଡିଆ ନିର୍ମାଣ, ମଲ୍ଟି ପର୍ପଜ ହଲ ନିର୍ମାଣ ବିଷୟରେ ବୈଠକରେ ଆଲୋଚନା ହୋଇଥିଲା । ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିଦ୍ୟାଳୟମାନଙ୍କ ପାଇଁ ଅଧିକ ଜମି ଅଧିଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ବୈଠକରେ କହିଥିଲେ। ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ ମିଶ୍ର, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଡ. ଏନ୍. ତିରୁମାଳା ନାଏକ. ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ଶାସନ ସଚିବ ଅନୁପମ୍ ସାହା, ଓସେପା ନିର୍ଦ୍ଦେଶିକା ଅନନ୍ୟା ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ଓଡ଼ିଶା ରାଜ୍ୟ ଆଇନ ଆୟୋଗଙ୍କ ବାର୍ଷିକ ରିପୋର୍ଟ ଓ ନୂତନ ୱେବ୍‌ସାଇଟ୍ ଉନ୍ମୋଚିତ

**ଭୁବନେଶ୍ୱର, ୭/୪(ନିପ୍ର):** ରାଜ୍ୟ ସରକାର ଯେଉଁ ଲକ୍ଷ୍ୟ ଓ ଅଭିମୁଖ୍ୟ ନେଇ ଓଡ଼ିଶା ରାଜ୍ୟ ଆଇନ ଆୟୋଗ ଗଠନ ପରିକଳ୍ପନା କରିଥିଲେ। ତାହାର ଏକ ବର୍ଷ ପୂର୍ତ୍ତି ସହ ରାଜ୍ୟ ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ଭାବେ ଲିପିବଦ୍ଧ ହୋଇ ରହିବ । ମଙ୍ଗଳବାର ଆଇନ ଆୟୋଗ ଗଠନର ଏକ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ଉତ୍ସବରେ ଯୋଗଦେଇ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଲେ ଯେ ଦେଶ ସ୍ୱାଧୀନତାକୁ ଅନେକ ବର୍ଷ ବିତିଥିଲେ ମଧ୍ୟ ଅନେକ ଅଦରକାରୀ ଆଇନ ଏବେ ବି ବଳବତ୍ତର ରହିଛି । ତେବେ ମଧ୍ୟସ୍ଥତା ଆଇନ ପ୍ରଣୟନ, ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ ଆଦିର ପ୍ରଣୟନ ଆଜି ଯୁଗୋପଯୋଗୀ ସାବ୍ୟସ୍ତ ହୋଇଛି । ସେହିପରି ଓଡ଼ିଶା ରାଜ୍ୟ ଆଇନ ଆୟୋଗ



ଗଠନ ପରେ ୨୮୮ଟି ଅଦରକାରୀ ଆଇନ ପ୍ରତ୍ୟାହର ସହ ୮ଟି ପ୍ରମୁଖ ଆଇନ ସଂଶୋଧନ ପାଇଁ ପ୍ରସ୍ତାବ ଆସିଛି । ଏହା ଆଇନ ବ୍ୟବସ୍ଥାରେ ସୁଧାର ଆଣିବା ସହ ବିକଶିତ ଓଡ଼ିଶା ଗଠନ ସ୍ୱପ୍ନକୁ ପୂରଣ କରିବା ସହ ଓଡ଼ିଆ ଅସ୍ମିତାକୁ ଏକ ନୂଆ ଦିଗ ପ୍ରଦାନ କରିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଥିଲେ । ସେ କହିଥିଲେ ଯେ ଏହି ୱେବ୍‌ସାଇଟ୍ ପାରଦର୍ଶିତା ସୁନିଶ୍ଚିତ କରିବ ଏବଂ ଆଇନ ସଂଶୋଧନରେ ସାଧାରଣ ଲୋକଙ୍କ ଅଂଶଗ୍ରହଣକୁ ପ୍ରୋତ୍ସାହନ ଦେବ । ଏଥି ସହିତ ଏହା ରାଜ୍ୟ ଆଇନଗୁଡ଼ିକର ଆଧୁନିକୀ କରଣକୁ ତ୍ୱରାନ୍ୱିତ କରିବାରେ ସହାୟକ ହେବ । ସେହିପରି ବାର୍ଷିକ ରିପୋର୍ଟ ହେଉଛି ଆୟୋଗର ସତ୍ୟନିଷ୍ଠ ପ୍ରୟାସ ଏବଂ ସମର୍ପଣର ପ୍ରତିଫଳନ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଉଲ୍ଲେଖ କରିଥିଲେ । ଏହି ଅବସରରେ ଆଇନ ଆୟୁକ୍ତ ନ୍ୟାୟମୂର୍ତ୍ତି ବିଶ୍ୱନାଥ ରଥ ଓଡ଼ିଶା ରାଜ୍ୟ ଆଇନ ଆୟୋଗ ଗଠନ, କାର୍ଯ୍ୟଧାରା ଏବଂ ଲକ୍ଷ୍ୟ ପୂରଣ ଦିଗରେ କରିଥିବା କାର୍ଯ୍ୟ ବିଷୟରେ ନିଜର ବକ୍ତବ୍ୟ ରଖିଥିଲେ । ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ପବିତ୍ର ମୋହନ ସାମଲ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ଆଇନ ଆୟୋଗର ସଦସ୍ୟ ସୂର୍ଯ୍ୟ ପ୍ରସାଦ ମିଶ୍ର, ସୌର ଚନ୍ଦ୍ର ମହାପାତ୍ର, ପ୍ରଫେସର ଲଳିତ କୁମାର ଦେବ ଏବଂ ସଦସ୍ୟ ସଚିବ ଗଙ୍ଗାଧର ସେଠୀଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ଓ ଓଡ଼ିଶା ରାଜ୍ୟ ଆଇନ ଆୟୋଗଙ୍କ ଅଧିକାରୀମାନେ ଉପସ୍ଥିତ ଥିଲେ ।

## କାକଟପୁର ଅଧିଷ୍ଠାତ୍ରୀ ଦେବୀ ମଙ୍ଗଳାଙ୍କ ପ୍ରସିଦ୍ଧ ଝାମୁଯାତ୍ରା

# ରାଜରାଜେଶ୍ୱରୀ ବେଶରେ ଦର୍ଶନ ଦେଲେ ମା'

## ମହିଳା ସ୍ୱାବଲମ୍ବୀ ହେଲେ ଦେଶର ପ୍ରଗତି ହେବ: ପ୍ରଭାତୀ ପରିଡା

କାକଟପୁର,୭/୪(ନିପ୍ର): ବୈଶାଖ ମାସ ପ୍ରଥମ ମଙ୍ଗଳବାରରେ କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ଶେଷ ପାଳି ଯାତ୍ରାରେ ମା'ଙ୍କ ପ୍ରସିଦ୍ଧ ଝାମୁ ଯାତ୍ରା ଅନୁଷ୍ଠିତ ହେବା ସହ ଗାଁ ଗଣ୍ଡାରେ ମହିଳାଙ୍କ ଦ୍ୱାରା ମା' ମଙ୍ଗଳାଙ୍କ ଉଦ୍ଦେଶ୍ୟରେ ଚାଲିଥିବା ପନ୍ଥେଇ ଓଷା ଶେଷ ହୋଇଛି । ଏହି ଅବସରରେ ମା' ମଙ୍ଗଳାଙ୍କୁ ରାଜରାଜେଶ୍ୱରୀ ବେଶରେ ଦର୍ଶନ କଲେ ହଜାରହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସହ ଉପମୁଖ୍ୟ ମନ୍ତ୍ରୀ ପ୍ରଭାତୀ ପରିଡ଼ା । ଚୈତ୍ର ମାସ ପ୍ରଥମ ମଙ୍ଗଳବାରରେ ମା ମଙ୍ଗଳାଙ୍କ ନେତ୍ରୋତ୍ସବ ଠାରୁ ଆରମ୍ଭ ହୋଇ ଥିବା ମା"ଙ୍କ ପାଳିଯାତ୍ରା ପଞ୍ଚମ ମଙ୍ଗଳବାରରେ ଝାମୁଯାତ୍ରା ପରେ ଏହି ପାଳିଯାତ୍ରା ଶେଷ ହୋଇଛି । ସାଧାରଣତଃ ଚୈତ୍ର ମାସର ପ୍ରଥମ ମଙ୍ଗଳବାରରୁ ମା'ଙ୍କ ପାଳି ଯାତ୍ରା ଆରମ୍ଭ ହୋଇ ବୈଶାଖ ମାସ ପ୍ରଥମ ମଙ୍ଗଳବାର ପର୍ଯ୍ୟନ୍ତ ପଞ୍ଚମ ପାଳିରେ ମାଙ୍କ ପାଳିଯାତ୍ରା ଶେଷ ହେବା ସହ ମାଙ୍କ ଝାମୁ ଯାତ୍ରା ଅନୁଷ୍ଠିତ ହୋଇଥାଏ । ଭୋର ୩ ଟାରୁ ମାଙ୍କର ସ୍ନାନ ମାର୍ଜଣା, ସୂର୍ଯ୍ୟପୂଜା,ଦ୍ୱାରପାଳ ପୂଜା ଓ ମାଙ୍କ ରାଜା ରାଜେଶ୍ୱରୀ ବେଶ ପରେ ଭୋର ୪ ଟାରେ ପହଡ ଖୋଲିଥିଲା । ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁମାନେ ପ୍ରତ୍ୟୁଷରୁ ଆସି ମାଙ୍କ ଦର୍ଶନ ସହ ଝାମୁ ଯାତ୍ରାରେ ସାମିଲ ହୋଇଥିଲେ । କାକଟପୁର ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ 'ସୁଭଦ୍ରା ଶକ୍ତି ମେଳାକୁ ଉଦ୍‌ଘାଟନ କରି ରାଜ୍ୟ ସରକାରଙ୍କ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି । ଆହୁରି କହିଥିଲେ, ୨୦୩୬ ସୁଦ୍ଧା ଏକ ସମୃଦ୍ଧ ଓଡ଼ିଶା ଗଠନ ଏବଂ ୨୦୪୭ ସୁଦ୍ଧା ଓଡ଼ିଶାକୁ ବିକଶିତ ଭାରତର ବିକାଶ ଇଞ୍ଜିନ କରିବା ଆମର ଲକ୍ଷ୍ୟ । ଏହି ଲକ୍ଷ୍ୟ ପୂରଣ ହେବ ଯେତେବେଳେ ଆମର ଲକ୍ଷ ଲକ୍ଷ ସୁଭଦ୍ରା ମା'ମାନଙ୍କ ଶକ୍ତିର ଜାଗରଣ ଆସିବା ସହିତ ସେମାନେ ସଶକ୍ତ ହେବେ ଏବଂ ବିକାଶର ପ୍ରତ୍ୟେକ କ୍ଷେତ୍ରରେ ସେମାନଙ୍କ ମୂଲ୍ୟବାନ ଯୋଗଦାନ ରହିବ। ସେହି ଲକ୍ଷ୍ୟ ହାସଲ ପାଇଁ ସୁଭଦ୍ରା ଯୋଜନା ହେଉଛି ଏକ ନିଆରା ମଡେଲ ।





## ମୋହନ ଭାଗବତ ଦେଲେ ଏକତାର ବାର୍ତ୍ତା

# ସନ୍ଥ ମଲୁକଙ୍କ ମହୋତ୍ସବର କଲେ ଶୁଭାରମ୍ଭ



ମଥୁରା, ୭।୪: ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସଏସ)ର ସରସଂଘ ଚାଳକ ଡା. ମୋହନ ଭାଗବତ ମଙ୍ଗଳବାର ଦିନ ବୃନ୍ଦାବନର ମଲୂକପୀଠ ଆଶ୍ରମରେ ଆୟୋଜିତ ସନ୍ତମଲୂକ ଦାସଜୀ ମହାରାଜଙ୍କ ୪୫୨ତମ ଜୟନ୍ତୀ ମହୋତ୍ସବରେ ଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ ।ସେ ସନ୍ଥ ଶିରୋମଣି ମଲୂକଦାସ ମହାରାଜଙ୍କ ସମାଧିରେ ପୂଜା-ଅର୍ଚ୍ଚନା କରିଥିଲେ ଏବଂ ସେଠାର ଦିବ୍ୟଧୂଳିକୁ ନିଜ ମାଥାରେ ଲଗାଇଥିଲେ। ସେ ଏକତାର ବାର୍ତ୍ତା ମଧ୍ୟ ଦେଇଥିଲେ । ଆରଏସଏସର ସରସଂଘଚାଳକ ଡା. ମୋହନ ଭାଗବତଙ୍କ ମଲୂକପୀଠ ଆଶ୍ରମପହଞ୍ଚିବା ସମୟରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା । ଅନୁଷ୍ଠାନରେ ପୂଜା-ଅର୍ଚ୍ଚନା ପରେ ସେ ମଞ୍ଚରୁ ସନ୍ଥମାନଙ୍କ ସହ ଏକତାର ବାର୍ତ୍ତା ଦେଇଥିଲେ। ଏହି ଆୟୋଜନର ବିଶେଷତା ବିଷୟରେ କହି ସେ ଏହାର ଗୁରୁତ୍ୱକୁ ଉଲ୍ଲେଖ କରିଥିଲେ।

# ବଜେଟ ନାଗରିକଙ୍କ ସ୍ୱପ୍ନ ପୂରଣର ରୋଡମ୍ୟାପ୍ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୭।୪(ନିପ୍ର):** ବଜେଟ କେବଳ ଆୟ-ବ୍ୟୟର ତାଲିକା ନୁହେଁ। ବରଂ ଏହା ଓଡ଼ିଶାର ସମଗ୍ର ଉନ୍ନତି ସହ ପ୍ରତ୍ୟେକ ନାଗରିକଙ୍କ ସ୍ୱପ୍ନ ପୂରଣର ଏକ ସୁଦୃଢ଼ ରୋଡମ୍ୟାପ୍। ରାଜ୍ୟସ୍ତରୀୟ ବଜେଟ ସଚେତନତା କର୍ମଶାଳା 'ଆମେ ଜାଣିବା, ଆମ ବଜେଟ' ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବଜେଟ୍ ରାଜ୍ୟର ଦୀର୍ଘମିଆଦୀ ଭିଜନ୍ ସହ ସମନ୍ୱିତ ହୋଇ ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନର ମୂଳ ଭିତ୍ତିକୁ ସୁଦୃଢ଼ କରିବ । ଚଳିତ ବଜେଟ୍ରେ କାର୍ଯ୍ୟକ୍ରମ ଓ ଯୋଜନା ମିଶି ୩୧ଟି ନୂଆ ପଦକ୍ଷେପ ନିଆଯାଇଛି । ଏହି ବଜେଟରେ ମୋଟ ୩ ଲକ୍ଷ ୧୦ ହଜାର କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିବାବେଳେ ପୁଞ୍ଜି ବ୍ୟୟକୁ ବିଶେଷ ଗୁରୁତ୍ୱ ଦିଆଯାଇଛି । ଚଳିତ ବର୍ଷର ବଜେଟ, ବିଗତ ବର୍ଷର ବଜେଟ ଅଟକଳ ଠାରୁ ୭ ପ୍ରତିଶତ ଅଧିକ । ୨୦୩୬ ସୁଦ୍ଧା ଓଡ଼ିଶାକୁ ୫୦୦ ବିଲିଅନ ଆମେରିକୀୟ ଡଲାର ଏବଂ ୨୦୪୭ ସୁଦ୍ଧା ୧.୫ ଟ୍ରିଲିଅନ ଡଲାରର ଅର୍ଥନୀତିରେ ପରିଣତ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି । ଏହା ଅସମ୍ଭବ ଲାଗୁଥିଲେ ମଧ୍ୟ ଅସମ୍ଭବକୁ ସମ୍ଭବ କରିବାର ସାମର୍ଥ୍ୟ ଓଡ଼ିଆ ମାନଙ୍କ ପାଖରେ ଅଛି ଏବଂ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଶୀର୍ବାଦରେ ଏହା ନିଶ୍ଚିନ୍ତ ରୂପେ ସମ୍ଭବ ହେବ ।



# ନାଲ୍‌କୋ ପକ୍ଷରୁ ଅଲ୍‌ଇଣ୍ଡିଆ ପବ୍ଲିକ୍ ସେକ୍ଟର ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଆୟୋଜିତ

**ଭୁବନେଶ୍ୱର, ୭/୪(ନିପ୍ର):** ଭୁବନେଶ୍ୱରରେ ମଙ୍ଗଳବାର ଅଲ୍ ଇଣ୍ଡିଆ ପବ୍ଲିକ୍ ସେକ୍ଟର ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି । ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧୀନସ୍ଥ ନବରତ୍ନ ଲୋକ ଉଦ୍ୟୋଗ ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲକୋ) ଏହି ମର୍ଯ୍ୟାଦାଜନକ ଜାତୀୟସ୍ତରୀୟ ଇଭେଣ୍ଟ ଆୟୋଜନ କରୁଛି। ନାଲକୋ ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ ଏହି ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ। ଉଦ୍ଘାଟନ ସମାରୋହରେ ପଙ୍କଜ କୁମାର ଶର୍ମା, ନିର୍ଦ୍ଦେଶକ (ଉତ୍ପାଦନ), ଡକ୍ଟର ତାପସ କୁମାର ପଟ୍ଟନାୟକ, ନିର୍ଦ୍ଦେଶକ (ମାନବସମ୍ବଳ), ଅଭୟ କୁମାର ବେହୁରିଆ, ନିର୍ଦ୍ଦେଶକ (ଅର୍ଥ), ଅନିଲ କୁମାର ସିଂହ, ନିର୍ଦ୍ଦେଶକ (ବାଣିଜ୍ୟିକ) ଏବଂ ଅଖିଳ ଭାରତୀୟ ସାର୍ବଜନୀନ କ୍ଷେତ୍ର କ୍ରୀଡା ନିୟନ୍ତ୍ରଣ ବୋର୍ଡର ବରିଷ୍ଠ ଅଧିକାରୀମାନଙ୍କ ସହିତ ବିଭିନ୍ନ ପିଏସୟୁର ପ୍ରତିନିଧି ଏବଂ ନେତୃତ୍ୱ ମଧ୍ୟ ଉପସ୍ଥିତ ଥିଲେ। ସମାବେଶକୁ ସମ୍ବୋଧିତ କରି ବ୍ରିଜେନ୍ଦ୍ର ପ୍ରତାପ ସିଂହ ଶାରୀରିକ ସୁସ୍ଥତା ଏବଂ ମାନସିକ ସୁସ୍ଥତା ବୃଦ୍ଧି କରିବା ସହିତ ଦଳଗତ ମନୋଭାବକୁ ସୁଦୃଢ଼ କରିବା, ନେତୃତ୍ୱ ଗୁଣାବଳୀ ବୃଦ୍ଧି କରିବା ଏବଂ ଏକ ପ୍ରେରଣାଦାୟକ କର୍ମଶକ୍ତି ଗଠନ କରିବାରେ କ୍ରୀଡାର ଭୂମିକା ସମ୍ବନ୍ଧରେ ମତ ପୋଷଣ କରିଥିଲେ। କ୍ରୀଡା ମାଧ୍ୟମରେ ଶୃଙ୍ଖଳା, ସ୍ଥିରତା ଏବଂ ସହଯୋଗ ତଥା ସାଂଗଠନିକ ଉତ୍କର୍ଷତା ହାସଲ ଦିଗରେ ସେ ଗୁରୁତ୍ୱାରୋପ କରିଥିଲେ। ସେ ନାଲକୋରେ କ୍ରୀଡାର ପ୍ରୋତ୍ସାହନ ନିମନ୍ତେ ସ୍ଥାୟୀ ପ୍ରତିବଦ୍ଧତାକୁ ମଧ୍ୟ ଦୋହରାଇଥିଲେ।




# ଶିଶୁକଥା ଦିବସରେ ୧୮,୦୦୦ ବର୍ଣ୍ଣବୋଧ ଓ ଶିଶୁଲେଖା ପୁସ୍ତକ ବଣ୍ଟନ



**ଭୁବନେଶ୍ୱର, ୭/୪(ନିପ୍ର):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଏପ୍ରିଲ ୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେଉଛି ଓଡ଼ିଆ ପକ୍ଷ। ଓଡ଼ିଆ ପକ୍ଷ ପାଳନର ସପ୍ତମ ଦିବସକୁ "ଶିଶୁକଥା ଦିବସ" ଭାବେ ପାଳନ କରାଯାଇଛି। ଶିଶୁ କଥା ଦିବସ ପାଳନ ହେବା ଅବସରରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ରହିଥିବା ପ୍ରାଥମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କୁ "ବର୍ଣ୍ଣବୋଧ" ଏବଂ "ଶିଶୁଲେଖା" ପୁସ୍ତକ ପ୍ରଦାନ କରାଯାଇଥିଲା। ଏଥିସହ ବିଶିଷ୍ଟ ବ୍ୟକ୍ତିବିଶେଷ ଏବଂ ବରିଷ୍ଠ ନାଗରିକମାନଙ୍କୁ "ଭାଗବତ" ପୁସ୍ତକ ପ୍ରଦାନ କରାଯାଇଥିଲା। ମଙ୍ଗଳବାର ଶିଶୁକଥା ଦିବସରେ ରାଜ୍ୟର ବିଭିନ୍ନ ପ୍ରାଥମିକ ବିଦ୍ୟାଳୟରେ ପ୍ରାୟ ୧୮,୦୦୦ "ବର୍ଣ୍ଣବୋଧ" ଏବଂ "ଶିଶୁଲେଖା" ପୁସ୍ତକ ବଣ୍ଟନ କରାଯାଇଛି। ଏଥିସହ ୨,୦୦୦ ଭାଗବତ ପୁସ୍ତକ ବଣ୍ଟାଯାଇଛି। ନବରଙ୍ଗପୁର ଜିଲ୍ଲା ଉମରକୋଟର ପିଏମଶ୍ରୀ ସଦାଶିବ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ହୋଇଥିବା "ଶିଶୁକଥା ଦିବସ" ଉତ୍ସବରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଶିଶୁକଥା ଦିବସ ପାଳନ ହେବା ଅବସରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବର୍ଣ୍ଣବୋଧ ଏବଂ ଶିଶୁଲେଖା ପୁସ୍ତକ ବଣ୍ଟନ ହେବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ ମତପ୍ରକାଶ କରିଥିଲେ। ରାଜ୍ୟରେ ରହିଥିବା ବିଭିନ୍ନ ବେସରକାରୀ ବିଦ୍ୟାଳୟ, ବେସରକାରୀ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନରେ ମଧ୍ୟ "ଶିଶୁକଥା ଦିବସ" ପାଳନ କରାଯାଇଛି। ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରଚାର ଏବଂ ପ୍ରସାର ସହ ଓଡ଼ିଆ ସଂସ୍କୃତି, ପରମ୍ପରା ଏବଂ ବିଭିନ୍ନ ଲୋକବାଣୀ ସମ୍ବନ୍ଧରେ ଯେପରି ଛାତ୍ରଛାତ୍ରୀମାନେ ଅବଗତ ହୋଇପାରିବେ, ତାହାକୁ ଲକ୍ଷ୍ୟ ରଖି ରାଜ୍ୟବ୍ୟାପୀ ଆଜି "ଶିଶୁକଥା ଦିବସ" ପାଳନ କରାଯାଇଛି। ସୂଚନାଯୋଗ୍ୟ ଯେ, ଆସନ୍ତାକାଲି ଓଡ଼ିଆ ପକ୍ଷ ପାଳନର ଅଷ୍ଟମ ଦିନ ଅର୍ଥାତ ଏପ୍ରିଲ ୮ ତାରିଖ ଦିନ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ "ରକ୍ତଦାନ ଅଭିଯାନ"ର ଆୟୋଜନ କରାଯିବ।



# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ କେନ୍ଦ୍ର ମନ୍ତ୍ରୀ ଜୁଏଲ୍ ଓରାମ

## ୩ଟି ପ୍ରସଙ୍ଗରେ କଲେ ଆଲୋଚନା

**ଭୁବନେଶ୍ୱର, ୭/୪(ନିପ୍ର):** କେନ୍ଦ୍ର ମନ୍ତ୍ରୀ ଜୁଏଲ୍ ଓରାମ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଛନ୍ତି । କେନ୍ଦ୍ର ମନ୍ତ୍ରୀ ତିନୋଟି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରିଛନ୍ତି । ରାଉରକେଲା ଇସ୍ପାତ କାରଖାନାର ସମ୍ପ୍ରସାରଣ, ରାଉରକେଲା ବିମାନ ବନ୍ଦର ସଂପ୍ରସାରଣ ଏବଂ ରାଷ୍ଟ୍ରପତିଙ୍କ ଗସ୍ତ ସମ୍ପର୍କରେ ଆଲୋଚନା ହୋଇଛନ୍ତି । ରାଉରକେଲା ଇସ୍ପାତ କାରଖାନାର ସମ୍ପ୍ରସାରଣ ପାଇଁ ଜମି ଅଧିଗ୍ରହଣ ନିମନ୍ତେ ସରକାରଙ୍କ ସହିତ ଆଲୋଚା ହୋଇଛି । ଏଥିପାଇଁ ପୂର୍ବରୁ ମଧ୍ୟ ଉଚ୍ଚ ସ୍ତରୀୟ ବୈଠକ ବସିଥିଲା । କାମର ଅଗ୍ରଗତି ଥିବା କେନ୍ଦ୍ର ମନ୍ତ୍ରୀ କହିଛନ୍ତି । ସେହିପରି ରାଉରକେଲା ବିମାନ ବନ୍ଦର ସଂପ୍ରସାରଣ ପାଇଁ ଜମି ଅଧିଗ୍ରହଣ ନେଇ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା ରହିଛି । ଆସନ୍ତା ୨୧ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦିନିକିଆ ରାଉରକେଲା ଗସ୍ତରେ ଆସି ପାରନ୍ତି । ଏହା ଚୂଡ଼ାନ୍ତ ହୋଇ ନାହିଁ । ରାଷ୍ଟ୍ରପତିଙ୍କ ରାଉରକେଲା ଗସ୍ତ ପାଇଁ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ମନ୍ତ୍ରୀ ଶ୍ରୀ ଓରାମଙ୍କ ମଧ୍ୟରେ ଆଲୋଚନା ହୋଇଛି ।

# ଆଜିଠୁ କନ୍ଧମାଳ ଲୋକ ମହୋତ୍ସବ

କନ୍ଧମାଳ, ୭/୪(ନିପ୍ର): ଅପ୍ରେଲ ୮ ରୁ ୧୯ ପର୍ଯ୍ୟନ୍ତ ଦୀର୍ଘ ୧୨ ଦିନ ବ୍ୟାପୀ ସ୍ଥାନୀୟ କରୋନେସନ୍ ପଡିଆଠାରେ ଦ୍ୱିତୀୟ କନ୍ଧମାଳ ଲୋକ ମହୋତ୍ସବ ଓ ବାଣିଜ୍ୟମେଳା ଅନୁଷ୍ଠିତ ହେବ । କନ୍ଧମାଳ ଜିଲ୍ଲାର କଳା ସଂସ୍କୃତି ପରମ୍ପରାକୁ ବଜାୟ ରଖିବା ସହ ବାଣିଜ୍ୟକୁ ପାଥେୟ କରି ଭାଇଚାରା ଓ ସମନ୍ୱୟର ବାର୍ତ୍ତା ପ୍ରଚାର କରିବା ଉଦ୍ଦେଶ୍ୟରେ ଏହି ମେଳା ଅନୁଷ୍ଠିତ ହେବାକୁ ଯାଉଛି। ଫୁଲବାଣୀ ସହରର କୋରୋନେସନ ପଡ଼ିଆଠାରେ ଦ୍ୱିତୀୟ କନ୍ଧମାଳ ଲୋକ ମହୋତ୍ସବ ଓ ବାଣିଜ୍ୟ ମେଳା ୨୦୨୬ ଅନୁଷ୍ଠିତ ହେବ ।

## ଆଜି ଆସିବ ଏମପିସି ସମୀକ୍ଷା ବୈଠକ ଫଳାଫଳ

ନୂଆଦିଲ୍ଲୀ,୭।୪: ପଶ୍ଚିମ ଏସିଆରେ ସଙ୍କଟ ମଧ୍ୟରେ, ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ମୁଦ୍ରା ନୀତି କମିଟି (ଏମପିସି)ର ତିନିଦିନିଆ ସମୀକ୍ଷା ବୈଠକ ଦ୍ୱିତୀୟ ଦିନରେ ମଧ୍ୟ ଜାରି ରହିଛି ।ମଙ୍ଗଳବାର 'ଏକ୍ସ' ରେ ଏକ ପୋଷ୍ଟ ମାଧ୍ୟମରେ ଜାରି ଏକ ବିବୃତିରେ, ଆର୍‌ବିଆଇ କହିଛି ଯେ ମୁଦ୍ରା ନୀତି ଘୋଷଣା ଏପ୍ରିଲ ୮, ୨୦୨୬ ପାଇଁ ସ୍ଥିର କରାଯାଇଛି । କେନ୍ଦ୍ରୀୟ ବ୍ୟାଙ୍କ ଆହୁରି ସୂଚନା ଦେଇଛି ଯେ ଗଭର୍ଣ୍ଣର ସଞ୍ଜୟ ମଲୋହୋତ୍ରା ବୁଧବାର ସକାଳ ୧୦:୦୦ ଟାରେ ବୈଠକର ଫଳାଫଳ ଘୋଷଣା କରିବେ।

## ତୃଣମୂଳ ଶାସନ ପାଇଁ ଦକ୍ଷତା ବିକାଶ କର୍ମଶାଳା

ଭୁବନେଶ୍ୱର,୭।୪(ପିଆଇବି): ଦେଶବ୍ୟାପୀ ପାଳନ କରାଯାଉଥିବା ସାଧନା ସପ୍ତାହ (୨-୮ ଏପ୍ରିଲ, ୨୦୨୬) ଅଧୀନରେ ଭୁବନେଶ୍ୱର କୃଷିଭବନଠାରେ 'ତୃଣମୂଳ ଶାସନ ପାଇଁ ଦକ୍ଷତା ବିକାଶର ପୁନଃକଳ୍ପନା' ଶୀର୍ଷକରେ ଏକ ଉଚ୍ଚସ୍ତରୀୟ କର୍ମଶାଳା ଆୟୋଜିତ ହୋଇଯାଇଛି। କ୍ୟାପାସିଟି ବିଲଡିଂ କମିଶନ (ସିବିସି), କର୍ମଚାରୀ ଚୟନ ଓ ପ୍ରଶିକ୍ଷଣ ବିଭାଗ, କର୍ମଯୋଗୀ ଭାରତ ଏବଂ ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କର୍ମଶାଳାରେ ବରିଷ୍ଠ ନୀତିନିର୍ମାତା, ସରକାରୀ ଅଧିକାରୀ, ରାଜ୍ୟ ଗ୍ରାମୀଣ ବିକାଶ ପ୍ରତିଷ୍ଠାନ (ଏସଆଇଆରଡି), ନାଗରିକ ସମାଜ ସଂଗଠନ, ପଞ୍ଚାୟତିରାଜ ସଂସ୍ଥାର ପ୍ରତିନିଧିମାନେ ଯୋଗଦେଇ ନିୟମିତ ଶିକ୍ଷଣ, ନବସୃଜନ ଓ ପ୍ରଯୁକ୍ତି ଭିତ୍ତିକ କ୍ଷମତା ବିକାଶ ମାଧ୍ୟମରେ ତୃଣମୂଳ ସ୍ତରରଶାସନକୁ ସୁଦୃଢ଼ କରିବା ଉପରେ ଆଲୋଚନା କରିଥିଲେ। ଏସବୁ ଆଲୋଚନା ସାଧନା ସପ୍ତାହର ବିଷୟ 'ପ୍ରଯୁକ୍ତି, ପରମ୍ପରା ଓ ଦୃଶ୍ୟମାନ ଫଳାଫଳ' ସହ ମେଳ ଖାଉଥିଲା।


## ସେଲ ଡିଡ୍ ହଜିଛି

ମୁଁ ଶିବଶଙ୍କର ସାହୁ, ପିତା-ବିଶ୍ୱନାଥ ସାହୁ, ଗ୍ରାମ-ଶ୍ରୀଚନ୍ଦନପୁରପଡା, ପୋ-ବାନକୋଇ, ଥାନା-ବୋଲଗଡ, ଜିଲ୍ଲା-ଖୋର୍ଦ୍ଧା ନୋଟାରୀ ପବ୍ଲିକ ଖୋର୍ଦ୍ଧାଙ୍କ ସତ୍ୟପାଠ ନଂ୧୭୭ ତାରିଖ ୧୩.୦୩.୨୦୨୬ଙ୍କ ଜରିଆରେ ଘୋଷଣା କରୁଛି କି, ମୁଁ ଗୋଟେ ଜମି ଢିହଖଉରାଟର ରାଜେନ୍ଦ୍ର କୁମାର ସାମନ୍ତରାୟ ପିତା-ମିନକେତନ ସାମନ୍ତରାୟଙ୍କ ପାଖରୁ ୧୬.୦୧.୨୦୨୬ ତାରିଖରୁ କିଣିଛି । ଯାହାର ସେଲ ଡିଡ୍ ନଂ୧୧୬୨୬୦୦୦୫୧ ଏବଂ ଏହାକୁ ରାଜେନ୍ଦ୍ର କୁମାର ସାମନ୍ତରାୟ ବିଶ୍ୱଜିତ ପଟ୍ଟନାୟକଙ୍କ ଠାରୁ କିଣିଥିଲେ । ସେ ତାଙ୍କ ସେଲ ଡିଡ ନଂ ୧୧୬୨୬୦୦୦୫୧ କେଉଁଆଡେ ହଜାଇଦେଇଛନ୍ତି । ବହୁତ ଚେଷ୍ଟା ସତ୍ତ୍ୱେ ସେଲ ଡିଡ ମିଳିନଥିଲା । ଏହି ସତ୍ୟପାଠ ଆଉଗୋଟେ ଡକ୍ୟୁମେଂଟର ନକଲ ବାହାର କରିବା ପାଇଁ କରାଯାଇଛି ।

ସ୍ୱା/-ଶିବଶଙ୍କର ସାହୁ

## AFFIDAVIT

By virtue of an affidavit sworn before The Executive Magistrate, Banpur on dt.30.03.2026, I Pabitra Behera S/o-Kuber Behera of Vill-Badapatana Sahi, bhimpur, Po-Bhimpur, Ps-Banpur, Dist-Khurda, Odisha, Pin-752031, declare that I have changed my name from Pabitra Kumar Behera to Pabitra Behera. Henceforth I shall be known as Pabitra Behera for all purposes.

Sd/-PABITRA BEHERA


Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ

ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ